Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 62
Wednesday, 6 May 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୬ ମଇ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଗୁଜରାଟରୁ ପୁଞ୍ଜିନିବେଶ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫/୫ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ତିନି ଦିନିଆ ଗୁଜରାଟ ଗସ୍ତ ଆରମ୍ଭ କରିଛନ୍ତି । ଆଜି ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ସେ ଶିଳ୍ପପତିମାନଙ୍କୁ ଭେଟି ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି । ନିବେଶକମାନଙ୍କ ପସନ୍ଦ ପାଲଟିଥିବା ଓଡ଼ିଶାରେ ନିବେଶ କରିବାକୁ ସେ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି । ନିବେଶକମାନେ ଓଡ଼ିଶାର ରସାୟନ, ଗ୍ଲାସ୍ ? ଓ ଉପକରଣ, ଧାତବ ଭଳି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ପୁଞ୍ଜିନିବେଶ ଆଣିବାକୁ ଯାଇଥିବା ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍‌କୁ ଅହମଦାବାଦରେ ଭବ୍ୟ ସ୍ୱାଗତ କରାଯାଇଥିଲା । ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଅସାହି ସଙ୍ଘ୍ୱିନ କଲର୍ସ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଗୋକୁଳ

ଜୟକୃଷ୍ଣ, ଅତୁଲ ଲିମିଟେଡ୍‌ର ନିସ୍ପା ଲାଲଭାଇ, ନିର୍ମା ଲିମିଟେଡ୍‌ର କର୍ସନଭାଇ ପଟେଲ, ଆରଏମ୍‌ଟିଏଲ୍‌ର ପ୍ରକାଶ ସାଂଘଭି ଓ ବାରୋସିଲ୍ ଲିମିଟେଡ୍‌ର ସିଇଓ ମେଲ୍‌ୱିନ ମୋସେସ୍ ସାକ୍ଷାତ କରିଥିଲେ । ଗୁଜରାଟ ଗସ୍ତ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟବାସୀଙ୍କ କଲ୍ୟାଣ ଓ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆମ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ରାଜ୍ୟର ଶିଳ୍ପ ସମୃଦ୍ଧି ଓ ଆମ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆମର ସର୍ବୋଚ୍ଚ ପ୍ରାଥମିକତା । ସେହି ସଂକଳ୍ପକୁ ସାକାର କରିବା ପାଇଁ ନିବେଶକମାନଙ୍କୁ ଆକୃଷ୍ଟ କରି ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତିକୁ ଆହୁରି ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମୁଁ ଗୁଜରାଟ ଗସ୍ତରେ ଆସିଛି । ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀଙ୍କୁ ଓଡ଼ିଶାର ଶିଳ୍ପ ସାମର୍ଥ୍ୟ ସହ ପରିଚିତ କରାଇବା ଏବଂ ସେମାନଙ୍କୁ ଆମ ରାଜ୍ୟର ଏହି ଅପରାଜେୟ ବିକାଶ ଯାତ୍ରାରେ ସହଭାଗୀ କରାଇବା ଏହି ଗସ୍ତର ମୂଳ ଅଭିପ୍ରାୟ। ଆମର ଯୁବଶକ୍ତିଙ୍କ ପାଇଁ ନିଜ ମାଟିରେ ହିଁ ସମ୍ମାନଜନକ ଜୀବିକାର ସୁଯୋଗ ସୃଷ୍ଟି କରିବା ସହ ଏକ ସମୃଦ୍ଧ ଓ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏହି ପଦକ୍ଷେପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ବେଙ୍ଗଲରେ ବିଜେପି ବିଧାୟକ ଦଳ ନେତା ନିର୍ବାଚନ; ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସହ-ପର୍ଯ୍ୟବେକ୍ଷକ

ଭୁବନେଶ୍ୱର, ୫/୫ (ଆ.ପ୍ର) : ପଶ୍ଚିମବଙ୍ଗରେ ବିଜେପି ବିଧାୟକ ଦଳ ନେତା ନିର୍ବାଚନ ପାଇଁ ଦଳର ସଂସଦୀୟ ବୋର୍ଡ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛି । ଏହା ସହିତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ରୀୟ ସହ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି ବିଜେପି ସଂସଦୀୟ ବୋର୍ଡ । ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରର ପତନ ଘଟିଛି । ବିଜେପି ଏଠାରେ ବିପୁଳ ବିଜୟ ହାସଲ କରିଛି । ସରକାର ଗଠନ ପାଇଁ ଏଠାରେ ମ୍ୟାଜିକ୍ ନମ୍ବର ୧୪୭ ହୋଇଥିବା ବେଳେ ଦଳକୁ ମିଳିଛି ୨୦୬ଟି ଆସନ । ୧୫ ବର୍ଷ ଧରି ସରକାରରେ ଥିବା ତୃଣମୂଳ କଂଗ୍ରେସ (TMC) ୮୦ଟି ଆସନ ଜିତିଛି । ଦଳର ମୁଖ୍ୟ ମମତା ବାନାର୍ଜୀ ନିଜେ ପରାସ୍ତ ହୋଇଛନ୍ତି । ନିଜର ଗଡ଼ ବୋଲି କହୁଥିବା ଭବାନୀପୁର ଆସନରୁ ବିଜେପିର ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫ ହଜାରରୁ ଅଧିକ ଭୋଟ୍‌ରେ ହାରିଛନ୍ତି ମମତା । କଂଗ୍ରେସ ଓ ବାମ ଦଳକୁ ୨ଟି ଲେଖାଏ ଆସନ ମିଳିଥିବା ବେଳେ ଅନ୍ୟାନ୍ୟ ୨ଟି ଆସନରେ ବିଜୟୀ ହୋଇଛନ୍ତି । ପଶ୍ଚିମବଙ୍ଗରେ ବିଜେପି ବିଜୟୀ ହେବା ପରେ ପ୍ରଥମ ଥର ପାଇଁ ସରକାର ଗଠନ କରିବାକୁ ଯାଉଥିବା ବେଳେ ଏବେ ଆଲୋଚନା ହେଉଛି ଯେ ଦଳ କାହାକୁ କରିବ ମୁଖ୍ୟମନ୍ତ୍ରୀ । ଏହି ରେସ୍‌ରେ ଅଛନ୍ତି ଟାଣୁଆ ନେତା ତଥା ମମତା ବାନାର୍ଜୀଙ୍କୁ ହରାଇଥିବା ଶୁଭେନ୍ଦୁ ଅଧିକାରୀ, ଦିଲ୍ଲୀପ ଘୋଷ, ପଶ୍ଚିମବଙ୍ଗ ବିଜେପି ସଭାପତି ସମୀକ ଭଟ୍ଟାଚାର୍ଯ୍ୟ, ରୂପା ଗାଙ୍ଗୁଲି ଓ ଅଗ୍ନିମିତ୍ର ପଲଙ୍କ ନାଁ ରହିଛି । ଅନ୍ୟପକ୍ଷରେ ଶପଥ ଗ୍ରହଣ ସମାରୋହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପ୍ରଥମଥର ପାଇଁ ବେଙ୍ଗଲରେ ବିଜେପି ସରକାର ଗଠନ କରିବାକୁ ଯାଉଥିବାରୁ ରାଜ୍ୟ ପରମ୍ପରାକୁ ଅଧିକ ଫୋକସ କରିଛି । ଆସନ୍ତା ୯ ତାରିଖ ହେଉଛି ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଦିନ ।ଏହି ଦିନ ବେଙ୍ଗଲରେ ନୂଆ ସରକାର ଶପଥ ଗ୍ରହଣ କରିବ । ବିଜେପି ଶପଥ ପାଠ ଉତ୍ସବର ତାରିଖ ଆଜି ଘୋଷଣା କରିଛି । ବେଙ୍ଗଲ ବିଧାନସଭା ନିର୍ବାଚନ ପ୍ରଚାରର ଶେଷ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବିଜେପି ସରକାର ରାଜ୍ୟରେ ଆସୁଥିବା ଉକ୍ତି କରିଥିଲେ । ଟାଗୋର ଜୟନ୍ତୀରେ ବିଜେପି ସରକାର ବେଙ୍ଗଲରେ ଶପଥ ନେବେ ବୋଲି ସଙ୍କେତ ଦେଇଥିଲେ । ସତକୁ ସତ ବିଜେପି ବେଙ୍ଗଲରେ ଐତିହାସିକ ବିଜୟ ହାସଲ କରିଛି ଓ ମେ' ୯ ଟାଗୋର ଜୟନ୍ତୀରେ ହିଁ ନୂଆ ସରକାର ଶପଥ ଗ୍ରହଣ କରିବେ ।

ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୮କୁ ବୃଦ୍ଧି ପାଇବ

ନୂଆଦିଲ୍ଲୀ, ୫/୫(ନ୍ୟୁ.ଏ): ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୮କୁ ବୃଦ୍ଧି କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ଆଜି ଏକ ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁପ୍ରିମ୍‌କୋର୍ଟରେ ପ୍ରଧାନ ବିଚାରପତିଙ୍କ ସମେତ ମୋଟ୍ ୩୪ ଜଣ ବିଚାରପତି ଅଛନ୍ତି । ସରକାର ଆଉ ୪ ଜଣ ବିଚାରପତି ବଢ଼ାଇବାକୁ ଚି ସୁପ୍ରିମ୍‌କୋର୍ଟ (ନମ୍ବର ଅଫ୍ ଜଜେସ୍) ଆକ୍ଟ ୧୯୫୬ର ସଂଶୋଧନ ପାଇଁ ସଂସଦରେ ଚି ସୁପ୍ରିମ୍‌କୋର୍ଟ (ନମ୍ବର ଅଫ୍ ଜଜେସ୍) ସଂଶୋଧନ ବିଲ୍, ୨୦୨୬ ଆଗତ କରିବା ପାଇଁ ଏକ ପ୍ରସ୍ତାବକୁ ଆଜି ଅନୁମୋଦନ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏକ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ସୁପ୍ରିମ୍‌କୋର୍ଟରେ ଯଦି ବିଚାରପତିଙ୍କ ସଂଖ୍ୟା ଆଉ ୪ ବଢ଼େ ତେବେ ପ୍ରଧାନ ବିଚାରପତିଙ୍କୁ ଛାଡ଼ିଦେଲେ ସୁପ୍ରିମ୍‌କୋର୍ଟରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୭ରେ ପହଂଚିବ । ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସୁପ୍ରିମ୍‌କୋର୍ଟ ଅଧିକ ପାରଦର୍ଶିତାର ସହ କାମ କରିବେ ଏବଂ ତ୍ୱରିତ ନ୍ୟାୟ ମିଳିପାରିବ । ଉଲ୍ଲେଖଯୋଗ୍ୟ, ୧୯୫୦ରେ ସୁପ୍ରିମ୍‌କୋର୍ଟ ଗଠନ ହେବା ସମୟରେ ପ୍ରଧାନ ବିଚାରପତିଙ୍କ ସମେତ ମୋଟ୍ ୮ ଜଣ ବିଚାରପତି ଥିଲେ । ୧୯୫୬ରେ ଏହି ସଂଖ୍ୟା ୧୧କୁ ବୃଦ୍ଧି ପାଇଥିଲା । ଏହାପରେ ୧୯୬୦ରେ ଏହା ୧୪କୁ ବୃଦ୍ଧି ପାଇଲା ଏବଂ ୧୯୭୭ରେ ୧୮କୁ ବୃଦ୍ଧି ପାଇଲା । ପରେ ୧୯୮୬ରେ ବିଚାରପତିଙ୍କ ସଂଖ୍ୟା ୧୮ରୁ ୨୬କୁ ବୃଦ୍ଧି ପାଇଲା । ୨୦୦୯ରେ ଏହି ସଂଖ୍ୟା ୩୧କୁ ବୃଦ୍ଧି ପାଇଲା ଏବଂ ୨୦୧୯ରେ ୩୧ରୁ ଏହା ୩୪କୁ ବୃଦ୍ଧି ପାଇଥିଲା । ନୂଆ ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ସୁପ୍ରିମ୍‌କୋର୍ଟରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୮ରେ ପହଂଚିବ ।

ହର୍ମୁଜ ପ୍ରଣାଳୀରେ ଇରାନର ୭ଟି ନୌକା ଧ୍ୱଂସ କଲା ଆମେରିକୀୟ ସେନା

ନୂଆଦିଲ୍ଲୀ, ୫/୫ (ଆ.ପ୍ର) : ହର୍ମୁଜ ପ୍ରଣାଳିରୁ ଇରାନର ଦବଦବା ହଟାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବିଶାଳ ସାମରିକ ଅଭିଯାନ 'ପ୍ରୋଜେକ୍ଟ ଫ୍ରିଡମ୍' ଆରମ୍ଭ କରିଛନ୍ତି । ଏହି ଅଭିଯାନ ଆଧାରରେ ଆମେରିକୀୟ ନୌସେନା ସୋମବାର ଇରାନର ସାତଟି ଦ୍ରୁତଗାମୀ ନୌକାକୁ ଧ୍ୱଂସ କରିଥିବା ବେଳେ ଏକାଧିକ କ୍ରୁଜ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣକୁ ବିଫଳ କରିଦେଇଛି । ଆମେରିକା ସେଂଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ ବ୍ରାଡ କୁପର ସୂଚନା ଦେଇଛନ୍ତି ଯେ, ଏହି ଅଭିଯାନରେ ୧୫୦୦୦ ଆମେରିକୀୟ ସୈନ୍ୟ, ଅତ୍ୟାଧୁନିକ ବିଧ୍ୱଂସକାରୀ ଯୁଦ୍ଧପୋତ, ଶହେରୁ ଅଧିକ ବିମାନ ଓ ସବମାରିନ୍ ସାମିଲ ରହିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକୀୟ କମାଣ୍ଡରମାନଙ୍କୁ ନିଜ ସୈନ୍ୟ ଓ ବ୍ୟବସାୟିକ ଜାହାଜଗୁଡ଼ିକୁ ସିରକ୍ଷା ଦେବା ପାଇଁ ପୂର୍ଣ୍ଣ ଅଧିକାର ଦିଆଯାଇଛି । ତେବେ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଫେବୃଆରୀ ୨୮ରୁ ଇରାନର ଅବରୋଧ ଯୋଗୁଁ ଅଟକି ରହିଥିବା ଅନ୍ତର୍ଜାତୀୟ ଜଳପଥକୁ ପୁନଃ ସଚଳ କରିବା । ଇରାନର ଧମକ ସତ୍ତ୍ୱେ ଆମେରିକା ବ୍ୟବସାୟିକ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯାତାୟାତ କରିବାକୁ ଉତ୍ସାହିତ କରୁଛି ଏବଂ ଏହାର ପ୍ରଭାବ ସ୍ୱରୂପ ବାଣିଜ୍ୟିକ ଚଳାଚଳ ଆରମ୍ଭ ହୋଇଥିବା ଆମେରିକା ଦାବି କରିଛି, କିନ୍ତୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଏହି ଦାବିକୁ ଖଣ୍ଡନ କରିବା ସହ ଆମେରିକୀୟ ଜାହାଜଗୁଡ଼ିକ ଚଳାଚଳ କରୁନଥିବା କହିଛି । ଅନ୍ୟପଟେ ହର୍ମୁଜରେ ଏକ ଦକ୍ଷିଣ କୋରିଆ ଜାହାଜ ଉପରେ ହୋଇଥିବା ବିସ୍ଫୋରଣକୁ ନେଇ ଟ୍ରମ୍ପ ପ୍ରତିକ୍ରିୟା ରଖିଛନ୍ତି ଯେ, ସମ୍ପୃକ୍ତ ଜାହାଜ ଏହି ଅଭିଯାନର ଅଂଶ ନଥିଲା ଏବଂ ଦକ୍ଷିଣ କୋରିଆକୁ ଏହି ସୁରକ୍ଷା ମିସନରେ ସାମିଲ ହେବା ଉଚିତ ।

ବିଜୁ ଜନତା ଦଳର ନୂତନ କର୍ମକର୍ତ୍ତା ଓ ଜିଲ୍ଲା ସଭାପତି ନିଯୁକ୍ତ

ଭୁବନେଶ୍ୱର, ୫/୫ (ଆ.ପ୍ର) : ଆଜି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ୮ଟି ଜିଲ୍ଲାର ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଆଜି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରିତ ବିଜ୍ଞପ୍ତିରେ ଏନେଇ ସୂଚିତ କରାଯାଇଛି । ଜାରି ବିଜ୍ଞପ୍ତି ଅନୁସାରେ, ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ରାଜେନ୍ଦ୍ର କୁମାର ସାହୁ, ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୌତମ ବୁଦ୍ଧ ଦାସ, ଅନୁଗୁଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନଳିନୀ କାନ୍ତ ପ୍ରଧାନ, ବୌଦ୍ଧ କାର୍ଯ୍ୟକାରୀ ସଭାପତି ମହିଧର ରଣା, ଢେଙ୍କାନାଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତମ ସାହୁ, କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି । ସେହିଭଳି ଅନ୍ୟ ଏକ ବିଜ୍ଞପ୍ତିରେ ଦଳର କାର୍ଯ୍ୟକର୍ତ୍ତାଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି । ଉପସଭାପତି ଭାବେ ବାଲେଶ୍ୱରର ରଘୁନାଥ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି । ନିକଟରେ ରଘୁନାଥ ମହାନ୍ତି ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ । ସେହିଭଳି ଜଗତସିଂହପୁରର ରଘୁନନ୍ଦନ ଦାସ, ବାଲେଶ୍ୱରର ଜୀବନପ୍ରଦୀପ ଦାସ, ବାରିପଦାର ସାନନ୍ଦ ମାରାଣ୍ଡି, କଟକ ସଦରର ଚନ୍ଦ୍ର ସାରଥୀ ବେହେରା, ସତ୍ୟବାଦୀର ରମା ରଞ୍ଜନ ବଳିଆରସିଂହଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ସାଧାରଣ ସମ୍ପାଦକ ଭାବେ ସୁଦର୍ଶନ ହରିପାଲ, ପ୍ରଦୀପ କୁମାର ସାହୁ, ସୁଜାତା ସାହୁ, ମନୋରମା ମହାନ୍ତି, ମାଧବ ଧଡ଼ା, ରୁପେଶ କୁମାର ପାଣିଗ୍ରାହୀ, ସୁନୀଲ ମହାନ୍ତି, ବିଶ୍ୱ ରଞ୍ଜନ ମଲ୍ଲିକ, ଅଭିମନ୍ୟୁ ସେଠୀ, ରୋହିତ ଯୋସେଫ୍ ତିର୍କି, ରୁଦ୍ର ପ୍ରତାପ ମହାରଥୀ, ପ୍ରମୋଦ ସାମଲ, କାଶୀନାଥ ହେମ୍ବ୍ରମ୍, ବିଷ୍ଣୁବ୍ରତ ରାଉତରାୟ, ଅବିନାଶ ସାମଲ, ଇଶ୍ୱର ପାଣିଗ୍ରାହୀ, ଗୋବର୍ଦ୍ଧନ ଦାସ, ମହମ୍ମଦ ତବ୍ଲୁ ସକିଲ, ସୁବାସ ଚନ୍ଦ୍ର ପାତ୍ର, ଜଗଦୀଶ ପାତ୍ର, ସୁରେନ୍ଦ୍ର ମହାପାତ୍ର, ଜଗବନ୍ଧୁ ଦାସ, ଶିଶିର ପରିଡ଼ା, ପ୍ରଶାନ୍ତ ନାୟକ, ଅମୀୟ ଦାସ, ବିପ୍ଳବ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ଏହା ବ୍ୟତୀତ ୪୪ଜଣଙ୍କୁ ସମ୍ପାଦକ ଓ ୧୧ ଜଣଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି ।

କଣାସରେ ଯୁବକଙ୍କୁ ବୁଲେଟ ଚଢାଇ ହତ୍ୟା ଉଦ୍ୟମ ଘଟଣା

ଅଭିଯୁକ୍ତଙ୍କୁ ଧରି ସିନ୍ ରିକ୍ରିଏସନ କଲା ପୁଲିସ

କଣାସ, ୫/୫ (ଆ.ପ୍ର) : କଣାସରେ ଯୁବକଙ୍କୁ ବୁଲେଟ ଚଢାଇ ହତ୍ୟା ଉଦ୍ୟମ ଘଟଣା । ଅଭିଯୁକ୍ତଙ୍କୁ ଧରି ସିନ୍ ରିକ୍ରିଏସନ କଲା ପୁଲିସ । ପୁଲିସ ଓ ସାଇ[ଣ୍ଟିଫିକ ଟିମକୁ ଡେମୋ ଦେଖାଇଲେ ୪ ଅଭିଯୁକ୍ତ । ଘଟଣାର ସିନ୍ ରିକ୍ରିଏସନ ବେଳେ ସୁରକ୍ଷା ଦୃଷ୍ଟିରୁ କଣାସ ବଜାରରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ପୁରୀ ଆଡିସନାଲ ଏସପି ସଚିନ ପଟେଲ, ପିପିଲି SDPO ଦେବାଶିଷ ମିଶ୍ର, କଣାସ ଥାନା ଅଧିକାରୀ ଶୁଭେନ୍ଦୁ ମହାନ୍ତି ଙ୍କ ସମେତ ପୋଲିସ ସ୍ପେଶାଲ ଟିମ ଉପସ୍ଥିତ ଥିଲେ । ଡେମୋ ଦେଖିବାପାଇଁ ଘଟଣା ସ୍ଥଳରେ ଲୋକମାନଙ୍କ ଭିଡ଼ ମଧ୍ୟ ଜମିଥିଲା । ସୂଚନାଯୋଗ୍ୟ ଯେ, ଗତ ରବିବାର ସକାଳେ ପିପିଲି କଣାସ ମୁଖ୍ୟରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ୫- ୭ ଯୁବକ । ଆକ୍ରମଣର ଶିକାର ହୋଇଥିଲେ କଣାସ ଦୋଳନ୍ଦା ଗାଁ'ର ମୃତ୍ୟୁଞ୍ଜୟ ଭାରିମଲ । ଦୁର୍ବୃତମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମୃତ୍ୟୁଞ୍ଜୟଙ୍କୁ ଗୋଡ଼ାଇ ଗୋଡ଼ାଇ ମାଛକଟା ପନିକିରେ ହାଣିପକାଇଥିଲେ । ଏଥିରେ ତାଙ୍କ ଡାହାଣ ହାତ ଓ ଡାହାଣ ଗୋଡ଼ ଆଣ୍ଠୁ ପାଖରୁ କଟିଯାଇଥିଲା । ଏହାପରେ ଅଭିଯୁକ୍ତମାନେ ମୃତ୍ୟୁଞ୍ଜୟଙ୍କ ଉପରେ ଏକ ବୁଲେଟ ଗାଡ଼ି ମଧ୍ୟ ଚଢ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ । ପ୍ରାୟ ଅଧଘ[ଣ୍ଟା]ରୁ ଅଧିକ ସମୟ ଧରି ଏଭଳି କ୍ଷତାକ୍ତ ଅବସ୍ଥାରେ ପଡ଼ିରହିଥିଲେ ମୃତ୍ୟୁଞ୍ଜୟ । ଘଟଣାସ୍ଥଳରେ ପୋଲିସ ପହଂଚି ତାଙ୍କୁ ମେଡିକାଲକୁ ପଠାଇଥିଲା । ଏବେବି ମୃତ୍ୟୁଞ୍ଜୟଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ପୁଲିସ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି । ଏଥସହ ଏହି ଘଟଣା ପାଇଁ କଣାସ ଥାନାରୁ ୩ ଜଣ ଏଏସଆଇଙ୍କ ସମେତ ଅନ୍ୟ ୫ଟି ଥାନାରୁ ୮ ଜଣ ଏଏସଆଇଙ୍କୁ ତଦର୍କି କରିଛନ୍ତି ଏସପି ।

ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୫/୫(ନ୍ୟୁ.ଏ): ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ । କାଗଜପତ୍ର, ପେଟେଂଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ଆଜି ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬' କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ(ଆର ଆଣ୍ଡ୍ ଡି) ଏବଂ ନବାଚାର ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠି ତିଆରି କରିଛନ୍ତି । ବର୍ତ୍ତମାନ ଦେଶରେ ସରକାର ଗବେଷଣାକୁ ବିଶେଷ ଭାବରେ ପ୍ରୋତ୍ସାହନ ଦେଉଛନ୍ତି । ତେବେ ଆଗାମୀ ଦିନରେ ଶିକ୍ଷ ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଆନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଇଆଇଟି ମାଡ୍ରାସ ଦ୍ୱାରା 'ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' (ଆଇଓଇ) ଢାଂଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ରର ଗବେଷଣା ଭିତିଭୂମି ଉପରେ ଆଧାରିତ । ଏଠାରେ ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଏବଂ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି । "ଫର୍ମ ଆଇଆଇଟିଏମ ଫର୍ ଭାରତ. ବର୍ଲ୍ଡ ଫ୍ରମ୍ ଇଣ୍ଡିଆ" ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି । ସେ ଆହୁରି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା 'ଗ୍ଲୋବାଲ ସାଉଥ୍' ପାଇଁ ଏକ ମଡେଲ ସାଜିବ । ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ । ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ଶିକ୍ଷା ସଚିବ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ ।

ଜେଲ ଗଲେ କେସିସି ବ୍ୟାଙ୍କ ମ୍ୟାନେଜର

ଜୟପୁର, ୫/୫ (ଆ.ପ୍ର) : ମାଲକାନଗିରି ଜିଲ୍ଲାର କେସିସି ବ୍ୟାଙ୍କରେ କୋଟିଏ ଟଙ୍କାରୁ ଅଧିକ ଆର୍ଥିକ ଅନିୟମିତତା ଘଟଣାରେ ବ୍ୟାଙ୍କ ବ୍ରାଂଚ ମ୍ୟାନେଜର ସୁଧାଂଶୁ ଖରାଙ୍କୁ ଭିଜିଲାନ୍ସ ଗିରଫ କରିଛି । ସୂଚନା ଅନୁଯାୟୀ, ଶସ୍ୟ ବିକ୍ରୟରୁ ଆସିଥିବା ଟଙ୍କା ବ୍ୟାଙ୍କରେ ଜମା ନକରି ଅନ୍ୟାନ୍ୟ ବ୍ୟକ୍ତିଙ୍କ ପାଖକୁ ପଠାଯାଇଥିବା ଅଭିଯୋଗ ଆସିଥିଲା । ଏହାକୁ ଗୁରୁତ୍ୱ ସହ କେସିସି ବ୍ୟାଙ୍କ ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା । ତଦନ୍ତରେ ଜଣାପଡିଛି ଯେ, ଫେବୃଆରୀ ଓ ମାର୍ଚ୍ଚ ମାସ ମଧ୍ୟରେ ସୁଧାଂଶୁ ଖରା ଲ୍ୟାମ୍ପ ଟଙ୍କାରୁ କୋଟିଏ ଟଙ୍କାରୁ ଅଧିକ ରାଶି ଆତ୍ମସାତ କରିଥିଲେ । ଏନେଇ ଭିଜିଲାନ୍ସ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଛି । ଏହି ଦୁଇଟି ମାମଲାରେ ସୁଧାଂଶୁ ଖରାଙ୍କୁ ଗିରଫ କରି ଆଜି କୋର୍ଟ ଚଲାଣ କରାଯାଇଛି । ତାଙ୍କୁ ରିମାଣ୍ଡରେ ନେବା ପାଇଁ ଭିଜିଲାନ୍ସ କୋର୍ଟରେ ଆବେଦନ କରିବ । ରିମାଣ୍ଡରେ ଆସିବା ପରେ ଆତ୍ମସାତ ହୋଇଥିବା ସମୁଦାୟ ରାଶି ଓ ଏହି ଘଟଣାରେ ଅନ୍ୟ କେହି ଜଡିତ ଅଛନ୍ତି କି ନାହିଁ, ସେନେଇ ଅଧିକ ତଦନ୍ତ କରାଯିବ ବୋଲି ଭିଜିଲାନ୍ସ ଏସପି ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA
ବୁଧବାର, ୬ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଶ୍ରୀବୈରାଗୀ ଶ୍ରୀକ୍ଷେତ୍ରକକ୍ଷ ସମାରୋହ ଉଦଯାପିତ

ଚିଲିକା, ୫/୫ (ଆ.ପ୍ର) : ଚେତନା ସଙ୍ଘ, ଅସୁରାଳି ଦେବୀ ଆଶ୍ରମ ଆନୁକୂଲ୍ୟରେ ଶ୍ରୀବୈରାଗୀ ଶ୍ରୀକ୍ଷେତ୍ର କକ୍ଷ-ପ୍ରାଦେଶିକ ଭକ୍ତ ସମ୍ମିଳନୀ ଚେତନା ପୁରୁଷ ଶ୍ରୀବୈରାଗୀଙ୍କର ଆଶ୍ରିତ ଭକ୍ତ ମାନଙ୍କର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶ୍ରୀକ୍ଷେତ୍ର ପୁରୀ ସ୍ଥିତ କୁଞ୍ଜ ମଠ ପରିସରରେ ମହାସମାରୋହରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି ଓ ଚଳିତ ମାସ ୦୨ ଓ ୦୩ ତାରିଖ ଦୁଇ ଦିନ ଧରି ଶକ୍ତି ଶ୍ରୀ, ଶକ୍ତି ଶ୍ରୀମତୀ ଓ ଶକ୍ତି କୁମାରୀ ମାନଙ୍କର ସମାବେଶରେ ପ୍ରଭାତରେ ଶଙ୍ଖ ନାଦ, ଗାୟତ୍ରୀ ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ , ଶ୍ରୀବିଷ୍ଣୁ ସହସ୍ର ନାମ, ଗୀତା ପାଠ, ପ୍ରବଚନ ଓ ଶ୍ରୀଗୁରୁ ପାଦପୂଜା କରାଯାଇ ଶ୍ରୀଗୁରୁଙ୍କର ଅଷ୍ଟୋତର ଶତ ନାମାର୍ଚ୍ଚନ ଶ୍ରୀବୈରାଗୀ ଜ୍ଞାନଯଜ୍ଞ ଆରମ୍ଭ କରାଯାଇଥିଲା ଓ ଚେତନା ସଙ୍ଘ ଅଧ୍ୟକ୍ଷ ଶକ୍ତି ଶ୍ରୀ ଉତ୍କଳଭୂଷଣ ନାୟକଙ୍କ ସଭାପତିତ୍ୱରେ ଡାକ୍ତର ପ୍ରଦ୍ୟୁମ୍ନ କୁମାର ସାହୁ ଓ ଶ୍ରୀନିବାସ ବ୍ରହ୍ମ ମଂଚାସୀନ ଥିବାବେଳେ ଓଁ ଆନନ୍ଦ ନିଷ୍ପାଦକ ଡଃ ଚନ୍ଦ୍ରଶେଖର ଦାଶ ମଂଚ ପରିଚାଳନା କରିଥିଲେ ଓ ଭକ୍ତ ମାନଙ୍କର ନାମ ଓ ଫୋନ୍ ନମ୍ବରକୁ ନେଇ 'ପରିଚୟ ପୁସ୍ତିକା'ର ପ୍ରଥମ ସଂସ୍କରଣ ଉନ୍ମୋଚିତ ହୋଇଥିଲା ଓ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସମସ୍ତ ଭକ୍ତମାନେ ପୁରୁଷୋତମ କ୍ଷେତ୍ରର ପଂଚତୀର୍ଥରେ ବୁଡ଼ ପକାଇଥିଲେ ଓ ଦ୍ୱିତୀୟ ଦିନ କୁଞ୍ଜମଠ ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ ସହିତ ନାମ ସଂକୀର୍ତନ କରି ପରିବେଶକୁ ଭାବମୟ କରିଦେଇଥିଲେ । ଭୁବନେଶ୍ୱର, କଟକ ଜିଲ୍ଲାର ବଡମ୍ବା, ବାଦଲ୍ପୁର୍, କଟକ, ଭଦ୍ରକ ଜିଲ୍ଲାର ଚରମ୍ପା, ଯାଜପୁର ଜିଲ୍ଲାର ମଙ୍ଗଳପୁର ଓ ଇଛାପୁର, ରାଉରକେଲା, କେନ୍ଦୁଝର ଜିଲ୍ଲାର ଅଡ଼ଙ୍ଗପାଳ, ଆମ୍ବଡିହା, କୋଡ଼ପାଡ ଓ କେନ୍ଦୁଝର, ଢେଙ୍କୁ, ଗାଂଟିଆଳି, ମର୍ଦାବାଡି, କୁହୁଡ଼ି, ବେତନଟୀ, ଅସୁରାଳୀ ଓ ବଡ଼ଗଡ଼ବାହାଲ ପ୍ରଭୃତି ଚେତନା ସଙ୍ଘ ଶାଖାମାନଙ୍କରୁ ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଭକ୍ତମାନେ ଯୋଗଦେଇଥିଲେ ।

ଧାମନଗରରୁ ମ୍ୟାଟ୍ରିକ ପରୀକ୍ଷାରେ ୧୨ଜଣ ଏ-୧-ଗ୍ରେଡ, 'ହିବା ଅହେମ୍ମଦ'ଙ୍କୁ ସମ୍ବର୍ଦ୍ଧନା ସହ ଶୁଭେଚ୍ଛା ଜଣାଇଲେ-ଏବିଇଓ ହେମେନ୍ଦ୍ର ମହାନ୍ତି

ଧାମନଗର, ୫/୫ (ଆ.ପ୍ର) : ଧାମନଗର ବ୍ଲକ ଓ ଏନ ଏ ସି ଅଂଚଳରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ ପାଇ ଧାମନଗର ଅଂଚଳକୁ ଗୌରବ ଆଣିଛନ୍ତି । ଧାମନଗର ପି.ଏମ୍.ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ତଥା ମଦ୍ରାସା ତାହେରିଆ ହନିଫିଆର ପ୍ରାକ୍ତନ ଛାତ୍ରୀ ସହର ଅଧିନ ମୁନିସପାଟଣା ନିବାସୀ ଅଧ୍ୟାପକ ଏମ ଡି ଅନୱାର ଅହେମ୍ମଦ ଓ ମାତା ମୁନ୍ ଜରିନ ଖାତୁନଙ୍କ କନିଷ୍ଠା କନ୍ୟା ହିବା ଅହେମ୍ମଦ ପ୍ରକାଶିତ ମ୍ୟାଟ୍ରିକ ପରୀକ୍ଷାରେ ୬୦୦ରୁ ସର୍ବାଧିକ(୫୪୦) ନମ୍ବର ରଖି କୃତକାର୍ଯ୍ୟ ଓ ଟପ୍ପର ହୋଇ ଆମ ଅଂଚଳର ଗୌରବ ବୃଦ୍ଧି କରିଛନ୍ତି । ପ୍ରକାଶ ଥାଉକି ହ୍ୱି ଜଣେ ଉର୍ଦ୍ଦୁ ଭାଷାଭାଷୀ ମୁସଲିମ ଛାତ୍ରୀ ହୋଇଥିଲେ ମଧ୍ୟ ବିନା ଟିଉସନ୍ ରେ ଓଡିଆ ମାତୃଭାଷାରେ ପରୀକ୍ଷା ଦେଇ ୯୬ ନମ୍ବର ରଖିବା ସମସ୍ତଙ୍କୁ ଚମତ୍କୃତ କରିଛି । ତେବେ ଫଳାଫଳ ଘୋଷଣା ପରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ମଦ୍ରାସା ତାହେରିଆ ହନିଫିଆର ପ୍ରଧାନ ଶିକ୍ଷକ ଏମଡି ନାସିରୁଦ୍ଦିନ(ରାହାସାର)ଙ୍କ ସହିତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ବୁଦ୍ଧିଜୀବୀ ରବିବାର ସକାଳ ସମୟରେ ତାଙ୍କ ବାସଭବନରେ ପହଂଚି ହିବା ଅହେମ୍ମଦଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ସହ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଛାତ୍ରୀଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏଥିସହ ଧାମନଗର ବ୍ଲକ ଓ ଏନ ଏ ସି ଅଂଚଳରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ ପାଇ ଟପ୍ପର ହୋଇଛନ୍ତି । ସେଥିମଧ୍ୟରୁ ପି ଏମ ଶ୍ରୀ ସହିଦ ନଗର ନୋଡାଲ ହାଇସ୍କୁଲରୁ ତିନି ଜଣ ଏ-୧ ଗ୍ରେଡ ପାଇ ଟପ୍ପର ଛାତ୍ରଛାତ୍ରୀ ହେଲେ ଶାଇ ସାର୍ଥକ ନାୟକ(୫୬୦)ନମ୍ବର ରଖି ଏ-୧ ଗ୍ରେଡ ପାଇଥିବା ବେଳେ ଭାଗ୍ୟଲକ୍ଷ୍ମୀ ସୁତାର(୫୫୭)ନମ୍ବର ରଖି ଏ-୧ ଗ୍ରେଡ ହୋଇଥିବା ବେଳେ ସୁଭଲକ୍ଷ୍ମୀ ପଣ୍ଡା (୫୪୦)ନମ୍ବର ରଖି ଏ-୧ ଗ୍ରେଡ ପାଇଛନ୍ତି । ସେହିପରି ଧାମନଗର ସରକାରୀ ହାଇସ୍କୁଲର ହିବା ଅହେମ୍ମଦ ୬୦୦ରୁ (୫୪୦)ତଥା ଶତକଡ଼ା ୯୦ରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ ପାଇ ସହରାଂଚଳକୁ ଗୌରବ ଆଣିଥିବା ବେଳେ କୋଉଆ-ଗୋବିନ୍ଦପୁର ନୋଡାଲ ହାଇସ୍କୁଲର ତମନା ନାୟକ (୫୫୪) ନମ୍ବର ରଖି ଟପ୍ପର ହୋଇଛନ୍ତି । ଅସୁରାଳି ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୁ ଦୁଇ ଜଣ ଆୟୁଷ କୁମାର ମହାପାତ୍ର (୫୫୪)ନମ୍ବର ରଖି ଟପ୍ପର ହୋଇଥିବା ବେଳେ ରଘୁନାଥ ନାୟକ (୫୪୦) ଏ-୧ ଗ୍ରେଡ ପାଇଛନ୍ତି । ସେହିପରି ବ୍ଲକ ବାପୁଜୀ ନୋଡାଲ ହାଇସ୍କୁଲ ମହତାବନଗର ରୁ ତିନି ଜଣ ଏ-୧ ଗ୍ରେଡ ପାଇ ଟପ୍ପର ହେଲେ ହିତାଂଶୁ ଶେଖର ସାହୁ (୫୪୬)ଶମ୍ଭୁନାଥ ରାଉତ (୫୪୧) ଏବଂ ସ୍ମୃତିରଞ୍ଜନ ଦାସ (୫୪୦)ନମ୍ବର ରଖି ଟପ୍ପର ହୋଇ ଉକ୍ତ ବିଦ୍ୟାଳୟକୁ ଚର୍ଚ୍ଚାକୁ ଆଣି ଦେଇଛନ୍ତି । ବ୍ଲକ ଅନ୍ତର୍ଗତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ଜାହାଙ୍ଗୀରରୁ ଜ୍ୟୋତିରଞ୍ଜନ ପଣ୍ଡା (୫୪୦) ରଖି ଏ-୧ ଗ୍ରେଡ ପାଇଥିବା ବେଳେ ନାରାୟଣୀ ହାଇସ୍କୁଲ ପଙ୍ଗଡାରୁ ପ୍ରାର୍ଥନା ରାଣୀ ନାୟକ(୫୪୦)ନମ୍ବର ରଖି ଟପ୍ପର ହୋଇ ଧାମନଗର ମାଟିର ଗୌରବ ଆଣିଛନ୍ତି । ଯାହାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି । ଧାମନଗର ଅଂଚଳରୁ ୧୨ ଜଣ ଛାତ୍ରଛାତ୍ରୀ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇ ଆମ ମାଟିର ଗୌରବ ଆଣିଥିବାରୁ ଶିକ୍ଷକ ସଂଘ,ଶିକ୍ଷକ ଶିକ୍ଷୟିତ୍ରୀ ଓ ରାଜନେତାଙ୍କ ସହିତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟରେ ଇନୋଭେସନ୍ ଷ୍ଟାର୍ଟଅପ୍ ସଚେତନତା କାର୍ଯ୍ୟକ୍ରମ

ବାସୁଦେବପୁର, ୫/୫ (ଆ.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା ବାସୁଦେବପୁରରେ ଇନୋଭେସନ୍ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଯୁବପିଢ଼ୀଙ୍କୁ ଆତ୍ମନିର୍ଭରଶୀଳତା ଦିଗରେ ପ୍ରେରିତ କରିଛି । ବାସୁଦେବପୁର ପୌରପାଳିକା [illegible] ଅନ୍ତର୍ଗତ ବଂଶୀପାଟଣା ଅଂଚଳରେ ଅବସ୍ଥିତ କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଇନୋଭେସନ୍ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ନବୀନ ଚିନ୍ତାଧାରା ପ୍ରତି ଆକୃଷ୍ଟ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ।ଏହି [illegible] ଅବସରରେ ଅଧ୍ୟାପକ ଓ ଅଧ୍ୟାପିକାମାନେ ଛାତ୍ରଛାତ୍ରୀଙ୍କୁ ଉଦ୍ବୋଧନ କରି କହିଥିଲେ ଯେ, ଆଜିର ଯୁଗରେ ନବୋଦ୍ଭାବନ ଓ ଷ୍ଟାର୍ଟଅପ୍ ଧାରଣା ଯୁବମାନଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରୁଛି । ସେମାନେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ପାହୀଙ୍କ ନେତୃତ୍ୱରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ପରି କାର୍ଯ୍ୟକ୍ରମ ଅଂଚଳରେ ସଚେତନତା ସୃଷ୍ଟି କରିବା ସହ ଯୁବପିଢ଼ୀଙ୍କୁ ନୂତନ ଦିଗ ଦେଖାଇଛି ।

ପିଏମଶ୍ରୀ ହବାକ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ବୋର୍ଡ ପରୀକ୍ଷାରେ ୩ ଟପରଙ୍କୁ ଶୁଭେଚ୍ଛା

ଜି.ଉଦୟଗିରି, ୫/୫ (ଆ.ପ୍ର) : ଚଳିତ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷାରେ ପିଏମଶ୍ରୀ ହବାକ ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି ।ବିଦ୍ୟାଳୟ ର ଛାତ୍ର ଅଭିଳାଷ ପଟ୍ଟନାୟକ ୫୬୨ ମାର୍କ ରଖି ଏ -୧ , ସୋହାନ ମାଝୀ ୪୮୦ ମାର୍କ ରଖି ଏ -୨, ସତ୍ୟ ପ୍ରସାଦ ଭଣା ୪୮୦ ମାର୍କ ରଖି ଏ -୨ ସ୍ଥାନ ହାସଲ କରିଛନ୍ତି । ଛାତ୍ର ମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ତରଫରୁ ଛାତ୍ର ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାଟମାଝୀ, ଶିକ୍ଷକ ବିଜୟ କୁମାର ମିଶ୍ର, ସଞ୍ଜୟ କୁମାର ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ । ବହୁ ବର୍ଷ ଧରି ଦଶମ ବୋର୍ଡ ପରୀକ୍ଷାରେ ହବାକ ଉଚ୍ଚ ବିଦ୍ୟାଳୟ ଛାତ୍ର ମାନଙ୍କ ପରୀକ୍ଷା ଫଳାଫଳ ଭଲ ହେଉଥିବା ବେଳେ ଚଳିତ ବର୍ଷ ୯୪ ପ୍ରତିଶତ ସହ ୬୦୦ ମାର୍କ ରୁ ୫୬୨ ମାର୍କ ଆଣି ବ୍ଲକ ଟପର ଓ ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ରହି ନିଜ ବିଦ୍ୟାଳୟ ଓ ବ୍ଲକ ପାଇଁ ଗୌରବ ଆଣିଛନ୍ତି ଛାତ୍ର ଅଭିଳାଷ ପଟ୍ଟନାୟକ । ସେହିପରି ଅନ୍ୟ ଦୁଇ ଛାତ୍ର ମାନେ ମଧ୍ୟ ପରୀକ୍ଷାରେ ଭଲ ମାର୍କ ରଖିଥିବାରୁ ଆଜି ସମ୍ବର୍ଦ୍ଧିତ ହୋଇଛନ୍ତି ।

ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର, ବିଇଓ ଅଫିସ ଓ ଉଦ୍ୟାନ କୃଷି ଭବନ, ସ୍ଥାୟୀ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ପାଇଁ ଦାବି

ଧାମନଗର, ୫/୫ (ଆ.ପ୍ର) : ଧାମନଗର ବ୍ଲକ ଓ ଏନଏସି ଅଂଚଳ ହେଉଛି ଓଡିଶା ସରକାରଙ୍କର ଉଚ୍ଚଶିକ୍ଷା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ । ଏହି ନିର୍ବାଚନମଣ୍ଡଳୀଟି ଭୌଗଳିକ ଦୃଷ୍ଟି କୋଣରୁ ଏକ ବନ୍ୟା ପ୍ରଭାବିତ ଅଂଚଳ । ଏହି ନିର୍ବାଚନମଣ୍ଡଳୀର ଲୋକମାନଙ୍କ ପ୍ରମୁଖ ଜୀବିକା ହେଉଛି କୃଷି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ଧାମନଗର ଅଂଚଳରେ ନାହିଁ ନାହିଁରେ ଚାଲିଛି ବିଇଓ ଅଫିସ, ଉଦ୍ୟାନ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ । ଧାମନଗର ବିଇଓ ଅଫିସରେ ସ୍ଥାୟୀ ଅଧିକାରୀ ନାହାନ୍ତି । ବରିଷ୍ଠ କିରାଣୀ ଓ କନିଷ୍ଠ କିରାଣୀ ସ୍ଥାୟୀ ଭାବରେ ତିନି ଜଣ ମଧ୍ୟରୁ କେହି ନଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ନାହାନ୍ତି । ଦୀର୍ଘ ଦିନ ହେବ ଜଣେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି ପଡିଛି । ଧାମନଗର ଉଦ୍ୟାନ କୃଷି ଭବନ ଅଧିକାରୀ ଅବସର ପରେ ଏହି ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ ସ୍ଥାୟୀ ଅଧିକାରୀ ନଥିବା ବେଳେ ଓ ଅନ୍ୟ କର୍ମଚାରୀର ଘୋର ଅଭାବ ଦେଖାଦେଇଛି । ସ୍ୱାସ୍ଥ୍ୟ ବିଭାଗ କଥା ନକହିବା ଭଲ ବହୁ ସମସ୍ୟା ଘେରରେ ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର । ପ୍ରାୟ ୧୬ ଟି ପଂଚାୟତ ଓ ଗୋଟିଏ ଏନଏସିର ହଜାର ହଜାର ଲୋକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ସିଏଚସି ରେ ଏବେ କର୍ମଚାରୀ ଓ ଅଧିକାରୀ ମରୁଡ଼ି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ପବ୍ଲିକ ହେଲଥ ଅଫିସର (ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ) ନାହାଁନ୍ତି । ଏଠାରେ ମେଲ ଓ ଫିମେଲ ହେଲଥ ସୁପରଭାଇଜର ପଦବୀ ଶୂନ୍ୟ ଥିବାବେଳେ ହେଲଥ ୱାର୍କର ଫିମେଲଙ୍କ ପଦୋନ୍ନତି ପରେ ଏହି ସ୍ଥାନ ମଧ୍ୟ ଖାଲି ପଡ଼ିଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱ ସେଂଟର ୨୮ ଟିରୁ ୧୮ ଟିରେ ଅଧିକାରୀ ନାହାଁନ୍ତି । ଏଥି ସହିତ ସ୍ୱାସ୍ଥ୍ୟ ପରିଦର୍ଶକ ପଦବୀ ୬ ଟି ଥିବା ବେଳେ ଗତ ସରକାର ସମୟରେ ୩ ଟି ବଢ଼ି ୯ ଟି ହୋଇଥିଲା । ଏବେ ଏହି ପଦବୀ ୮ ଟି ଫାଙ୍କା ପଡ଼ିଥିବା ବେଳେ ଗୋଟିଏ ବିଭାଗରେ ୯ ଜଣଙ୍କ କାମକୁ ଜଣେ କିପରି ସମ୍ଭାଳିବେ ତାହା ଆଶ୍ଚର୍ଯ୍ୟର ବିଷୟ । ଏଥି ସହିତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ ଜଣ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପଦବୀରୁ ମାତ୍ର ଜଣିଏ ଥିବା ବେଳେ ଆଉ ୯ ଟି ପଦବୀ ଶୂନ୍ୟ ପଡ଼ିଛି । ଏତିକିରେ ସରିନି ଏଠାରେ ଡିଜିଟାଲ ଏକ୍ସରେ ବ୍ୟବସ୍ଥା ମଧ୍ୟ ନାହିଁ । ଯେଉଁ ଏକ୍ସରେ ଅଛି ତାହାର ଅଚଳ ହେବାରୁ ରୋଗୀର ରୋଗ ଭଲ ହେବା ପାଇଁ ବାହାରେ ଏକ୍ସରେ କରି ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ ଓ ଚକିତ ହେବାଭଳି କଥା ହେଲା ଯେ,ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ସମ୍ପୂର୍ଣ୍ଣ ଶୂନ୍ୟ ପଡ଼ିଛି । ପୂର୍ବରୁ ଏହି ପଦବୀରେ ୮ଜଣ କାର୍ଯ୍ୟ କରୁଥିବା ବେଳେ ଧୀରେ ଧୀରେ ସମସ୍ତେ ଅବସର ନେବାରୁ ତାହା ଫାଙ୍କା ପଡ଼ିଛି । ନାହିଁ ନାହିଁରେ ଚାଲିଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଣ ଏବଂ ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲାପାଳ ଓ ବିଭାଗୀୟ ସଚିବ ସହିତ ସର୍ବୋପରି ମାନ୍ୟବର ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

ବିବାଦୀୟ ଜାଗାରେ ଘର ନିର୍ମାଣକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

ଯାଜପୁର, ୫/୫ (ଆ.ପ୍ର) : ସଦର ଥାନା ଅନ୍ତର୍ଗତ ଜାଫର ପୁର ପଂଚାୟତ ବଡ ତ୍ରିଲୋଚନ ପୁର ଗ୍ରାମରେ ଜମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ । ଗଣ୍ଡଗୋଳରେ ଜଣେ ମୃତ,୭ ଆହତ । ଘଟଣାରୁ ପ୍ରକାଶ ଯେ ବଡ଼ ତ୍ରିଲୋଚନ ପୁର ଗ୍ରାମର ଏକ ବିବାଦୀୟ ଜମି ରେ ଘର ନିର୍ମାଣକୁ ନେଇ ଗୋବିନ୍ଦ ଘଡ଼େଇ (୬୨) ଓ ନରେନ୍ଦ୍ର ଘଡ଼େଇ ପରିବାର ମଧ୍ୟରେ ବିବାଦ ଲାଗିଥିଲା ଓ ବିବାଦୀୟ ଜମି ଉପରେ କୋର୍ଟରେ ମକଦ୍ଦମା ଚାଲୁ ରହିଥିବାବେଳେ ଉକ୍ତ ବିବାଦୀୟ ଜମି ଉପରେ ନରେନ୍ଦ୍ର ଘଡ଼େଇ ଘର ନିର୍ମାଣ କରିଥିଲେ । ଏହି ଘର ନିର୍ମାଣକୁ ଗୋବିନ୍ଦ ଘଡ଼େଇ ବିରୋଧ କରିବାରୁ ନରେନ୍ଦ୍ର ଘଡ଼େଇ ଓ ତାର ବନ୍ଧୁ ବାନ୍ଧବ ସହଯୋଗୀ ମାନେ ମିଳିତ ଭାବେ ଗୋବିନ୍ଦଙ୍କୁ ଠେଙ୍ଗା ବାଡ଼ି ଓ ମାରଣାସ୍ତ୍ର ରେ ମରଣାତ୍ମକ ଆକ୍ରମଣ କରିଥିଲେ । ଖବର ପାଇ ଗୋବିନ୍ଦଙ୍କ ଦୁଇ ପୁଅ ସଞ୍ଜୟ, ସରୋଜ ଓ ଗୋବିନ୍ଦର ପତ୍ନୀ ଓ ଝିଅ ଘଟଣା ସ୍ଥଳକୁ ଯିବାବେଳେ ବିପକ୍ଷ ପକ୍ଷ କଟୁରୀରେ ଆକ୍ରମଣ କରିଥିଲେ । ସଦର ପୋଲିସ ଖବର ପାଇ ବିଳମ୍ବରେ ଘଟଣା ସ୍ଥଳରେ ପହଂଚିବାରୁ ଗ୍ରାମବାସୀ ମାନେ ଗୁରୁତର ଆହତ ଗୋବିନ୍ଦଙ୍କୁ ଏକ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଥିଲେ ହେଲେ ମେଡ଼ିକାଲରେ ପହଂଚିବା ବେଳକୁ ଗୋବିନ୍ଦର ମୃତ୍ୟୁ ହୋଇଥିଲା । ମୃତ ଗୋବିନ୍ଦର ପତ୍ନୀ, ଝିଅ ଓ ଦୁଇ ପୁଅ ସରୋଜ, ସଞ୍ଜୟ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ବିପକ୍ଷ ପକ୍ଷର ନରେନ୍ଦ୍ର ଘଡ଼େଇ ଙ୍କ ସମ୍ପର୍କୀୟ ଦିବ୍ୟଜ୍ୟୋତି ବେହେରା ଗୁରୁତର ଆହତ ହୋଇ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହୋଇଛି ଓ ଗୌତମ ଦାସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି । ଏ ନେଇ ମୃତ ଗୋବିନ୍ଦ ଙ୍କ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଏତଲା ଦିଆଯାଇଛି । ଅଭିଯୋଗକୁ ଭିତିକରି ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିବା ବେଳେ ଅଧିକ ଗଣ୍ଡଗୋଳକୁ ଆଶଙ୍କା କରି ଘଟଣା ସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡିଛି । ଏହି ଘଟଣା ନୂଆ ନୁହେଁ କିଛି ଦିନ ହେଲା ସମଗ୍ର ସଦର ଥାନା ଅଂଚଳରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଗୋଟିଏ ଦିନ ପାଇଁ ପ୍ରଭୁଙ୍କ ଚନ୍ଦନ ଯାତ୍ରା

ଦଶପଲ୍ଲା, ୫/୫ (ଆ.ପ୍ର) : ଦଶପଲ୍ଲାର ଆରାଧ୍ୟ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଶ୍ରୀ ରାଧାକାନ୍ତଙ୍କ ଚନ୍ଦନ ଯାତ୍ରା ପାଳନ କରାଯିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି । ଦଶପଲ୍ଲାରେ ବିରାଜିତ ଶ୍ରୀ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଶ୍ରୀ ରାଧାକାନ୍ତଙ୍କ ଚନ୍ଦନ ଯାତ୍ରା ପ୍ରାୟ ତିନି ଦଶନ୍ଧି ଧରି ବନ୍ଦ ରହିଥିଲା । ଚଳିତ ବର୍ଷ ଦଶପଲ୍ଲା ତହସିଲଦାର ତଥା ଦେବୋତର ନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ଶତପଥି ସ୍ୱତନ୍ତ୍ର ଭାବେ ଉଦ୍ୟମ କରି ବନ୍ଦ ହୋଇ ରହିଥିବା ଚନ୍ଦନ ଯାତ୍ରା ପୁନଃ ଆରମ୍ଭ କରିବା ନିମନ୍ତେ ପ୍ରୟାସ ଜାରିରଖିଛନ୍ତି । ଆଜି ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ ତହସିଲ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଏହି ଉତ୍ସବ କେବଳ ଗୋଟିଏ ଦିନ ପାଇଁ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ମେ ମାସ ୯ ତାରିଖ ଦିନ ଅପରାହ୍ନ ଚାରିଟା ସମୟରେ ଯାତ୍ରା ଆରମ୍ଭ ହେବ । ଏ ଯାତ୍ରାରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚଳନ୍ତି ବିଗ୍ରହ ଶ୍ରୀ ଶ୍ରୀ ମଦନ ମୋହନ, ଶ୍ରୀ ଶ୍ରୀ ରାଧାକାନ୍ତ, ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଓ ଶ୍ରୀ ଶ୍ରୀ କିଶୋରେଶ୍ୱର ମହାପ୍ରଭୁଙ୍କ ଚଳନ୍ତି ବିଗ୍ରହ ଏକତ୍ର ଆଗମନ କରି ସ୍ଥାନୀୟ ବାବୁବସା ପୋଖରୀରେ ଚାପ ଖେଳ କରିବେ । ଏ ଉପଲକ୍ଷେ ସନ୍ଧ୍ୟା ବେଳେ ଭଜନ ଜଣାଣ ସନ୍ଧ୍ୟା ସହିତ ନଡିଆ କୀର୍ତନ କରାଯିବ । ପରେ ରାତ୍ରି ଘ.୮.୦୦ ବେଳକୁ ପୁଣି ଚାପ ବିହାର ପରେ ମହାପ୍ରଭୁ ନଗର ପରିକ୍ରମା କରିବା ସହ ନଗର ସାରା ଭୋଗ ଲାଗି ହୋଇ ସ୍ୱସ୍ଥାନକୁ ପ୍ରତ୍ୟାବର୍ତନ କରିବେ । ବହୁ ବର୍ଷ ପରେ ଏ ଉତ୍ସବ ଅନୁଷ୍ଠିତ ହେଉ ଥିବାରୁ ଲୋକଙ୍କ ମଧ୍ୟରେ ଏକ ବିଶେଷ ଆବେଗ ପ୍ରକାଶ ପାଇଛି ।

ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ର ତୃତୀୟ ସନ୍ଧ୍ୟା

ଭଦ୍ରକ, ୫/୫ (ଆ.ପ୍ର) : ପୁରାଣରେ ବର୍ଣ୍ଣିତ ନାରୀ ଚରିତ୍ର; ସାବିତ୍ରୀ, ସୀତା, ଉର୍ମିଳା,ଅନସୂୟା, କୁନ୍ତୀ, ଗାନ୍ଧାରୀ, ଅହଲ୍ୟା, ଦ୍ରୌପଦୀ, ଯଶୋଦା, ଗାର୍ଗୀ, ଲୋପାମୁଦ୍ରା ପରି ଅଧିକାଂଶ ନାରୀ ଚରିତ୍ର ଯେପରି ପୂଜନୀୟା ସେପରି ଇତିହାସର ତଥା ସାମ୍ପ୍ରତିକ ସମୟର ବହୁ ନାରୀ ଚରିତ୍ର ବନ୍ଦନୀୟା । ଯୁଗେ ଯୁଗେ ମା' ତଥା ନାରୀ ଚରିତ୍ର ବନ୍ଦନୀୟା ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପର୍ଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟିର ସଭାପତି ଡଂ. ଅଭୟ ସୂତାରଙ୍କ ପୌରୋହିତ୍ୟ ତଥା ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶାର ସଭାନେତ୍ରୀ ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଭଦ୍ରକର ଜିଲ୍ଲାପାଳ, ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । 'ଅମୃତ ଦର୍ଶନ'ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ପ୍ରବାଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଭଦ୍ରକ ପୌରପାଳିକା ପାରିଷଦ ସଦସ୍ୟା ସ୍ୱାଗତିକା ନାୟକ, କବୟିତ୍ରୀ ଓ ଅଧିବକ୍ତା ବୈଶାଳି ଖୁଲାର ସମ୍ମାନନୀୟା ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କବିତା ପାଠ ହୋଇ ଥିଲା ଏବଂ କବୟିତ୍ରୀ ଓ ପ୍ରାବନ୍ଧିକା ପ୍ରୀତିଲତା ପଣ୍ଡା ଓ ଅଧ୍ୟାପିକା ଦେବସ୍ମିତା ମିଶ୍ର କବିତା ସଂଯୋଜନା କରିଥିଲେ । ବିଶିଷ୍ଟ କବୟିତ୍ରୀ ବିଦ୍ୟୁତ୍ ପ୍ରଭାଙ୍କ ସ୍ମୃତିରେ ତୃତୀୟ ସନ୍ଧ୍ୟା ମଂଚକୁ ଉତ୍ସର୍ଗ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକର ସଭାନେତ୍ରୀ କଳ୍ପନା ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାପତି, କବୟିତ୍ରୀ ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପାଦକ ରବିନାରାୟଣ ଖୁଲାର, ଆବାହକ ନୀହାର ରଞ୍ଜନ କର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ । ସୁଦର୍ଶନ ନାୟକ ପରିଚାଳିତ ଦର୍ଶନ ସାଂସ୍କୃତିକ ଏକାଡେମୀ, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଜନସାଧାରଣଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ

ଦଶପଲ୍ଲା, ୫/୫ (ଆ.ପ୍ର) : ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଆଜି ଦଶପଲ୍ଲା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଛନ୍ତି । ବିଶେଷ କରି ବାଣୀଗୋଛା ଓ କୁଲୁରୁକୁମ୍ପା ପଂଚାୟତର ବିଭିନ୍ନ ଗାଁକୁ ଯାଇ ଜିଲ୍ଲାପାଳ ଲୋକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଅଭିଯୋଗ ଶୁଣିଥିଲେ । ଗସ୍ତ ସମୟରେ ଜନସାଧାରଣ ନିଜ ଅଂଚଳର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଲୋକଙ୍କ ସମସ୍ୟା ଶୁଣିବା ପରେ ଜିଲ୍ଲାପାଳ ଏହାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ବିଭିନ୍ନ ଗ୍ରାମରେ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ସରକାରୀ ପ୍ରକଳ୍ପ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ବ୍ଲକ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ପ୍ରଶାସନ ନିଜ ଦ୍ୱାରମୁହଁରେ ପହଂଚି ସମସ୍ୟା ବୁଝୁଥିବାରୁ ସ୍ଥାନୀୟ ଅଂଚଳରେ ସନ୍ତୋଷ ପ୍ରକାଶ ପାଇଛି ।

ଠକେଇ ଅଭିଯୋଗରେ ମିଳିଲା ଜାମିନ

କେନ୍ଦୁଝର, ୫/୫ (ଆ.ପ୍ର) : ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନା ଜଳକଣ୍ଡ ଗ୍ରାମର ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷା ସୁରେଶ୍ୱରୀ ସାଗରିକା ଜେନାଙ୍କୁ ଓଡ଼ିଶା ହାଇକୋର୍ଟରୁ ଗତ ୧ ତାରିଖରେ ଜାମିନ ମିଳିଛି । ସୁରେଶ୍ୱରୀ ଚାକିରି ଦେବାକୁ କହି ୨୧ ଲକ୍ଷ ୩୦ ହଜାର ଟଙ୍କା ଠକେଇ ମାମଲାରେ ଗିରଫ ହୋଇ ୧୪ ଫେବୃଆରୀ ୨୦୨୬ରୁ ଜେଲରେ ଥିଲେ । ସୂଚନାଯୋଗ୍ୟ, ଖଣ୍ଡଗିରି ଥାନା ପୋଲିସ ଏକ ଠକେଇ ମାମଲା(ନଂ. ୪୬୫/୨୦୨୫)ରେ ସୁରେଶ୍ୱରୀଙ୍କୁ ଗିରଫ କରିଥିଲା । ମାମଲା ଭୁବନେଶ୍ୱର ଜେ ଏମ୍ଏଫ୍‌ସି- ଭିଙ୍କ କୋର୍ଟରେ ବିଚାରାଧୀନ ରହିଛି । ଜାମିନ(ବେଲ ଆପ୍ଲି କେଶନ (ନଂ. ୩୪୨/୨୦୨୬) ପାଇଁ ପ୍ରଥମେ ସୁରେଶ୍ୱରୀ ଭୁବନେଶ୍ୱର ସେକେଣ୍ଡ ଆଡି ଶନାଲ ସେସନ ଜଜ୍‌ଙ୍କ ନିକଟରେ ଆବେଦନ କରିଥିଲେ । କିନ୍ତୁ ଗତ ୧୨ ମାର୍ଚ୍ଚ ୨୦୨୬ରେ ତାହା ଖାରଜ ହୋଇଥିଲା । ପରେ ଜାମିନ ନିମନ୍ତେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

SEITHO ARAMBHA

AFFIDAVIT

By virtue of an affidavit sworn before the Executive Magistrate Simulia on dated 13th April 2026, IMr. BAIRAGI SAHAJI, At-Kupura, Po/P.S-Simulia, Dist-Balasore, Pin-756126, Odisha have changed my daughter's name from NAERUM PATHMAto NAHEREEN KHATUN. Henceforth, my daughter shall be known as NAHEREEN KHATUN for all purposes.

s/d-Bairagi Sahaji

ଭାରତୀୟ କମ୍ୟୁନିଷ୍ଟ ପାର୍ଟୀ ପକ୍ଷରୁ ଶ୍ରମିକ ଦିବସ ପାଳିତ

ନୀଳଗିରି, ୦୫/୦୫(ଆ.ପ୍ର) : ମଇ ଦିବସ ଉପଲକ୍ଷେ ସିପିଆ. ପକ୍ଷରୁ ନୀଳଗିରିର ୪ ଗୋଟି ସ୍ଥାନରେ ଶ୍ରମିକ ଦିବସ ପାଳନ ହୋଇ ଯାଇଛି । ପ୍ରାପ୍ତ ସୂଚନାରୁ ଜଣାଯାଇଛି, ପାଟପୁର ଠାରେ ସନ୍ତରାଗଡିଆ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ଦାସ, ଫଂଚଲିଙ୍ଗେଶ୍ୱର ଛକଠାରେ ବର୍ଷୀୟାନ୍ ସିପିଆଇ ନେତା କୈଳାଶ ଚନ୍ଦ୍ର ପଣ୍ଡା, ସନ୍ତରାଗଡିଆ ଠାରେ ବର୍ଷୀୟାନ୍ ସିପିଆଇ. ନେତା ସୀତାରାମ ଦାସ, ପ୍ରତାପଡା ଠାରେ ନିନି ବେହେରା, ଶ୍ରମିକ ଦିବସ ରେ ପତାକା ଉତୋଳନ କରିଥିଲେ । ଏହି ପତାକା ଉତୋଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟପୁର ବଜାର, ଫଂଚୁଲିଙ୍ଗେଶ୍ୱର ଠାରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଯୋଗଦାନ କରି ଆଜିର ସରକାର ଶ୍ରମ ଆଇନ ସଂଶୋଧନ କରିବା ଫଳରେ ଯୁବକମାନେ କର୍ମ ସଂସ୍ଥାନ ହରାଇବା ସହିତ ବେକାରି ବଢୁଛି ବୋଲି ମତ ରଖିଥିଲେ । ଅଭାବ ଗ୍ରସ୍ତ ଯୁବକମାନେ ପଥଭ୍ରଷ୍ଟ ହେଉଛନ୍ତି ।

ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ପକ୍ଷରୁ ଉନ୍ମୋଚିତ ହେଲା ଡକ୍ଟର ନଗେନ୍ଦ୍ରନାଥ ମହାପାତ୍ରଙ୍କ ପୁସ୍ତକ 'ଲୋଧା ସମାଜ ଓ ସାହିତ୍ୟ'

ବାଲେଶ୍ୱର, ୦୫/୦୫(ଆ.ପ୍ର) : ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଜଳେଶ୍ୱରସ୍ଥିତ ବାଣିଦା ଗ୍ରାମରେ ବିଶିଷ୍ଟ ଗବେଷକ ଡକ୍ଟର ନଗେନ୍ଦ୍ରନାଥ ମହାପାତ୍ରଙ୍କ ସଦ୍ୟ ପ୍ରକାଶିତ ଗବେଷଣାତ୍ମକ ଗ୍ରନ୍ଥ 'ଲୋଧା ସମାଜ ଓ ସାହିତ୍ୟ' ଗବେଷକଙ୍କ ବଡ଼ଭାଇ ଭୂପତି ଚରଣ ମହାପାତ୍ରଙ୍କ ଦ୍ୱାରା ପାଠକାର୍ପିତ ହୋଇଯାଇଛି । ଅନୁଷ୍ଠାନର ଉପସଭାପତି ଗାଳ୍ଲିକ ନିବାରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସଂଗଠନ ସଂପାଦକ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସାଧାରଣ ସଂପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଗବେଷକ ଡକ୍ଟର ମହାପାତ୍ରଙ୍କ ଉଚ୍ଚକୋଟୀର ଗବେଷଣା ଓ ପ୍ରକାଶିତ ଉପାଦେୟ ପୁସ୍ତକଗୁଡ଼ିକ ସଂପର୍କରେ ଆଲୋଚନା କରିବା ସହ ଲୋଧା ସଂପ୍ରଦାୟ ସମ୍ବନ୍ଧରେ ତାଙ୍କର ଗବେଷଣା ପୁସ୍ତକ ଓଡ଼ିଆ ବାଣୀଭଣ୍ଡାର ପାଇଁ ଏକ ଅମୂଲ୍ୟ ସମ୍ପତି ବୋଲି ମତପୋଷଣ କରିଥିଲେ । ବକ୍ତା ଭାବରେ ଯୋଗ ଦେଇ ଯୁବ ଗବେଷକ ଡକ୍ଟର ସାରଙ୍ଗଧର ତ୍ରିପାଠୀ, କବୀ କଲ୍ୟାଣୀ ନନ୍ଦ ଓ ଦୀପକ ବୋଷ ପୁସ୍ତକ ସଂପର୍କରେ ଆଲୋଚନା ପ୍ରସଙ୍ଗରେ କହିଲେ ଯେ ଡକ୍ଟର ମହାପାତ୍ର ବହୁ ଶ୍ରମ ଓ ସାହସର ସହିତ 'ଅପରାଧପ୍ରବଣ' ବୋଲି ଆଖ୍ୟା ଦିଆ ଯାଉଥିବା ଲୋଧା ସଂପ୍ରଦାୟଙ୍କ ସହିତ ସାକ୍ଷାତ୍ କରି, ସେମାନଙ୍କ ସହିତ ଅନେକ ସମୟ ବିତାଇ ସେମାନଙ୍କର ସାମାଜିକ, ଶୈକ୍ଷିକ, ଆର୍ଥନୀତିକ ଓ ଆଧାତ୍ମିକ ଦିଗ ଉପରେ ଗବେଷଣା କରି ଯେଉଁ ଅମୂଲ୍ୟ ଗ୍ରନ୍ଥଟିଏ ପ୍ରକାଶ କରି ପାରିଛନ୍ତି, ସେଥିପାଇଁ ସେ ପ୍ରଶଂସାର ପାତ୍ର । ଲେଖକ ଡକ୍ଟର ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ଲୋଧାମାନଙ୍କ ସଂପର୍କରେ ସେ ଗବେଷଣା କରିବାକୁ ମନସ୍ଥ କରିବା ସମୟରେ ତାଙ୍କର ଶୁଭାକାଂକ୍ଷୀମାନେ ତାଙ୍କୁ ଏଥିରୁ କ୍ଷାନ୍ତ ହେବାକୁ ପରାମର୍ଶ ଦେଇଥିଲେ । ଲୋଧାମାନେ ଅପରାଧପ୍ରବଣ ହୋଇଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା କଥା ସେମାନେ ଦର୍ଶାଇଥିଲେ । ମାତ୍ର ସେ ସମସ୍ତଙ୍କ କଥାକୁ ଭ୍ରୂକ୍ଷେପ ନ କରି ମନରେ ସାହସ ସଂଚୟ କରି ଏ ଗବେଷଣାରେ ଆଗେଇଥିଲେ ଓ ସଫଳ ମଧ୍ୟ ହୋଇଥିଲେ । ସଭା ପ୍ରାରମ୍ଭରେ ପ୍ରିୟଙ୍କା ଦାସ ଓ କଲ୍ୟାଣୀ ନନ୍ଦ ସଙ୍ଗୀତ ପରିବେଷଣ କରିଥିଲେ । ଗୁରୁ ଶିବଶଙ୍କର ଦାସ ଓ ପୁନମ ଦାସ ଯନ୍ତ୍ରାଂଶରେ ସହଯୋଗ କରିଥିଲେ । ଶିଶୁ ନୃତ୍ୟାଙ୍ଗନା ଦିବ୍ୟାଂଶି ଦାସ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ । ଗବେଷକଙ୍କ ପତ୍ନୀ ସବିତା ମହାପାତ୍ର ମଂଚରେ ଉପସ୍ଥିତ ଥିଲେ । ଯୁଗ୍ମ ସଂପାଦକ ଭୁମରନାଥ ପାତ୍ର ଅତିଥିମାନଙ୍କୁ ମଂଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗବେଷକ ଡ. ମହାପାତ୍ର ତିରିଶ ଖଣ୍ଡରୁ ଉର୍ଦ୍ଧ୍ୱ ପୋଥି ସଂପାଦକ ଡ. ତ୍ରିପାଠୀଙ୍କୁ ହସ୍ତାନ୍ତର କରିଥିଲେ ଯାହା ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯିବ । ଏଠାରେ ପ୍ରକାଶ ଥାଉ କି ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବେ ପୁରାତନ ପୋଥି ସଂଗ୍ରହ ଓ ସଂରକ୍ଷଣର କାର୍ଯ୍ୟକ୍ରମ ହାତକୁ ନେଇଛି ଓ ବିଶ୍ୱବିଦ୍ୟାଳୟକୁ ଏ କାର୍ଯ୍ୟରେ ସହଯୋଗ କରିବାକୁ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ନିକଟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ଶେଷରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା ଓ ପିନାକୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦଯାପିତ ହେଲା ଗୋପାଳଗାଁରେ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞ ସମ୍ବର୍ଦ୍ଧିତ ହେଲେ କଣ୍ଠଶିଳ୍ପୀ ଶ୍ୱେତଲିସା

ବାଲେଶ୍ୱର, ୦୫/୦୫(ଆ.ପ୍ର) : ଗୋପାଳଗାଁର ବୁଦ୍ଧବିହାର କଲୋନୀରେ ଅଷ୍ଟ ପ୍ରହରୀ ନାମଯଜ୍ଞ ଏପ୍ରିଲ ମାସ ୧୯ ତାରିଖ ମଧ୍ୟ ରାତ୍ରିରୁ ଆରମ୍ଭ ହୋଇ ଗତ ୨୧ ତାରିଖରେ ଉଦଯାପିତ ହୋଇ ଯାଇଛି । ଅକ୍ଷୟ ତୃତୀୟା ଦିନ ପ୍ରାୟ ଦୁଇହଜାରରୁ ଅଧିକ ଭକ୍ତ ପ୍ରସାଦ ସେବନ କରିଥିଲେ । ୨୧ ତାରିଖ ଦିନ ୧୦ ଘଟିକାରେ ନାମଯଜ୍ଞ ସମାପ୍ତ ପରେ ଘଟ ବିସର୍ଜନ କରାଯାଇଥିଲା । ଏହିଦିନ ସନ୍ଧ୍ୟା ୭ଟାରେ ଏକ ସାଂସ୍କୃତିକ କାର୍ଯ୍ୟ ଆରମ୍ଭ କରାଯାଇ ଜୁନିଅର୍ ଗ୍ରୁପ୍ ରେ ପ୍ରଥମ ଶ୍ରେଣୀରୁ ଷଷ୍ଠ ଶ୍ରେଣୀ ଯାଏ ଓ ସିନିୟର ଗ୍ରୁପରେ ସପ୍ତମ ଶ୍ରେଣୀରୁ ଦ୍ୱାଦଶ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାଙ୍କୁ ପୁରସ୍କୃତ କରା ଯାଇଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ସଭା ପ୍ରାରମ୍ଭରେ ଅଷ୍ଟ ପ୍ରହରୀ ନାମଯଜ୍ଞ କମିଟିର ସଭାପତି ଦେବେନ୍ଦ୍ର କୁମାର ରାଉତ, ସମ୍ପାଦକ ଭାସ୍କର ଚନ୍ଦ୍ର ବାରିକ, ବିଶିଷ୍ଟ ଅତିଥି ଭାବେ ସମାଜସେବୀ ତଥା କମିଟିର ସଭ୍ୟ ସର୍ବେଶ୍ୱର ମହାନ୍ତି, ସମାଜସେବୀ ଆଡ଼ଭୋକେଟ ଶାନ୍ତନୁ କୁମାର ଦାସ ଅଷ୍ଟପ୍ରହରୀର ଆଧାତ୍ମିକ ଦିଗ ଉପରେ ବିଶଦ ଆଲୋକପାତ କରି କଲୋନୀରେ ନାମଯଜ୍ଞ କରିବାର ଶୁଭ ଉଦ୍ଦେଶ୍ୟ ସମ୍ପର୍କରେ ବଖାଣିଥିଲେ । ଶେଷରେ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ । ସଭା ପରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁଶ୍ରୀ ଶ୍ୱେତାଲିସା ଶୁଭଦର୍ଶିନୀଙ୍କୁ 'ବୁଦ୍ଧବିହାର ଶ୍ରେଷ୍ଠ କଣ୍ଠଶିଳ୍ପୀ' ଭାବେ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାର ବିଚାରକ ଭାବେ ଡ. ଦିଲ୍ଲୀପ କୁମାର ଦାସ, ସୁସାହିତ୍ୟିକା ଦେବଯାନୀ ଦାସ, କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ ଯୋଗ ଦେଇଥିଲେ । ସମଗ୍ର ମଂଚକୁ ପରିଚାଳନା କରିଥିଲେ ଶିଶୁ ସାହିତ୍ୟିକ, ଗୀତିକାର, ନାଟ୍ୟକାର ପୀତାମ୍ବର ଦାସ । ବୁଦ୍ଧ ବିହାରର ବହୁ ମହିଳାଙ୍କ ସମେତ ଅନ୍ୟ ଗଣ୍ୟମାନ୍ୟ ଜନସାଧାରଣ ଏଥିରେ ସହଯୋଗ କରିଥିଲେ ।

ବିଦ୍ୟାଳୟର ନାମ ରଖିଲେ ଭଗ୍ୟଶ୍ରୀ ଓ ଦିବ୍ୟଜ୍ୟୋତି

ନୀଳଗିରି, ୦୫/୦୫(ଆ.ପ୍ର) : ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ସାନପାଟପୁର ଉଚ୍ଚ ବିଦ୍ୟାଳୟ ରେ ପଢୁଥିବା ଦୁଇଟି ପିଲା, କୃପାସିନ୍ଧୁ ରଥଙ୍କ ଝିଅ ଭାଗ୍ୟଶ୍ରୀ ରଥ, ୫୪୫ ମାର୍କ ରଖିଥିବା ବେଳେ ଆଉ ଜଣେ ପିଲା କମଳାକାନ୍ତ ନାୟକଙ୍କ ପୁତ୍ର ଦିବ୍ୟଜ୍ୟୋତି ନାୟକ ୫୪୦ ମାର୍କ ରଖି ବିଦ୍ୟାଳୟର ନାମ ଉଚ୍ଚ କରିଛନ୍ତି । ଏଥିପାଇଁ ବିଦ୍ୟାଳୟ ଓ ଅଂଚଳରୁ ସେମାନଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ଏଥିପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମଲ୍ଲିକଙ୍କ ସହ ବିଦ୍ୟାଳୟର ଶିକ୍ଷକ ଗଣ, ବିଦ୍ୟାଳୟ ଆଲୁମିନ କମିଟି ଅଦକ୍ଷ ଶରତ ମହାପାତ୍ର,ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସନ୍ତୋଷ ଦାସ, ଯୁବ ସମାଜସେବୀ ରଞ୍ଜିତ କୁମାର ପଣ୍ଡିତ ପିଲାମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

୫୬୫୯.୨୨ କୋଟି ଟଙ୍କା ବ୍ୟୟବରାଦ ସହିତ 'କପା ଉତ୍ପାଦନ ମିଶନ'କୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ, ୦୫/୦୫(ପି.ଆଇ.ବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟକପା ଉତ୍ପାଦନ ମିଶନ ଘୋଷା କରିଛନ୍ତି । ୫୬୫୯.୨୨ କୋଟି ଟଙ୍କା ବ୍ୟୟବରାଦ ସହିତ ଏହିମିଶନ୨୦୨୬-୨୭ ରୁ ୨୦୩୦-୩୧ ମଧ୍ୟରେ କାର୍ଯ୍ୟକାରୀ ହେବ । ଏହା ଭାରତର କପା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ, ନିମ୍ନଗାମୀ ଅଭିବୃଦ୍ଧି ଏବଂ ଗୁଣାତ୍ମକମାନଙ୍କୁ ନେଇ ରହିଥିବା ସମସ୍ୟାଦୂରଣ କରିବ । ଏହି ମିଶନ୍ ଭାରତ ସରକାରଙ୍କ ଫାଇବ୍-'ଏଫ୍'ଦୃଷ୍ଟିକୋଣ (ଫାର୍ମରୁ ଫାଇବର, ଫ୍ୟାକ୍ଟ୍ରିରୁ ଫ୍ୟାଶନ ଏବଂଫରେନ୍) ଅନୁରୂପ । ଏହି ମିଶନ୍ ରୋଗ ଏବଂ କୀଟପତଙ୍ଗ ପ୍ରତିରୋଧୀ ଉଚ୍ଚ ଅମଳକ୍ଷମ ବିହନ (ଏଚ୍‌ୱାଇଭି) ବିହନ ବିକାଶ ମାଧ୍ୟମରେ କପା ଉତ୍ପାଦନ ବୃଦ୍ଧି କରିବା, ରାଜ୍ୟ ସରକାର, କୃଷି ବିଜ୍ଞାନ କେନ୍ଦ୍ର ଏବଂ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ଏସଏୟୁ) ମାଧ୍ୟମରେ ନୂତନ ଫସଲ ଉତ୍ପାଦନ ଜ୍ଞାନକୌଶଳର ବ୍ୟାପକ ପ୍ରଚାର ଓ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବ । ଏହାସହିତବର୍ତ୍ତମାନର ଏବଂ ନୂତନ ଫସଲ ଉତ୍ପାଦନ ଜ୍ଞାନକୌଶଳର ପ୍ରସାର, ଶିଳ୍ପକୁ ସର୍ବନିମ୍ନ ପ୍ରଦୂଷଣକାରୀ କପା ଯୋଗାଣ ସୁନିଶ୍ଚିତ କରିବା ଏବଂ ନିମ୍ନଲିଖିତ ପ୍ରମୁଖ ଦିଗଗୁଡ଼ିକ ଉପରେ ଧ୍ୟାନ ଦେଇ ଭଲମାନର କପା ରପ୍ତାନିକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବ । ଏହି ମିଶନକୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ବୟନଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯିବ । ଏଥିରେ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)ର ୧୦ଟି ପ୍ରତିଷ୍ଠାନ, ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସଆଇଆର)ର ଗୋଟିଏ ପ୍ରତିଷ୍ଠାନ ଏବଂ ପ୍ରମୁଖ କପା ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ବିଭିନ୍ନ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ଏସଏୟୁ)ରେ କାର୍ଯ୍ୟ କରୁଥିବା ୧୦ଟି ଅଖିଳ ଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ (ଏଆଇସିଆରପି) କେନ୍ଦ୍ର ସାମିଲ ହେବ । ପ୍ରାରମ୍ଭରେ, କୃଷି ବିଭାଗ ଏବଂ ଆଇସିଏଆରମାଧ୍ୟମରେ ୧୪ଟି ରାଜ୍ୟର ୧୪୦ଟି ଜିଲ୍ଲାରେ ପ୍ରଯୁକ୍ତିବିଦ୍ୟା ପ୍ରସାର ଏବଂ ୨,୦୦୦ ଜିନିଂ/ପ୍ରକ୍ରିୟାକରଣ ପ୍ଲାଂଟସ୍ଥାପନ ଉପରେ ଧ୍ୟାନ ଦିଆଯିବ । ମିଶନର ଲକ୍ଷ୍ୟ ହେଉଛି ଉଚ୍ଚ-ଅମଳକ୍ଷମ, ଜଳବାୟୁ-ପ୍ରତିରୋଧୀ ଏବଂ କୀଟ-ପ୍ରତିରୋଧୀ ବିହନ ବିକଶିତ କରିବା, ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକାରୀ କରିବା, ଚାଷୀମାନଙ୍କୁ ତାଲିମ ଦେବା, ଗୁଣବତା ଉନ୍ନତ କରିବା, ଟ୍ରେସେବିଲିଟି ସୁନିଶ୍ଚିତ କରିବା ଏବଂ ସ୍ଥାୟୀ ତନ୍ତୁକୁ ପ୍ରୋତ୍ସାହନ ତଥାମୂଲ୍ୟ ଶୃଙ୍ଖଳାରେ ନବସୃଜନକୁ ଉତ୍ସାହିତ କରି ଭିତିଭୂମିକୁ ସୁଦୃଢ଼ କରିବା । ଏହି ମିଶନର ଲକ୍ଷ୍ୟ ହେଉଛି କପା ଉତ୍ପାଦନକୁ ହେକ୍ଟରପିଛା୪୪୦କିଲୋଗ୍ରାମରୁ ହେକ୍ଟରପିଛା୭୫୫ କିଲୋଗ୍ରାମକୁ ବୃଦ୍ଧି କରିବା, ୨୦୩୧ସୁଦ୍ଧା ୪୯.୮ ନିୟୁତ ଲିଂଟ(ପ୍ରତ୍ୟେକ ଲିଂଟରେ ୧୭୦କିଲୋଗ୍ରାମ କପା ଥାଏ) ଉତ୍ପାଦନ କରିବା । ଏହା ପ୍ରାୟ ୩.୨ନିୟୁତ ଚାଷୀଙ୍କୁ ଲାଭ ଦେବ ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସକ୍ଷମ କରିବ । ଏହି ମିଶନର ଲକ୍ଷ୍ୟ ହେଉଛି କସ୍ତୁରୀ କପା ଭାରତ ପଦକ୍ଷେପକୁ ପ୍ରୋତ୍ସାହିତ କରିବା, ଏହାର ଚିହ୍ନଟ ଏବଂ ପ୍ରମାଣପତ୍ର ସୁନିଶ୍ଚିତ କରିବା, ଅପଚୟକୁ ୨ପ୍ରତିଶତରୁ କମ୍ କରିବା ଏବଂ ଅଳସୀ, ରାମି, ସିସିଲ, ମିଲ୍ଡୱିଡ୍, ବାଉଁଶ ଏବଂ କଦଳୀ ଭଳି ପ୍ରାକୃତିକ ତନ୍ତୁକୁ ପ୍ରୋତ୍ସାହିତ କରିବା । ଏହା ଦେଶକୁ କପା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୦୫/୦୫(ଆ.ପ୍ର) : ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅଂର୍ଗତ କେନ୍ଦୁପାଟଣା ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାଂ କୁମାର ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚଳିତ ବର୍ଷ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ପଡିହାରୀ ୫୪୫ ନମ୍ବର ରଖି ଟପର ହୋଇଥିଲାବେଳେ ଜ୍ୟୋତ୍ସ୍ନାମୟୀ ରାଉତ, ଆଦ୍ୟାଶା ଦାସ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଜିଲ୍ଲା ପରିଷଦ ସଦସ୍ୟା ବବିତା ରାଉତ ଓ ସସ୍ମିତା ଲେଙ୍କା, ଇଂକିତ ଦାସ, ରାଜେନ୍ଦ୍ର ପ୍ରସାଦ ଦାସ, ରୋହିତ କୁମାର ରାଉତ, ନିର ପରିଡା, ସଂଗ୍ରାମ ମହାପାତ୍ର, ଦିଲ୍ଲୀପ କୁମାର ବେହେରା, ମନୋଜ କୁମାର ଜେନା, ଅରୁଣ ସେନାପତି, ରମେଶ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

କୃଷ୍ଣଭକ୍ତି ବଳରେ ମଧୁର ରସ ଆସ୍ୱାଦନ ହୁଏ : ଭାଗବତ

ନୀଳଗିରି, ୦୫/୦୫(ଆ.ପ୍ର) : ପୁଣ୍ୟକର୍ମର ଫଳ ଯୋଗୁଁ ପିତୃଲୋକ ପ୍ରାପ୍ତି ହୁଏ । ଆଗ୍ନିଧ୍ର ଓ ପୂର୍ବଚିତିଙ୍କ ନଅ ଜଣ ପୁତ୍ର ସନ୍ତାନ ନବଧା ଭକ୍ତିର ସୂଚନା ଦିଅନ୍ତି । ଆଗ୍ନିଧ୍ରଙ୍କ ମୃତ୍ୟୁପରେ ତାଙ୍କର ନଅ ପୁତ୍ର ମେରୁ ଙ୍କର ନଅ କନ୍ୟାଙ୍କୁ ବିବାହ କରିଥିଲେ । ସେ ନଅ କନ୍ୟା ନବ ରସର ପ୍ରତୀକ ଥିଲେ । ଭାଗବତ ନବରସରେ ପରିପୂର୍ଣ୍ଣ । ଇନ୍ଦ୍ରିୟ ସୁଖୀଙ୍କୁ ପ୍ରମତ, ବିମୁଖ ଓ ବିମୂଢ଼ ବୋଲି ଭାଗବତରେ ଆଖ୍ୟା ଦିଆଯାଇଛି । ଉପଭୋଗ ଉଦବନ୍ଧନର କାରଣ ଅଟେ । ସର୍ବୋପରି ଜଡସୁଖ ହିଁ ଭୌତିକ ଜଗତର ଦୁଃଖ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ୯୭ତମ ସାପ୍ତାହିକ ଆଭାସୀ ପାଠଚକ୍ରରେ ଭାଗବତର ପଂଚମ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟକୁ ବର୍ଣ୍ଣନା କରିବା ପରିପ୍ରେକ୍ଷୀରେ କଥାବ୍ୟାସ ବାଲେଶ୍ୱରର ପଣ୍ଡିତ ଶକ୍ତିପଦ ମିଶ୍ର ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଭାଗବତ ପାଠଚକ୍ରର ସ୍ଥାୟୀ ସଭାପତି ପଣ୍ଡିତ ଶିକ୍ଷାବିତ୍ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଭାର୍ଗବୀ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଶେଷରେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିବାବେଳେ କେନ୍ଦୁଝରର ବରିଷ୍ଠ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଉକ୍ତ ଆସରରେ ବହୁ ଶ୍ରଦ୍ଧାଳୁ ଶ୍ରୋତା ଯୋଗଦାନ କରିଥିଲେ ।

ଦଶମ ଶ୍ରେଣୀ ଏ-୧ କୃତୀଧାରୀଙ୍କୁ ସମ୍ବର୍ଦ୍ଧିତ

ସିମୁଳିଆ, ୦୫/୦୫(ଆ.ପ୍ର) : ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାଫଳରେ ସିମୁଳିଆ ବ୍ଲକରେ ବିଭିନ୍ନ ବିଦ୍ୟାଳୟରୁ ଏ -୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ରୟାଲ ଗ୍ରୁପ ଅଫ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସୂଚନାରୁ ପ୍ରକାଶ ରୟାଲ ବିଦ୍ୟାଳୟ ତରଫରୁ ଇ୧ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଇ୧ ଗ୍ରେଡ଼ ହାସଲ କରିଥିବା ସିମୁଳିଆ ବ୍ଲକର ସମସ୍ତ ୧୯ ଛାତ୍ରଛାତ୍ରୀଙ୍କୁ ମଉଡାପୁରର ରୟାଲ ସ୍କୁଲ ପରିସରରେ ଉଲ୍ଲସିତ ସମ୍ବର୍ଦ୍ଧନା ଦିଆଯାଇଛି । ରୟାଲ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ଡ଼. ବିଷ୍ଣୁମୋହନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା । ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ନିର୍ଦ୍ଦେଶକ ପଦ୍ମଲୋଚନ ଦାଶ ସଭାପତିତ୍ୱ କରିଥିଲେ । ମଂଚାସିନ ଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟର ଏକାଡ଼େମିକ ଆଡ଼ଭାଇଜର ସୂର୍ଯ୍ୟମଣି ବୋଇତି, ପ୍ରାକ୍ତନ ଓଷ୍ଟା ବ୍ଲକ ସଭାପତି କମଳାକାନ୍ତ ପତି, ବର୍ତ୍ତମାନର ବ୍ଲକ ସଭାପତି ଭଗବାନ ଚନ୍ଦ୍ର ବାରିକ, ରୟାଲ ସ୍କୁଲର ପରିଚାଳକ ରଞ୍ଜନ କୁମାର ମହାନ୍ତି, ରୟାଲ ପବ୍ଲିକର ପ୍ରିନ୍ସପାଲ ନିମାଇଁ ଚରଣ ଦାସ ଓ ଶିକ୍ଷକ ରଶ୍ମିରଂଜନ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କମଳାକାନ୍ତ ପତିଙ୍କ ସୌଜନ୍ୟରୁ ମଧ୍ୟ ତାଙ୍କ ଦିବଂଗତ ପତ୍ନୀ ସଂଯୁକ୍ତା ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୃତି ଛାତ୍ରଛାତ୍ରୀ ମାନେ ସେମାନଙ୍କ ଅଭିଜ୍ଞତା ଓ ଭବିଷ୍ୟତ ସ୍ୱପ୍ନ ବିଷୟରେ ବକ୍ତବ୍ୟ ରଖିଥିଲେ । ରୟାଲ କଲେଜ, ଭୁବନେଶ୍ୱରର ଚେୟାରମ୍ୟାନ ଡ଼. ବିଷ୍ଣୁମୋହନ ମହାନ୍ତିଙ୍କ ଏଭଳି ସାଧୁ ଉଦ୍ୟମକୁ ଅଭିଭାବକମାନେ ଭୂୟସୀ ପ୍ରସଂଶା କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ରୟାଲ ସ୍କୁଲର ସଂଯୋଜକ କିରଣ କୁମାର ଧାଡା ସୁଚାରୁରୂପେ ପରିଚାଳନା କରିଥିଲେ ।

ଯୁବକକୁ ପିଟି ପିଟି ମାରିଦେଲେ ଝିଅ ଘର ଲୋକେ

ସିମୁଳିଆ, ୦୫/୦୫(ଆ.ପ୍ର) : ଝିଅକୁ ପ୍ରେମ ନିବେଦନ କରିଥିବା ନେଇ ଯୁବକକୁ ପିଟି ପିଟି ମାରିଦେଲେ ଝିଅ ଘର ପରିବାର ଲୋକେ, ଶଳାକୁ ପିଟି ପିଟି ମାରିଦେଇଥିବା ନେଇ ଭିଣେଇର ସିମୁଳିଆ ଥାନାରେ ଅଭିଯୋଗ । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତର ସୁଦର୍ଶନ ସୂତାରଙ୍କ ପୁଅ ସୁବାଷ (୪୦)ବର୍ଷ ସେହି ଥାନା ଅନ୍ତର୍ଗତ କାଂଟପଡା ପଂଚାୟତର ବିରବ୍ରହ୍ମପୁର ଗ୍ରାମର ଭଗବାନ କର ଝିଅକୁ ସୁବାସ ମୋବାଇଲରେ ପ୍ରେମ ନିବେଦନ କରିଥିବା ନେଇ ଜାଣିପାରି ଉତକ୍ଷିପ୍ତ ହୋଇ ସୁବାସକୁ ଗାଡି ସାହାଯ୍ୟରେ ଘରୁ ଟେକି ନେଇ ବିରବ୍ରହ୍ମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି ପକ୍କା ଖୁଂଟରେ ବାନ୍ଧି ଦେଇ ନିସ୍ଥୁର ମାଡ଼ ମାରିଥିଲେ । ସୁବାସର ଅବସ୍ଥା ଗୁରୁତର ହେବାରୁ ସିମୁଳିଆ ଥାନାକୁ ଆଣିଥିଲେ । ସୁବାସ ଅବସ୍ଥା ଗୁରୁତର ଥିବା ଜାଣି ପୋଲିସ ସେମାନଙ୍କୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ପଠାଇ ଦେଇଥିଲେ । ଅବସ୍ଥା ଶଙ୍କଟାପନ୍ନ ଦେଖି ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ସୁବାସର ଭିଣେଇ ଉଦେଶ ନାୟକ ଶଳା ସୁବାସକୁ ଭଗବାନ କର ଓ ତାର ଭଣଜା ପିଟି ପିଟି ମାରିଦେଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ କରିବା ପରେ ସିମୁଳିଆ ପୋଲିସ ପ୍ରାଥମିକ ତଦନ୍ତ ସମୟରେ ଭଣଜାକୁ ଅଟକ ରଖି ତଦନ୍ତ ଜାରୀ ରଖିଥିଲେ । ପରେ ବାଲେଶ୍ୱର ସାଇଂଟିଫିକ ଟିମ ଆସି ଏଭଳି ମର୍ମସ୍ପର୍ଶୀ ଘଟଣାର ତଦନ୍ତ କରି ଫେରି ଯାଇଥିବା ଜଣାଯାଇଛି । ତେବେ ସିମୁଳିଆ ପୋଲିସ ୧୬୩/୨୬ମୂଳେ ମାମଲା ରୁଜୁ କରି ଭଗବାନ କର ଓ ଭଣଜା ରଞ୍ଜନ କୁମାର ଦାସକୁ ଗିରଫ କରିଥିବା ଜଣାଯାଇଛି । ତେବେ କାହିଁକି ଏଭଳି ଘଟଣା ଭିଆଇଲେ ଝିଅର ପରିବାର ଲୋକେ ଘଟଣାର ଅଧିକ ତଦନ୍ତ ପରେ ଘଟଣାର ପ୍ରକୃତ ରହସ୍ୟ ଜଣା ପଡିବ ।

ବିଜୟୀ ଉତ୍ସବ ପାଳିତ

ସିମୁଳିଆ, ୦୫/୦୫(ଆ.ପ୍ର) : ପଶ୍ଚିମବଙ୍ଗ, ଆସାମ ଓ ପୁଦୁଚେରୀ ରାଜ୍ୟ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିପୁଳ ବିଜୟ ଖବର ପ୍ରସାରଣ ପରେ ସିମୁଳିଆ ବିଜେପି ପକ୍ଷରୁ ମାର୍କୋଣା ବସ ଷ୍ଟାଣ୍ଡ କାଳୀ ମାର୍କେଟରେ ବିଜୟୀ ଉତ୍ସବ ପାଳିତ ହୋଇଯାଇଛି । ବିଜେପି ଯୁବନେତା ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଜୟୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ବିଜୟୀ ଉତ୍ସବ ତାତପର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ । ଏହାସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ । ଏହି ଅବସରରେ ମଣ୍ଡଳ ସଭାପତି ଅଭିନାସ ବେହେରା, ବରିଷ୍ଠ ବିଜେପି ନେତା ରାଧାରମଣ ପଟ୍ଟନାୟକ, ନିରାକାର ପଣ୍ଡା,ଜିଲ୍ଲା ସମ୍ପାଦିକା ଭାରତୀ ମଲ୍ଲିକ, ଯୁବମୋର୍ଚ୍ଚା ବ୍ଲକ ସଭାପତି କାର୍ତ୍ତିକ ଗାହାଣ, ସମିତି ସଭ୍ୟ ଗୋପୀକାନ୍ତ ମହାନ୍ତି ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପଣ୍ଡା କେକ କାଟି, ମିଠା ଖୁଆଇ ବିଜୟୀ ଉତ୍ସବ ପାଳନ କରିଥିଲେ ।

ସେଇଥିକୁ ଆରମ୍ଭ
SEITHO ARAMBHA
ବୁଧବାର, ୬ ମଇ ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଜ୍ଞାନର କ୍ଷମତା

ଚେତନା ଜ୍ଞାନର ପରିଭାଷା ଅସୀମ, ଅନନ୍ତ । ଜ୍ଞାନର ନିର୍ଣ୍ଣାୟକ କ୍ଷମତା ଜ୍ଞାନୀ ପାଖରେ ମଧ୍ୟ ନଥାଏ । ଜ୍ଞାନର ବ୍ୟାପ୍ତ ପରିସର ମଧ୍ୟରୁ କାହା ପାଖରେ କେଉଁ ଆକାରରେ କିହିଁକି କେଉଁ ପରିମାଣର ଜ୍ଞାନର ଉତ୍ପତ୍ତି ହୋଇଥାଏ ବୁଝିବା କଷ୍ଟ ! ଏହା ଏକ ପ୍ରକୃତିଦତ୍ତ ଜନ୍ମଗତ ଗୁଣ ମାତ୍ର ! ପାରିପାର୍ଶ୍ୱିକ ଶୈକ୍ଷିକତା କିଂଚିତ ପ୍ରଭାବିତ କରୁଥିଲେ ମଧ୍ୟ ପ୍ରକୃତ ଜ୍ଞାନ କେବଳ ଜନ୍ମଗତ । ଶୈକ୍ଷିକ ଜ୍ଞାନକୁ ଶିକ୍ଷା ମଧ୍ୟରେ ସୀମିତ ରଖାଯାଇ ପାରେ । ଶିକ୍ଷିତଙ୍କୁ ଜ୍ଞାନୀ ବୋଲି କହିବା ବାହୁଲ୍ୟ ମାତ୍ର ଯାହା କେବଳ ଏକ ସାମାଜିକ ବିଗର ଜନିତ ହୋଇ ପାରେ, କିନ୍ତୁ ବାସ୍ତବ, ପ୍ରାକୃତିକ ନୁହେଁ ! ଆଜିର ଅଜ୍ଞାନ ସମାଜରେ କାହାଦ୍ୱାରା ପ୍ରକାଶିତ ଲିଖିତ ବିଷୟକୁ ମସ୍ତିଷ୍କରେ କବଳିତ କରି ନିଜକୁ ଜ୍ଞାନୀ ବୋଲି ସ୍ୱୟଂ ବିବେଚନା କରୁଥିବା ମଣିଷଙ୍କ ସ୍ଥିତି ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳେ ! ଉପଯୁକ୍ତ ଜ୍ଞାନ ରହିତ ମଣିଷଙ୍କ ଦାର୍ଶନିକ ପରିଭାଷାକୁ ବୋଧଗମ୍ୟ କରିବାରେ ଅସମର୍ଥ ସାଧାରଣ ମଣିଷଙ୍କ ଦ୍ୱାରା ସେମାନଙ୍କୁ ଦିଆଯାଉଥିବା ମାନ୍ୟତା ଏକ ସାମାଜିକ କୁହେଳିକା ମାତ୍ର । କିଂନ୍ତୁ ପ୍ରାକୃତିକ, ବାସ୍ତବ ଜ୍ଞାନୀଙ୍କ ସ୍ଥିତି ସମୀକ୍ଷା କରିବା ଅତ୍ୟନ୍ତ ଜଟିଳ । ଶିକ୍ଷାରେ ଜ୍ଞାନ ଆହରଣ କରିବା ଏକ କଳା । ଜ୍ଞାନ କିଂନ୍ତୁ ଶିକ୍ଷାରୁ ଅତ୍ୟନ୍ତ କିଞ୍ଚିତ ମାତ୍ରାରେ ଉପଲବ୍ଧ ହେଉଥିବା ବେଳେ ମାନସ ମନ୍ଥନ ତଥା ପ୍ରାକୃତିକ ଜ୍ଞାନର ପ୍ରଭାବ ଭିନ୍ନ ହୋଇଥାଏ । ତେଣୁ ଜ୍ଞାନକୁ ବିବେଚନା କରି ତା'ର ମୂଲ୍ୟାୟନ କରିବା ସାଧାରଣ କଥା ନୁହେଁ ! ଜ୍ଞାନକୁ ତ୍ରିସ୍ତରୀୟ ବିଭକ୍ତି କରାଯାଇ ସଚେତନ, ଅସଚେତନ ଓ ଅବଚେତନ ଜ୍ଞାନର ବିଶ୍ଳେଷଣ କରି ଦେଖିଲେ ଜାଣି ହେବଯେ ଜ୍ଞାନର ମାତ୍ରା କାହାରି ଉପରେ ନିର୍ଭର କରି ମଣିଷ କେଉଁ ପ୍ରକାର ଚରିତ୍ରିକ ପ୍ରବାହ କରିଥାଏ ।

'ଖର ସୌର କରେ ତାରକା ଯେସନ, ଅସ୍ମିତା ବିସ୍ମୟେ ହେଲା ନିଗମନ'

॥ ଡକ୍ଟର କାଳୀ ପ୍ରସନ୍ନ ଶତପଥୀ ॥

ଓଡ଼ିଆ ଭାଷାରେ ନୁହେଁ ଖାଦ୍ୟ - ଅଖାଦ୍ୟ, ନୁହେଁ ମଣିଷ - ଅମଣିଷ ନୁହେଁ କାର୍ଯ୍ୟ - ଅକାର୍ଯ୍ୟ ଏହ ପରି ଶବ୍ଦ ବ୍ୟବହାର କରାଯାଏ । ଏହାକୁ ବ୍ୟାକରଣରେ ନଞ ତତପୁରୁଷ ସମାସ ବୋଲି କହନ୍ତି । ସେହିପରି ନୁହେଁ ସ୍ମିତା - ଅସ୍ମିତା ଅର୍ଥାତ୍ ଯିଏ ହସେ ନାହିଁ / ଯାହା ମୁହଁରେ ମୁରୁକି ହସ ନଥାଏ । 'ଓଡ଼ିଆ ଅସ୍ମିତା'ର ସରଳ ଅର୍ଥ ଓଡ଼ିଆ ହସେ ନାହିଁ । ଏଥିରୁ ଓଡ଼ିଆ ଭାଷା ଜାତିର ଲକ୍ଷଣ ପ୍ରକାଶ ପାଉଛି । ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ବୋଲି ଓଡ଼ିଆମାନେ ଗର୍ବ ଅନୁଭବ କରୁଛନ୍ତି । ଦୁଃଖର କଥ ସରକାରେ ବିଶିଷ୍ଟ ସାହିତ୍ୟିକମାନେ ଓ ଗଣମାଧ୍ୟମ ଅଶାସ୍ତ୍ରୀୟ ପ୍ରୟୋଗ କରିବାରେ ସାବଧାନ ତଥା ସଚେତନ ନୁହଁନ୍ତି । ବିଶେଷକରି ହିନ୍ଦୀ ଭାଷା ତଥା ମହାରାଷ୍ଟ୍ରର ପ୍ରଭାବରେ ନିଜତ୍ୱ ହରାଇ ଅସ୍ମିତା ଶବ୍ଦକୁ ସ୍ୱାଭିମାନ ଗୌରବ ଏବଂ ଆତ୍ମ ପରିଚୟ ପଥରେ ବହୁତ ପ୍ରଚାର ପ୍ରସାର କରି ଐତିହାସିକ ଭୁଲ କରିଚାଲିଛନ୍ତି । ଓଡ଼ିଶାର ଶାସ୍ତ୍ରୀୟ ଭାଷାରେ ଆଦିକବ ଶାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ ପରବର୍ତ୍ତୀ ସମୟରେ ଉପେନ୍ଦ୍ରଭଞ୍ଜ, ବଳଦେବ ରଥ, ଗଙ୍ଗାଧର, ଗୋପବନ୍ଧୁ, ମଧୁବାବୁ, ଫକୀରମୋହନଙ୍କ ପରି ନମସ୍ୟ ମନିଷୀଙ୍କ ସାହିତ୍ୟରେ ଏହି ନୂତନ ଅର୍ଥ ବୁଝାଉଥିବା ଅନ୍ୟ ଭାଷାରୁ ଆମଦାନୀ ହୋଇଥିବା ଅସ୍ମିତା ଶବ୍ଦର ନାମ ଗନ୍ଧ ନାହିଁ ।

କବିବର ରାଧାନାଥ ରାୟଙ୍କର ରଚନାରେ ଅହଂକାର ଅର୍ଥର ପ୍ରୟୋଗ ହୋଇଛି 'ଖର ସୌର କରେ ତାରକା ଯେସନ, ଅସ୍ମିତା ବିସ୍ମୟେ ହେଲା ନିଗମନ ।' ଗୋପୀନାଥ ନନ୍ଦଙ୍କ ଶବ୍ଦ ତତ୍ୱବୋଧ ଏବଂ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷରେ ଅସ୍ମିତା ଶବ୍ଦର ଅର୍ଥ ସ୍ପଷ୍ଟ ଭାବରେ ଅହଂକାର ବା ମୋହ ବୋଲି ଲେଖା ହେଉଛି । ଅସ୍ମିତା ଶବ୍ଦକୁ ସ୍ୱାଭିମାନ ଅର୍ଥରେ ନିର୍ଲଜ ଭାବରେ ପ୍ରୟୋଗ କରୁଥିବା ସରାକାର, ସାହିତ୍ୟିକ, ଗଣ ମାଧ୍ୟମ, ଭାଷା ପ୍ରତିଷ୍ଠାନ, ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଶା ପ୍ରତିଷ୍ଠିତ ପ୍ରଭାବ ଶାଳୀ ବ୍ୟକ୍ତିବିଶେଷ ବର୍ତ୍ତମାନ ଓଡ଼ିଆ ଭାଷା ସମ୍ପଦ, ପ୍ରାଚୀନ ସାହିତ୍ୟ ସ୍ରଷ୍ଟା, ପ୍ରାତଃ ସ୍ମରଣୀୟ, ଭାଷା କୋଷ ପ୍ରଣେତା ମାନଙ୍କୁ ଅପମାନିତ କରୁଛନ୍ତି । ନିଜ ମାତୃଭାଷାକୁ ଅପମାନିତ କରୁଥିବା ଅସ୍ମିତା ପ୍ରବଣ ବ୍ୟକ୍ତିମାନେ ନିନ୍ଦାର ପାତ୍ର । ଭାଷା ଏକ ପ୍ରାବହିତ ଧାରା ବୋଲି ଯୁକ୍ତି କରୁଥିବା ସ୍ତାବକମାନେ କେଉଁ କେଉଁ ଓଡ଼ିଆଶବ୍ଦ ଅନ୍ୟ ଭାଷାରେ ପ୍ରବେଶ କରି ପ୍ରଭାବ ବିସ୍ତାର କରିଛି ତାହାର ଉଦାହରଣ ଦେବା ଆବଶ୍ୟକ ।

ଧୂମାଟ ଶାସନ, ଇନ୍ଦୁପୁର, କେନ୍ଦ୍ରାପଡ଼ା
ଦୂରଭାଷ : ୯୩୪୮୧୯୨୬୧୯ / ୯୮୬୧୦୫୮୧୩୦

ତ୍ୟାଗମୂର୍ତ୍ତି, ଦେବୀମୂର୍ତ୍ତି ଓ ଦିବ୍ୟମୂର୍ତ୍ତି ମାତା

॥ ଅଲେଖ ଚନ୍ଦ୍ର ସାମଲ ॥

ସାଧାରଣତଃ ମଣିଷ ଯେଉଁମାନଙ୍କ ଠାରୁ ଜନ୍ମ ଗ୍ରହଣ କରେ ତାଙ୍କୁ ମା' ବାପା ରୂପେ ଗ୍ରହଣ କରିଥାଏ । କିନ୍ତୁ ଅବତାରମାନେ ଯେତେବେଳେ ସଂସାରରେ ମାନବ ରୂପେ ଜନ୍ମ ଗ୍ରହଣ କରନ୍ତି ସେମାନେ କାହାକୁ ମା, ବାପାଙ୍କ ସ୍ଥାନ ଦେବେ ନିଜେ ତାହା ବାଛିକରି ସେମାନଙ୍କ ମାଧ୍ୟମରେ ଜନ୍ମ ଗ୍ରହଣ କରିଥାନ୍ତି । ତାହା ସଙ୍ଗେ ସଙ୍ଗେ ମାଆବାପାଙ୍କୁ ମଧ୍ୟ ମାୟାଚ୍ଛନ୍ନ କରି ଦିଅନ୍ତି ଯେଉଁଥି ପାଇଁ ସେମାନେ ଏହି ସତ୍ୟଟି ବିସ୍ମୃତ ହୋଇ ଯାଆନ୍ତି । ପୁନଶ୍ଚ ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ପୁତ୍ରର କାର୍ଯ୍ୟକଳାପ ଓ କଥା ଚାତୁରୀ ଓ ତୀକ୍ଷ୍ଣବୁଦ୍ଧିର ଝଲକ ଦେଖି ନିଜେ ନିଜେ ଆଚମ୍ବିତ ହୋଇଥାନ୍ତି । ଯେ, ସତେ କ'ଣ ଏ ପୁତ୍ରକୁ ଆମେ ଜନ୍ମ ଦେଇଛୁ । ପ୍ରକୃତ କଥା ହେଲା ବାପାମା ଜନ୍ମ ଦେଇଥାନ୍ତି - ତାଙ୍କର ଇଚ୍ଛାରେ ସେ ଜନ୍ମ ଦେବାକୁ ଚାହିଁବା ଯୋଗୁଁ ।

ଶ୍ରୀରାମ, ଶ୍ରୀକୃଷ୍ଣ, ପର୍ଶୁରାମ, ଶ୍ରୀଚୈତନ୍ୟ, ରାମକୃଷ୍ଣ, ବିବେକାନନ୍ଦ, ଇତି ଅବତାର ପୁରୁଷମାନେ ତାଙ୍କ ନିଜ ଇଚ୍ଛା ବଳରେ ହିଁ ମାତୃଗର୍ଭ ବାଛି ନେଇଥାନ୍ତି । ଖ୍ରୀଷ୍ଟଧର୍ମରେ ମଧ୍ୟ ଅନୁରୂପ ଘଟଣାର ବର୍ଣ୍ଣନା ଦେଖାଯାଏ । ଯୀଶୁଖ୍ରୀଷ୍ଟ ଇଚ୍ଛା କରି ମାତ୍ମାଶେରୀଙ୍କ ବିବାହ ପୂର୍ବରୁ ତାଙ୍କ ଗର୍ଭରେ ଆଶ୍ରୟ ନେଇଥିଲେ । ସମସ୍ତେ ପ୍ରସବପ୍ରକ୍ରିୟା ମାଧ୍ୟମରେ ଜନ୍ମ ଲାଭ କରନ୍ତି କିନ୍ତୁ ଉପରୋକ୍ତ ମହାନ ବ୍ୟକ୍ତିଗଣ ପ୍ରଥମେ ପ୍ରବେଶ କରିଥାନ୍ତି ଓ ପରେ ପ୍ରସବ ହୋଇ ଆସନ୍ତି ସଂସାରକୁ । ଭଗବାନ, ଭଗବତ୍ ଐଶ୍ୱର୍ଯ୍ୟ ସମ୍ପନ୍ନ ଓ ଭାଗବତ ଗୁଣଶ୍ଚ ପୁରୁଷମାନେ ମଧ୍ୟ ସୃଷ୍ଟି ପ୍ରକ୍ରିୟାର ବିଧିକୁ ମାନି ନିଜେ ଅବତରଣ କରିବା ସମୟରେ ମଧ୍ୟ ଗୋଟିଏ ମାତୃଗର୍ଭକୁ ଆଶ୍ରୟ କରିଥାନ୍ତି । ଜନ୍ମଲାଭ କରିବା ପରେ ସମାଜରେ ପରିଚୟ ଲାଭ କରିବା ପାଇଁ ଜଣେ ପିତାର ମାଧ୍ୟମ ଲୋଡ଼ିଥାନ୍ତି ।

ମାତା ଈଶ୍ୱରାତ୍ମାଙ୍କୁ ଏହି କାର୍ଯ୍ୟ ପାଇଁ ଲୋଡ଼ି ଥିଲେ ଭଗବାନ ସତ୍ୟସାଇ । ଗୋଟିଏ ବର୍ତ୍ତୁଳାକାର ଘନନୀଳ ପିଣ୍ଡ କେବଳ ମାତାଙ୍କ ଜ୍ଞାତ ସାରରେ ଗଗନ ମଣ୍ଡଳରୁ ଖସି ଈଶ୍ୱରାତ୍ମାଙ୍କ ଗର୍ଭରେ ଲୀନ ହୋଇଗଲେ । ତତକ୍ଷଣାତ୍ ମାତା ତାହାର ସଂଘାତରେ ଚେତା ହରାଇ ଭୂପତିତା ହୋଇପଡ଼ିଲେ । ଗ୍ରାମର ଅନ୍ୟ ମହିଳାମାନେ ଜଳସଂଗ୍ରହ କରିବାକୁ ଆସି ମାତାଙ୍କୁ ନେଇ ଶାଶୁଙ୍କ ସମୀପରେ ପହଂଚାଇ ଦେଲେ । ସବୁ ଶୁଣି ସାରିଲା ପରେ ସେ ସମୟର ତଥା ସେ ଅଂଚଳର ଗ୍ରାମ୍ୟ ଚଳଣି ଅନୁସାରେ ଶାଶୁ ଓ ବୋହୁ ସ୍ଥିର କଲେ ଯେ ଏହା ଗୋପନ ରଖାଯିବ । ପୂର୍ବ ତିନି ସନ୍ତାନଙ୍କ ଗର୍ଭାବାସ ସମୟର ଅନୁଭୂତି ଈଶ୍ୱରାମ୍ବାଙ୍କର ଥିଲା । ଏଥରର ଅନୁଭୂତି ଥିଲା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ଓ ଭିନ୍ନ ସ୍ତରର । ଏହାଥିଲା ଅଦୃଷ୍ଟ ପୂର୍ବ, ଅଶ୍ରୁତ ପୂର୍ବ, ଅଚିନ୍ତ୍ୟ ପୂର୍ବ । ସେ ଅନୁଭୂତିକୁ ପ୍ରକାଶ କରିବା ପାଇଁ ଅଭିଧାନରେ ଭାଷା ନଥିଲା । ତେଣୁ ସେ ସବୁକୁ ମାତା ତାଙ୍କ ଅନ୍ତରରେ ଭେଦି ରହିବା ପାଇଁ ବାଧ୍ୟ ହେଉଥିଲେ । ଶାଶୁଭାଷାଷା ବୋହୂର ଚକ୍ଷୁ ଯୁଗଳକୁଚାହିଁ ରହୁଥିଲେ । ବେଳେ ବେଳେ କମ୍ପିତ ଅଧର ଯାହା ପ୍ରକାଶ କରିବାକୁ ଉଦ୍ୟତ ହୋଇ ପରବର୍ତ୍ତୀ ସମୟରେ ଶାନ୍ତ ହୋଇଯାଉଛି । ତାହାକୁ ବେଶ ଲକ୍ଷ କରିପାରୁଥିଲେ । ସମୟ ଗଡ଼ି ଯିବା ସଙ୍ଗେ ସଙ୍ଗେ ସନ୍ତାନର ଆଗମନ ତଥା ମୁଖ ଦର୍ଶନ ପାଇଁ ମାଆ ଓ କେଜେମାଆଙ୍କ ବ୍ୟଗ୍ରତା ବଢ଼ିବା ସ୍ୱାଭାବିକ । କିନ୍ତୁ ମାଆଙ୍କ ଅନ୍ତରାତ୍ମା ଚାହିଁଥାଏ ଏହି ସନ୍ତାନଟି ଆଉ କିଛି ସମୟ ଧରି ଗର୍ଭରେ ରହନ୍ତା କି ? ସ୍ୱର୍ଗୀୟ ଆନନ୍ଦମୟ ଅନୁଭୂତି ଆଉ କିଛି ଦିନ ପାଇଁ ମିଳନ୍ତା । ସନ୍ତାନ ଜନ୍ମ ପରେ ଏତାଦୃଶ ଅନୁଭୂତି ଆଉ ରହିବ କି ନାହିଁ ସେ ଆଶଙ୍କାରେ ମାତା ଯେଉଁ ବ୍ୟଥା ପାଉଥିଲେ ତାହା ମଧ୍ୟ ମଧୁମୟ ଥିଲା । ବିରାଟ ପରିବାର ଭିତରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ପୂର୍ବକ ଏହି ନୂତନ ଅନୁଭୂତିକୁ ଆସ୍ୱାଦନ କରିବାକୁ ଇଚ୍ଛାଥିଲେ ମଧ୍ୟ ପରିବେଶ ଅନୁକୂଳ ହେଉନଥିଲା ।

ସମୟ ତାହାର କର୍ତ୍ତବ୍ୟକୁ କେବେ ହେଳା କରେ ନାହିଁ । ସମୟର ପଞ୍ଜିକା ଅନୁଯାୟୀ ମାତା ଈଶ୍ୱରାମ୍ବା ୧୯୨୬ ନଭେମ୍ବର ୨୩ ପ୍ରାତଃ କାଳରେ ଭାର ମୁକ୍ତ ହେଲେ । ଭିତରୁ ମିଳୁଥିବା ଆନନ୍ଦ ବର୍ତ୍ତମାନ ବାହାରୁ ମିଳିବାକୁ ଆରମ୍ଭ ହେଲା । ହେଲେ ତାହା ବହୁତ କମ୍ ସମୟ ପାଇଁ ରହିଲା । ଶିଶୁର ଚାଲିବା ଆରମ୍ଭ ହେଲା ମାତ୍ରେ ମାତାଙ୍କର ଦୌଡ଼ିବା ଆରମ୍ଭ ହେଲା । ଏ ଦୌଡ଼ିବା ସହିତ ସଦାସର୍ବଦା ସତର୍କ ଓ କେଉଁ ଅନାଗତ ବିପତି କେତେବେଳେ ଉପସ୍ଥିତ ହୋଇଯିବ ସେ ଚିନ୍ତାରେ ମାତା ଆହୁରି ବେଶୀ ଭାରାକ୍ରାନ୍ତ ହୋଇ ରହିଥିଲେ । ପରବର୍ତ୍ତୀ ସମୟରେ ଏ ଦୁଃଖ କିଛି ନୁହେଁ ବୋଲି ଧାରଣା ହେଲା । କାରଣ ଏହାଠାରୁ ବଡ଼ ବଡ଼ ବିପଦ ଓ ଆଶଙ୍କା ମାଆ ହୃଦୟକୁ ନିଶ୍ଚିନ୍ତ ହୋଇ ରହିବାକୁ ଦେଲା ନାହିଁ । ବିଦ୍ୟାରମ୍ଭ ଆରମ୍ଭ ହେଲା ଗ୍ରାମ ବିଦ୍ୟାଳୟରେ । ବିଦ୍ୟାଳୟକୁ ଯିବାର ଯେତିକି ସମୟ ଘରୁ ଅନୁପସ୍ଥିତ ରହିବାକୁ ହୋଇଥିଲା ସେତକ ସମୟ ମାଉ ଦେହ ଘର କାମ କରୁଥିଲେ ମଧ୍ୟ ମନରେ ପୁତ୍ରର ସୁରକ୍ଷା ଦାୟିତ୍ୱ ତାଙ୍କୁ ଖୁବ୍ ଆନ୍ଦୋଳିତ କରେ । ମାତାଙ୍କ କଷ୍ଟ ସେଦିନ ସୀମା ଟପିଥିଲା । ସବୁଠାରୁ କୋମଳ ହୃଦୟକୁ ପଥର କରିବାକୁ ପଡ଼ିଥିଲା ଯେଉଁଦିନ ପୁଅ ଘୋଷଣା କଲା, ମୁଁ ତୁମ ପୁଅ ନୁହେଁ, ମୋ ଭକ୍ତମାନେ ମୋତେ ଡାକିଲେଣି, ମୁଁ ଆଉ ତୁମ ଘରେ ରହିପାରିବି ନାହିଁ । ମୁଁ ସମସ୍ତଙ୍କ ବାବା, ତୁମର ମଧ୍ୟ । ଆଜିଠାରୁ ତୁମେ ମଧ୍ୟ ମୋର ଝିଅ ଓ ବାପା ମୋର ପୁଅ । ବଜ୍ର ଛିଡ଼ି ପଡ଼ିଲା ମାତାଙ୍କ ମଥାରେ । ଚର୍ତୁଦିଗ ଅନ୍ଧାର ଦିଶିଲା । କେହି ଯଦି ଚେଷ୍ଟାକରି ପୁଅକୁ ଘରକୁ ଫେରାଇ ଆଣିପାରନ୍ତା ସମସ୍ତଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା, କେବଳ ମାତାଙ୍କ ଦୁଗ୍ରାନ୍ନ ଥାଳି ଓ ଅନ୍ତରର ଅଳି ମୁହୂର୍ତ୍ତକ ପାଇଁ ପୁତ୍ରକୁ ଅଟକାଇ ପାରିଥିଲା ।

ମାଆ ଭାବୁଥାନ୍ତି 'ଆମେ ତ ଜନ୍ମ ଦେଇନାହୁଁ, ସେ ଇଚ୍ଛାକରି ଜନ୍ମ ହୋଇଛି । ଏ ପର୍ଯ୍ୟନ୍ତ ତା ଇଚ୍ଛାରେ ଥିଲା । ଏଠାରେ ରହିବ କିଏ ଯାହା କରିବ ତା ଇଚ୍ଛାରେ କରିବ । ଆମେ କେବଳ ଯଦି ତାକୁ ଦେଖିପାରୁଥିବୁ, ସେତିକି ଯଥେଷ୍ଟ ।' ବହୁକଷ୍ଟରେ ଶପଥ କରାଇ ନେଇଥିଲେ ଗୃହତ୍ୟାଗ କର ପଛେ, ଜନ୍ମସ୍ଥାନ ତ୍ୟାଗ କରନା । ଅବତାରଙ୍କ ମାଆ ହେବା ସୌଭାଗ୍ୟର କଥା । କେତେ ଜନ୍ମର କେତେ ନିଷ୍ଠାପର ତପସ୍ୟାର ଫଳ । ସେହି ତପସ୍ୟାର କଷ୍ଟ ସହିଥିବା ଯୋଗୁଁ ପୁତ୍ରର ନିନ୍ଦା, ପ୍ରଶଂସାରେ ଅପ୍ରଭାବିତ ରହିବାର ତପସ୍ୟା ପୁନଶ୍ଚ କରିବାକୁ ପଡିଥାଏ । ମାତାଙ୍କ ଚରଣ ତଳେ ପ୍ରଣତି ଢ଼ାଳିବା ସଙ୍ଗେ ସଙ୍ଗେ ସେ ତ୍ୟାଗମୂର୍ତ୍ତି, ଦେବୀମୂର୍ତ୍ତି, ଦିବ୍ୟ ମର୍ତ୍ତିକୁ ବାରମ୍ବାର ପ୍ରଣାମ କେବଳ ।

ପୂର୍ବତନ ଡିଏଫଓ, ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୬୧୨୩

ଭକ୍ତ କୁଳ ତିଳକ ହନୁମାନ ଜୀ କି ଜୟ !

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଯୁଗେ ଯୁଗେ ଧର୍ମ ରକ୍ଷା ନିମନ୍ତେ ଭଗବାନ ଶିବ ବହୁବାର ଅବତାର ନେଇଥିବା ଶିବପୁରାଣରେ ବର୍ଣ୍ଣନା ରହିଛି । ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଙ୍କ ସହାୟତା କରିବା ଲାଗି ତଥା ଧର୍ମ ରକ୍ଷା ନିମନ୍ତେ ଭଗବାନ ମହାଦେବଙ୍କ ଅବତାର ବୀର ହନୁମାନ ଜନ୍ମ ନେଇଥିଲେ । ହନୁମାନଙ୍କୁ ମହାଦେବଙ୍କ ଶ୍ରେଷ୍ଠ ଅବତାର ବୋଲି କୁହାଯାଇଥାଏ । ପିତା ବାନର ରାଜ କେଶରୀ ଓ ମାତାଙ୍କ ଅଞ୍ଜନାଙ୍କ ଔରସରୁ ପ୍ରବଳ ପ୍ରତାପୀ ତେଜସ୍ୱୀ ଓ ପରାକ୍ରମୀ ପୁତ୍ର ହନୁମାନ ଜନ୍ମ ନେଇଥିଲେ । ସୂର୍ଯ୍ୟଦେବ ହନୁମାନଙ୍କୁ ନିଜ ୧୦୦ତମ ତେଜ ପ୍ରଦାନ କରିଥିଲେ । ଏହାଦ୍ୱାରା ହନୁମାନ ଶାସ୍ତ୍ରଜ୍ଞ ହୋଇପାରିଥିଲେ । ଶାସ୍ତ୍ରଜ୍ଞାନରେ ତାଙ୍କ ସହ କେହି ତୁଳନୀୟ ନଥିଲେ । ଧର୍ମରାଜ ତାଙ୍କୁ ବରଦାନ ଦେଇଥିଲେ ଯେ କେବେହେଲେ ଯମଦଣ୍ଡ ହନୁମାନଙ୍କୁ ଛୁଇଁପାରିବ ନାହିଁ । ଗଦା କେବେ ହେଲେ ହନୁମାନଙ୍କ ଅନିଷ୍ଟ କରିପାରିବ ନାହିଁ ବୋଲି କୁବେର ବରଦାନ ଦେଇଥିଲେ । କୌଣସି ଶିବାସ୍ତ୍ର ହନୁମାନଙ୍କ ଅନିଷ୍ଟ କରିପାରିବ ନାହିଁ ବୋଲି ମହାଦେବ ତାଙ୍କୁ ବରଦାନ ଦେଇଥିଲେ । ସେହିପରି ବଜ୍ର କେବେହେଲେ ହନୁମାନଙ୍କ ଅନିଷ୍ଟ କରିବ ନାହିଁ ବୋଲି ଇନ୍ଦ୍ରଦେବ ବରଦାନ ଦେଇଥିଲେ । ଦେବଶିଳ୍ପୀ ବିଶ୍ୱକର୍ମା ହନୁମାନଙ୍କୁ ବରଦାନ ଦେଇଥିଲେ, ତାଙ୍କ ଦ୍ୱାରା ନିର୍ମିତ କୌଣସି ଶସ୍ତ୍ର ହନୁମାନଙ୍କ କୌଣସି ଅନିଷ୍ଟ କରିପାରିବ ନାହିଁ । ସେ ସର୍ବଦା ଚିରଞ୍ଜିବୀ ହୋଇ ରହିବେ । ମହାବୀର ହନୁମାନ ଭକ୍ତି, ସେବା, ଜ୍ଞାନ, ସମର୍ପଣର ମହାନ ଉଦାହରଣ ରଖି ଯାଇଛନ୍ତି । ମାନବ କଲ୍ୟାଣ ଉଦ୍ଦେଶ୍ୟରେ ଭୂପୃଷ୍ଠରେ ଜନ୍ମ ନେଇ ବୀର ହନୁମାନ ଆଜି ବି ଅସଂଖ୍ୟ ଭକ୍ତଙ୍କୁ ନିଜ ଆଶୀଷ ପ୍ରଦାନ କରୁଛନ୍ତି । ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସତ୍ୟଯୁଗର ଆଉ ଏକ ନାମ କୃତଯୁଗ ବା କ୍ରିୟାନ୍ୱିତ ଯୁଗ । ସକ୍ରିୟ ନ ହେଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ । ସତ୍ୟଯୁଗ ମୋର ମାନେହୁଏ ବଂଚିବା ଓ ବଢ଼ିବାର ଯୁଗ । ସତ୍ୟଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋଳଅଣା । ସତା ସେତେବେଳେ ପୂର୍ଣ୍ଣତମ ତେଜରେ ଆଗେଇ ଚାଲେ । ବଂଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତିପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ । ତ୍ରେତୟାରେ ଧର୍ମ ତିନିପାଦ ଓ ଅଧର୍ମ ଏକ ପାଦ । ସେତେବେଳେ ମଧ୍ୟ ବଂଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ରହିଛି । ଦ୍ୱାପରରେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ । ସତା ଓ ପ୍ରବୃତି ଦୁଇ ଦିଗରେ ମନୁଷ୍ୟର ସମାନ ଝୋଁକ୍ । ପ୍ରବୃତିପରାମୁଖତା ଯୋଗୁଁ ସତାର ଜ୍ୟୋତି କ୍ଷୀଣ ହୋଇଉଠେ । ଆଉ କଳିରେ ଅଧର୍ମ ତିନିପାଦ ଓ ଧର୍ମ ଏକପାଦ । ସତାକୁ କ୍ଷୁର୍ଣ୍ଣ କରି ପ୍ରବୃତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ମଧ୍ୟ ପାଇବା ଓ ଉପଭୋଗର ଦୂରନ୍ତ ଲାଳସା । ଯାହାର ନମୁନା ଚର୍ତୁଦିଗରେ ଦେଖାଯାଏ ।

ତ୍ରେତୟାରେ ନୟନାଭିରାମ ଶ୍ରୀରାମଚନ୍ଦ୍ରଙ୍କର ବେଷ୍ଟନୀ ଥିଲା ଅତ୍ୟନ୍ତ ସୁଦୃଢ଼ । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମର୍ଯ୍ୟାଦା ପୁରୁଷୋତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପରମବୀର ହନୁମାନ, ଜାମ୍ବୁବାନ, ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ ଓ ବିଭୀଷଣ ସମସ୍ତେ ମିଶି ଏକ ଶକ୍ତିଗୁଚ୍ଛ ହିସାବରେ ପ୍ରଭୁଙ୍କର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିଲେ । ହଜରତ୍ ରସୁଲଙ୍କର ମଧ୍ୟ ଏକ ଶକ୍ତିମାନ ଗୁଚ୍ଛ ଥିଲା । ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ୱସ୍ତି ନିମିତ ସମସ୍ତ କାର୍ଯ୍ୟ କରିଛନ୍ତି । ଏହା ହିଁ ତାଙ୍କର ଆତ୍ମପ୍ରସାଦ ଥିଲା ଓ ଏହା କରିବାକୁ ଯାଇ ତାଙ୍କର ଶକ୍ତି ଦିନକୁ ଦିନ ବଢ଼ି ଉଠିଥିଲା । ତାଙ୍କର ଇତର ଅହଂକାର ନଥିଲା । ଚାହିଁବା ଓ ପାଇବାର ପ୍ରଶ୍ନ ମଧ୍ୟ ନଥିଲା । ଏକମାତ୍ର ଚାହିଦା ଥିଲା ପ୍ରଭୁଙ୍କର ପରିପୂରଣ ଓ ଶାନ୍ତି । ଏଥିପାଇଁ ତାଙ୍କର ଶକ୍ତିର ପରିସର ଦିନକୁ ଦିନ ବଢ଼ି ଉଠିଥିଲା । ଧର୍ମ ଯେଉଁଠାରେ ସେଠାରେ ବୀର୍ଯ୍ୟ, ଯଶ ଓ ଐଶ୍ୱର୍ଯ୍ୟ । ଭକ୍ତି କେତେବେଳେ ହେଲେ ମନୁଷ୍ୟକୁ ଦୁର୍ବଳ କରେନାହିଁ ବରଂ ମନୁଷ୍ୟଙ୍କୁ ଚିରପରାକ୍ରମଶୀଳ ଉର୍ଜ୍ଜୀ ତେଜ ସଂପନ୍ନ ଭକ୍ତ କରି ଗଢ଼ାଏ । ଭକ୍ତ କେତେବେଳେ ହେଲେ ଇଷ୍ଟଙ୍କର ବୋଝ ହୋଇଉଠେନାହିଁ, ଗଳଗ୍ରହ ହୋଇଉଠେନାହିଁ ବରଂ ନିଜର ସମସ୍ତ ବଳ ଓ ପରାକ୍ରମ ଦେଇ ପ୍ରଭୁଙ୍କର ସେବାକରେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପରମବୀର ହନୁମାନ । ଆମମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ ହନୁମାନ ଭଳି ଭାବ ଓ ଭକ୍ତି ନେଇ । ହନୁମାନ ହେଉଛନ୍ତି ଭକ୍ତମାନଙ୍କର ରାଜା । ଦୈତ୍ୟରାଜ ରାବଣକୁ ଭଗବାନ ରାମ କ୍ଷମା କରିଦେଇଥିଲେ କିନ୍ତୁ ହନୁମାନ କ୍ଷମା କରିନାହାନ୍ତି । ଭକ୍ତି ସହକାରେ କହିଥିଲେ - ଆପଣଙ୍କ ଶତ୍ରୁକୁ ଆପଣ କ୍ଷମା କରିପାରନ୍ତି କିନ୍ତୁ ମୁଁ କ୍ଷମା କରିପାରିବି ନାହିଁ । ଏହା ହିଁ ହେଉଛି ସଚ୍ଚା ଅନୁରାଗର ନିଶାଣୀ । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଆତ୍ମପ୍ରତିଷ୍ଠାର ନିର୍ବାଧ ପନ୍ଥା ହେଲା ଇଷ୍ଟ ପ୍ରତିଷ୍ଠା । ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ । ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦବୋଧ ଥିଲା । ଆଜି ପବିତ୍ର ହନୁମାନ ଜୟନ୍ତୀରେ ପରମ ଭକ୍ତ ହନୁମାନଙ୍କର ଗୁଣ, ବୀର୍ଯ୍ୟ, ଭକ୍ତି ଓ ସାମର୍ଥ୍ୟକୁ ସ୍ମରଣ କରି ସମଗ୍ର ମାନବ ସମାଜକୁ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଉର୍ଜ୍ଜୀଭକ୍ତିର ପରମ୍ପରାକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଜୟଶ୍ରୀ ରାମ । ଜୟ ଶ୍ରୀ ହନୁମାନ ।

ପ୍ରତିରକ୍ଷିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୩୩୮୧୦୦୮୩୭

ମଧୁବାବୁଙ୍କୁ ମିଳୁ ଭାରତ ରତ୍ନ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଓଡ଼ିଆ ସ୍ୱାଭିମାନ, ଗୌରବ, ଚେତନା ସବୁକିଛିର ମୂଲ୍ୟବୋଧ ଭାବପୂର୍ଣ୍ଣ ପ୍ରତୀକ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ । ନିକଟରେ ଏହି ମହାନକୃତୀ ପୁରୁଷଙ୍କ ୧୭୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ତେବେ ମୋ ପରି ଅନେକ ମଧୁପ୍ରେମୀ ଓ କୋଟି କୋଟି ଓଡ଼ିଆଙ୍କ ଭିତରେ ସ୍ୱାଭାବିକ ଭାବେ ପ୍ରଶ୍ନଟିଏ ଉଠୁଛି ବାସ୍ତବରେ ଏ ରାଜ୍ୟ ପାଇଁ, ଏ ଜାତି ପାଇଁ ଏହି ମହାନ କାଳଜୟୀ ପୁରୁଷ ଯାହା କରିଯାଇଛନ୍ତି ଆମ ଓଡ଼ିଆ ଜାତି ପ୍ରତିଦାନରେ କ'ଣ ଦେଇଛି ?

ଓଡ଼ିଆ ସ୍ୱାଭିମାନର ପ୍ରତୀକ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିଧାଣୀ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ଓଡ଼ିଆ ଜାତିର ପ୍ରଥମ ଓକିଲ ଥିଲେ ବୋଲି ଓଡ଼ିଶାବାସୀ ତାଙ୍କୁ ଶ୍ରଦ୍ଧାରେ ମଧୁ ବାରିଷ୍ଟର ଡାକନ୍ତି । ଇଂରେଜ ଶାସନ ଅମଳରେ ଯେଉଁ କେତେ ଜଣ ଓଡ଼ିଆ ଓଡ଼ିଶାବାସୀଙ୍କ ହକ୍ ପାଇଁ ବ୍ରିଟିସ ମାନଙ୍କ ସହ ଆଖିରେ ଆଖି ମିଶାଇ କହୁଥିଲେ ସେଥିରେ ମଧୁ ବାବୁଙ୍କ ନାମ ଆଗରେ ଆସେ । ଓଡ଼ିଆଙ୍କୁ ସ୍ୱତନ୍ତ୍ର ପରିଚୟ ଦେବାଠାରୁ ଆରମ୍ଭ କରି ଜଣେ ନିଜକୁ ଓଡ଼ିଆ ବୋଲି ଗର୍ବ କରିବାକୁ ଯାହା ସବୁ ଆବଶ୍ୟକ ସେଥିପାଇଁ ମଧୁବାବୁଙ୍କର ଅବଦାନ ଅତୁଳନୀୟ । ହେଲେ ଓଡ଼ିଆଙ୍କ ମଉଡ଼ମଣି ବୋଲାଉଥିବା ମଧୁ ବାବୁଙ୍କ ସମ୍ମାନାର୍ଥେ ଓଡ଼ିଆ ଜାତି ଯାହା କରିବା କଥା ତାହା କରିପାରିନି । ମଧୁ ବାବୁ କେବଳ ଓଡ଼ିଆଙ୍କ ମଉଡମଣି ନୁହେଁ, ସେ ଭାରତର ଜଣେ ରତ୍ନ ଥିଲେ । ଭାରତ ସରକାରଙ୍କ ଭାରତ ରତ୍ନ ଉପାଧିରେ ସମ୍ମାନିତ ହେବା ପାଇଁ ତାଙ୍କର ସବୁ ଯୋଗ୍ୟତା ଥାଇ ବି ଆଜି ବି ତାଙ୍କ ନାମକୁ ବିଚାରକୁ ନିଆଯାଉନି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପରେ ଯେଉଁ ରାଜନେତାମାନେ ସାରାଦେଶରେ ଖ୍ୟାତି ଅର୍ଜନ କଲେ, ସେମାନେ ମଧୁ ବାବୁଙ୍କୁ ଉଚିତ ସମ୍ମାନ ମିଳିବା ନେଇ କେବେ ବି ସମୟୋପଯୋଗୀ ପଦକ୍ଷେପ ନେଲେନି । ଏବେ ସବୁଠି ଓଡ଼ିଆ ଅସ୍ମିତାର ପ୍ରଚାର ହେଉଥିବାବେଳେ ମଧୁବାବୁଙ୍କୁ 'ମରଣୋତର ଭାରତ ରତ୍ନ' ମିଳିଲେ ହିଁ ଓଡ଼ିଆ ଅସ୍ମିତାର ଟେକ ରହିବ ।

ମଧୁବାବୁଙ୍କୁ ଓଡ଼ିଆ ଜାତିର ପିତା କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ପିତୃଋଣ ପରିଶୋଧ ନିମିତ ଆମ ଓଡ଼ିଆ ଜାତି କେତେ ସମର୍ଥ ହୋଇପାରିଛି ତାହା ବର୍ତ୍ତମାନ ପରିପ୍ରେକ୍ଷୀରେ ଏକ ବ୍ୟଥିତ କଲାଭଳି ପ୍ରସଙ୍ଗ ଭାବେ ସାମ୍ନାକୁ ଆସୁଛି । ମଧୁବାବୁ ଏକାଧାରାରେ ଜଣେ ଆଇନଜୀବୀ, ରାଜନୈତିକ ବ୍ୟକ୍ତି, ରାଷ୍ଟ୍ର ନିର୍ମାତା ଥିଲେ । ଅଖଣ୍ଡ ଓଡ଼ିଶା ଗଠନ ତାଙ୍କର ସ୍ୱପ୍ନ ଥିଲା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଅବଦାନ ଅତୁଳନୀୟ । ସବୁ ଓଡ଼ିଆ ମଧୁ ବାବୁଙ୍କ ପାଇଁ ଆଜି ଗର୍ବିତ । ଓଡ଼ିଶାର ଶିଳ୍ପ, ଶିକ୍ଷା, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଉତଥାନରେ ତାଙ୍କ ଅବଦାନ ଚିରସ୍ମରଣୀୟ । ସାରା ଦେଶରେ ଓଡ଼ିଆ ଭାବେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଯାଇଛନ୍ତି । ମଧୁବାବୁ ଓଡ଼ିଆ ଜାତିର ଗର୍ବ । ଓଡ଼ିଶା ଏକ ଭାଷା ନୁହେଁ ବୋଲି କହୁଥିବା ଲୋକଙ୍କୁ ମଧୁ ବାବୁ ଉଚିତ ଜବାବ ଦେଇଥିଲେ । ସାରା ଦେଶରେ ଓଡ଼ିଆଙ୍କ ପରିଚୟ ଥିଲେ ମଧୁବାବୁ । ତାଙ୍କ ତ୍ୟାଗ ଓ ଜୀବନବ୍ୟାପୀ ସାଧନା ପାଇଁ ଭାଷାଭିତିକ ଓଡ଼ିଶା ଗଠନ ସମ୍ଭବ ହୋଇଥିଲା । ଆଇନ କ୍ଷେତ୍ରରେ ତାଙ୍କ ଅବଦାନ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ମଧୁବାବୁଙ୍କ ଭାରତ ରତ୍ନ ପ୍ରଦାନରେ ବହୁତ ବିଳମ୍ବ ହୋଇଯାଇଛି ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଲିଓ ଟଲଷ୍ଟୟଙ୍କ ସହ ତୁଳନା କରିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ । ମଧୁବାବୁ ଖାଲି ଆଇନଜୀବୀ ନଥିଲେ ସେଥିଲେ ଓଡ଼ିଶା ପ୍ରଥମ ରାଜନୈତିକ ବ୍ୟକ୍ତିତ୍ୱ । ଓଡ଼ିଆରେ କଥା ଅଛି, ମଧୁ ବାବୁ ସାଙ୍ଗେ ଲଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି । ଓଡ଼ିଶାର ସ୍ୱତନ୍ତ୍ର ରାଜ୍ୟ ପାଇଁ ତାଙ୍କର ମୁଖ୍ୟ ଭୂମିକା ଥିଲା । ଓଡ଼ିଶାର ଲୋକମାନଙ୍କୁ କିଭଳି ରୋଜଗାର ମିଳିପାରିବ ସେଥିପାଇଁ ସେ ଶିଳ୍ପ ପ୍ରତିଷ୍ଠା ହେଉ ବୋଲି ଚାହିଁଥିଲେ । ଚମଡ଼ା କାରଖାନା ପ୍ରତିଷ୍ଠା କରିବା, ମହିଳାଙ୍କ ଶିକ୍ଷା ପାଇଁ ଶୈଳବାଳା ମହିଳା କଲେ ପ୍ରତିଷ୍ଠା, ଓଡ଼ିଶା ଭାଷା କିଭଳି ବଂଚି ରହିବ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ତାଙ୍କର ଭୂମିକା ରହିଛି । ଅନେକ କିମ୍ବଦନ୍ତୀ, ଅନେକ କାହାଣୀ, ଅନେକ ଉଦାହରଣର କେନ୍ଦ୍ର ଚରିତ୍ରରେ ରହି ଓଡ଼ିଶାର ଜନଜୀବନକୁ କେବଳ ପ୍ରଭାବିତ କରିନଥିଲେ ଏ ଓଡ଼ିଆ ଜାତିକୁ ନୂଆ ପରିଚୟ ଆଉ ଆଗକୁ ବଢ଼ିବାର ଦିଗଦର୍ଶନ ଦେବା ପାଇଁ ସେ ଅନେକ କିଛି ତ୍ୟାଗ କରିଥିଲେ । ଓଡ଼ିଶା ମାଟି ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ଅବର୍ଣ୍ଣନୀୟ । ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଭୂମିକାକୁ କେହି ବି ଭୁଲି ପାରିବେନି । କହିବାକୁଗଲେ ସେ ହେଉଛନ୍ତି ଓଡ଼ିଆ ଜାତିର ପିତା । ଆଉ ଆଜି ଆମେ ଗର୍ବରେ କହୁଥିବା ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ସେ ହେଉଛନ୍ତି କର୍ଣ୍ଣଧାର ।

ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର କ୍ଷିଏ ପ୍ରତୀକ, ସେ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ । କୋଟି ଓଡ଼ିଆର ମଉଡ଼ମଣି ଜଗତର ନାଥ ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତିଙ୍କ ପାଇଁ ଆଇନଗତ ଲଢ଼େଇ ମଧୁବାବୁ ସଫଳ ହୋଇଥିଲେ । ଓଡ଼ିଆଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ସେ ବଂଚାଇଥିଲେ । ଓଡ଼ିଆ ସ୍ୱାଭିମାନର ପ୍ରତୀକ ମଧୁବାବୁଙ୍କ ପାଇଁ ଭାରତ ରତ୍ନ ସମ୍ମାନ ବି କମ ହେବ । ମଧୁବାବୁଙ୍କ ସ୍ଥାନ ସବୁଠୁ ଉର୍ଦ୍ଧ୍ୱରେ । ଯିଏକି ନିଜ ସାରା ଜୀବନ ମାଟି ଓ ମା' ପାଇଁ ଉତ୍ସର୍ଗ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ଗଠନ, ଓଡ଼ିଶାର ଅସ୍ମିତା ଜଗନ୍ନାଥ ମହାପ୍ରଭୁଙ୍କ ପରମ୍ପରାର ସୁରକ୍ଷା ଏବଂ ଓଡ଼ିଆ ଜାତିର ଅସ୍ତିତ୍ୱକୁ ବଂଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୂର୍ବରୁ ବ୍ରହ୍ମପୁର ମାଟିର ସୁଯୋଗ୍ୟ ଦାୟାଦ ଭି.ଭି.ଗିରିଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ମାଟିର ସୁଯୋଗ୍ୟ ସନ୍ତାନଙ୍କ ବିଷୟରେ ସହରବାସୀ ଅଜ୍ଞ । ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ଦିଗରେ ସରକାର ବିଚାର କରିବାର ସମୟ ଆସିଛି ।

ମଧୁବାବୁ ହେଉଛନ୍ତି ଅଦ୍ୱିତୀୟ, ସୁଦକ୍ଷ ଜନନାୟକ ଓ ପ୍ରଜ୍ଞାପୁରୁଷ । ମା' ଓ ମାଟିର ସୁରକ୍ଷା ପାଇଁ ତାଙ୍କ ତ୍ୟାଗ, ନିଷ୍ଠା ଓ ସଂକଳ୍ପ ଅତୁଳନୀୟ । ସେ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସଂଗ୍ରାମ ଓ ସଂଘର୍ଷମୟ ଜୀବନଯାପନ କରି ଓଡ଼ିଆଙ୍କ ସାମୂହିକ ବିକାଶ ଚିନ୍ତା କରୁଥିଲେ । ଏଣୁ ଏଭଳି ଜଣେ ବ୍ୟକ୍ତିତ୍ୱ ତଥା ସ୍ୱାଭିମାନୀ ମହାପୁରୁଷଙ୍କୁ ଭାରତ ରତ୍ନ ଭଳି ସମ୍ମାନରେ ସମ୍ମାନିତ କରାଗଲେ ନିଶ୍ଚିତ ଭାବେ ଯୁବପିଢ଼ିଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି ହୋଇପାରିବ । ମନେପଡ଼ିଯାଉଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଲିଖିତ ଉଦବୋଧନୀ କବିତାର ଧାଡ଼ିଟିଏ - 'ଜାତି ଇତିହାସ ଜାତିର ନିର୍ଝର, ତହୁଁ ବହୁଅଛି ଜାତିପ୍ରାଣ ଧାର, ସେ ଧାରରୁ ନିର ପିଉଛି ଯେ ନର, ନିଶ୍ଚୟ ହେବେ ସେ ଜାତି କର୍ମବୀର' ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୬୨୮୧୦

ସିଥୋ ଆରମ୍ଭ
SEITHO ARAMBHA

ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଯାଜପୁର, ୦୫/୦୫(ଆ.ପ୍ର) : ସଦର ଥାନା ଅନ୍ତର୍ଗତ ଜାଫର ପୁର ପଂଚାୟତ ବଡ ତ୍ରିଲୋଚନ ପୁର ଗ୍ରାମରେ ଜମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଗଣ୍ଡଗୋଳରେ ଜଣେ ମୃତ, ୭ ଆହତ ହୋଇଥିବା ବେଳେ ଆଜି ଯାଜପୁର ସଦର ଥାନା ପକ୍ଷରୁ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ ବଡ଼ ତ୍ରିଲୋଚନ ପୁର ଗ୍ରାମର ଏକ ବିବାଦୀୟ ଜମି ରେ ଘର ନିର୍ମାଣକୁ ନେଇ ଗୋବିନ୍ଦ ଘଡ଼େଇ (୬୨) ଓ ନରେନ୍ଦ୍ର ଘଡ଼େଇ ପରିବାର ମଧ୍ୟରେ ବିବାଦ ଲାଗିଥିଲା ଓ ବିବାଦୀୟ ଜମି ଉପରେ କୋର୍ଟ ରେ ମକଦ୍ଦମା ଚାଲୁ ରହିଥିବାବେଳେ ଉକ୍ତ ବିବାଦୀୟ ଜମି ଉପରେ ନରେନ୍ଦ୍ର ଘଡ଼େଇ ଘର ନିର୍ମାଣ କରିଥିଲେ । ଏହି ଘର ନିର୍ମାଣକୁ ଗୋବିନ୍ଦ ଘଡ଼େଇ ବିରୋଧ କରିବାରୁ ନରେନ୍ଦ୍ର ଘଡ଼େଇ ଓ ତାର ବନ୍ଧୁ ବାନ୍ଧବ ସହଯୋଗୀ ମାନେ ମିଳିତ ଭାବେ ଗୋବିନ୍ଦଙ୍କୁ ଠେଙ୍ଗା ବାଡ଼ି ଓ ମାରଣାସ୍ତ୍ର ରେ ମରଣାତ୍ମକ ଆକ୍ରମଣ କରିଥିଲେ । ଖବର ପାଇ ଗୋବିନ୍ଦଙ୍କ ଦୁଇ ପୁଅ ସଞ୍ଜୟ, ସରୋଜ ଓ ଗୋବିନ୍ଦର ପତ୍ନୀ ଓ ଝିଅ ଘଟଣା ସ୍ଥଳକୁ ଯିବାବେଳେ ବିପକ୍ଷ ପକ୍ଷ କଟୁରୀ ରେ ଆକ୍ରମଣ କରିଥିଲେ । ସଦର ପୋଲିସ ଖବର ପାଇ ବିଳମ୍ବରେ ଘଟଣା ସ୍ଥଳରେ ପହଂଚିବାରୁ ଗ୍ରାମବାସୀ ମାନେ ଗୁରୁତର ଆହତ ଗୋବିନ୍ଦଙ୍କୁ ଏକ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଥିଲେ ହେଲେ ମେଡ଼ିକାଲରେ ପହଂଚିବା ବେଳକୁ ଗୋବିନ୍ଦର ମୃତ୍ୟୁ ହୋଇଥିଲା । ମୃତ ଗୋବିନ୍ଦର ପତ୍ନୀ, ଝିଅ ଓ ଦୁଇ ପୁଅ ସରୋଜ, ସଞ୍ଜୟ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ବିପକ୍ଷ ପକ୍ଷର ନରେନ୍ଦ୍ର ଘଡ଼େଇଙ୍କ ସମ୍ପର୍କୀୟ ଦିବ୍ୟଜ୍ୟୋତି ବେହେରା ଗୁରୁତର ଆହତ ହୋଇ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛି ଓ ଗୌତମ ଦାସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଏ ନେଇ ମୃତ ଗୋବିନ୍ଦଙ୍କ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଏତଲା ଦିଆଯାଇଛି । ସଦର ଥାନା ପକ୍ଷରୁ ଘଟଣାର ତଦନ୍ତ କରାଯିବା ସହିତ ଏହି ହତ୍ୟାକାଣ୍ଡ କାଣ୍ଡରେ ଜଡିତ ଥିବା ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହିତ ତଦନ୍ତ ଜାରି ରଖିଛି ବୋଲି ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ କହିଛନ୍ତି ।

ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରୁ ରାଜଶ୍ରୀ ପାଣିଗ୍ରାହୀଙ୍କୁ ପିଏଚଡି ଉପାଧି

ଦଶପଲ୍ଲା /ଗଣିଆ, ୦୫/୦୫(ଆ.ପ୍ର) : ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରୁ ବାୟୋଟେକ୍ନୋଲୋଜି ବିଭାଗରେ ରାଜଶ୍ରୀ ପାଣିଗ୍ରାହୀଙ୍କୁ ପିଏଚ.ଡି ଉପାଧି ପ୍ରଦାନ କରାଯାଇଛି । ସେ ବିଶ୍ୱବିଦ୍ୟାଳୟର ସେଂଟର ଫର୍ ବାୟୋଟେକ୍ନୋଲୋଜି ବିଭାଗର ଆସିଷ୍ଟାଂଟ ପ୍ରଫେସର ଡଃ ରାନା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଜର ଗବେଷଣା କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ରାଜଶ୍ରୀଙ୍କ ଗବେଷଣାତ୍ମକ ନିବନ୍ଧର ଶୀର୍ଷକ ଥିଲା 'Genetic stability and evaluation of phytochemical properties of in vitro propagated Kaempferia parviflora and Zingiber cassumunar' । ତାଙ୍କର ଏହି ନିବନ୍ଧଟି ଆସାମର କାଜିରଙ୍ଗା ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଶୈଳେନ୍ଦ୍ର କୁମାର ମହାନ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଡକ୍ଟର ରାଜଶ୍ରୀ ପାଣିଗ୍ରାହୀ ହେଉଛନ୍ତି ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ପତଣା ଗ୍ରାମ ନିବାସୀ ରଘୁନାଥ ପାଣିଗ୍ରାହୀ ଏବଂ କଟକ ଜିଲ୍ଲା ନରସିଂହପୁର ଅଂଚଳ ଲେମ୍ବୋ ଗ୍ରାମର ପ୍ରଭାତ ଚନ୍ଦ୍ର ପଣ୍ଡାଙ୍କ ନାତୁଣୀ । ସେ ତାଙ୍କର ଏହି ସଫଳତା ପାଇଁ ପିତା ଉମେଶ ଚନ୍ଦ୍ର ପାଣିଗ୍ରାହୀ, ମାତା ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଭାଇ ରିତେଶ ପାଣିଗ୍ରାହୀ ଏବଂ ସମସ୍ତ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଅବସରରେ ସେ ନିଜର ସମସ୍ତ ଶ୍ରେୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଅର୍ପଣ କରିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ।

ସରକାର କହୁଛି ବିକାଶ, ଗାଁ କହୁଛି ବିପଦ ?

ସିନାପାଲି, ୦୫/୦୫(ଆ.ପ୍ର) : "ଆମେ କେଉଁ ଶତାବ୍ଦୀରେ ବଂଚୁଛୁ ?" ଏଭ ପ୍ରଶ୍ନ ଏବେ ନୂଆପଡା ଜିଲ୍ଲାର ସିନାପାଲି ବ୍ଲକ୍ କାପସି ମାଝିପଡ଼ାର ଲୋକମାନେ କହୁଛନ୍ତି । ସରକାର ବିକାଶର କଥା କହୁଛନ୍ତି, କିନ୍ତୁ ଗ୍ରାଉଣ୍ଡର ଅବସ୍ଥା ଦେଖିଲେ ମନ ଦୁଃଖ ହେଉଛି । କାପସି ମାଝିପଡ଼ାରୁ ମଣରାପଡ଼ା ଯାଉଥିବା ରାସ୍ତା ଏବେ ରାସ୍ତା ନୁହେଁ, କାଦୁଅର ନଈ ହୋଇଯାଇଛେ । ଥୋଡ଼ା ବର୍ଷା ପଡ଼ିଲେ ରାସ୍ତାରେ ଚାଲିବା ମୁସ୍କିଲ, ପାଦେ ଯିବା ବି ଭୟ ଲାଗୁଛେ । ଦେଖିବାକୁ ମିଳୁଛେ ଯେ, କୁନି କୁନି ସ୍କୁଲ ପିଲାମାନେ କାଦୁଅ ମଧ୍ୟରେ ପାଠ ପଢ଼ିବାକୁ ଯାଉଛନ୍ତି । ଚାଷୀମାନେ ବିଲକୁ ଯିବାକୁ ବହୁତ କଷ୍ଟ ପାଉଛନ୍ତି । ଯଦି କେହି ରୋଗୀ ହେଇଯାଏ, ତାକୁ ହସ୍ପିଟାଲ୍‌କୁ ନେବା ବଡ ଅସୁବିଧା - ଆମ୍ବୁଲାନ୍ସ ଆସିବା ଦୂର କଥା, ଖଟିଆରେ ବୋହି ନେବା ବି ଖତରନାକ ହେଉଛେ । ଏବେ ଲୋକମାନେ ପଚାରୁଛନ୍ତି - କେଉଁଠି ଗଲା 'ଗାଁକୁ ରାସ୍ତା' ଯୋଜନା ପଂଚାୟତର କୋଟି କୋଟି ଟଙ୍କା କେଉଁଠି ଖର୍ଚ୍ଚ ହେଲା ? ନିମ୍ନମାନର କାମ କରାଯାଇଛି କି ? ଡ୍ରେନେଜ୍ ନଥିବାରୁ ଏହି ଅବସ୍ଥା ହେଲା କି ? ବାରମ୍ବାର ଅଭିଯୋଗ କଲେ ବି ସମ୍ପୃକ୍ତ ବିଭାଗ ଆଉ ଅଧିକାରୀମାନେ କାହିଁକି ଚୁପ୍ ଅଛନ୍ତି, ସେନେଇ ଲୋକମାନେ କ୍ଷୋଭ ପ୍ରକାଶ କରୁଛନ୍ତି । ସରକାରୀ ବାବୁମାନେ ଏସି ଘରେ ବସି ବିକାଶର କଥା କହୁଥିବା ବେଳେ, ଗାଁର ଲୋକେ କାଦୁଅରେ ଜୀବନ କାଟୁଛନ୍ତି । ଏବେ ଦେଖିବାକୁ ଥିବା କଥା - ଏହି ଖବର ପରେ ପ୍ରଶାସନର ବେଡା ଖୁଲିବ କି ? ନା ଗାଁର ଲୋକେ ଏଇଭଳି ଅବହେଳାରେ ଜୀବନ କାଟୁଥିବେ ? ଏହି ଘଟଣା ଉପରେ ଆମର ନଜର ରହିବ ।

ମାଟ୍ରିକ ପରୀକ୍ଷା ରେ ଓଡ଼ିଶାରେ ୩ୟ ସ୍ଥାନ ଅଧିକାର କଲେ ଜନ୍ମେଜୟ

ମାହାଙ୍ଗା, ୦୫/୦୫(ଆ.ପ୍ର) : ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଅଧ୍ୟୟନ କରୁଥିବା ଓଳକଣା ଗ୍ରାମ, ହଳଦିଆ ପଂଚାୟତର ନିରଞ୍ଜନ ମହାନ୍ତଙ୍କ ପୁଅ ଜନ୍ମେଜୟ ମହାନ୍ତି ଚଳିତ ମାଟ୍ରିକ ପରୀକ୍ଷାରେ ୫୮୩ ନମ୍ବର (୯୭%) ରଖି ଓଡ଼ିଶାରେ ୩ ସ୍ଥାନ ଅଧିକାର କରିଥିବାରୁ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଜନ୍ମେଜୟ ମହାନ୍ତିଙ୍କ ବାସଭବନରେ ପହଂଚି ଜନ୍ମେଜୟଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଆଗାମୀ ଦିନରେ ଜନ୍ମେଜୟଙ୍କର ସମସ୍ତ ପାଠପଢା ଦାୟିତ୍ୱ ନେବାପାଇଁ ଶ୍ରୀ ସାହୁ ତାଙ୍କର ପିତାମାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଶ୍ରୀ ସାହୁଙ୍କ ସହିତ, ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ଦେବେନ୍ଦ୍ର କୁମାର ପରିଡା, ଶ୍ରୀନିବାସ ରାଉତ, ଯୁବ ସଂଗଠକ ଉତମ କୁମାର ବେହେରା, ମହେନ୍ଦ୍ର ରାଉତ, ସାଉଁଟି ରାଉତ, ହରିହର ପ୍ରଧାନ, ସୋମନାଥ ଜେନା, ମୁନା ଦାସ, ରଞ୍ଜନ ନାୟକ, ସୁଧୀର ପୃଷ୍ଟି, ଅନନ୍ତ ସାହୁ, ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ମେଧାବୀ ଛାତ୍ର ହିମାଂଶୁ ମହାପାତ୍ରଙ୍କ ସଫଳତା

ବାସୁଦେବପୁର, ୦୫/୦୫(ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁରରେ ମେଧାବୀ ଛାତ୍ର ହିମାଂଶୁ ମହାପାତ୍ର ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଉତ୍କୃଷ୍ଟ ସଫଳତା ହାସଲ କରି ଅଂଚଳରେ ଗୌରବ ଆଣିଛନ୍ତି । ଶ୍ରୀଧର ଏକାଦଶୀ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ର ହିମାଂଶୁ ମହାପାତ୍ର ଏହି ବର୍ଷର ମ୍ୟାଟ୍ରିକ ପରୀକ୍ଷାରେ ୫୪୯ ନମ୍ବର ରଖି ସଫଳତା ଅର୍ଜନ କରିଛନ୍ତି । ତାଙ୍କର ଏହି ଉଲ୍ଲେଖନୀୟ ଫଳାଫଳ ପରିବାର ଓ ବିଦ୍ୟାଳୟ ପାଇଁ ଗର୍ବର କାରଣ ହୋଇଛି । ହିମାଂଶୁଙ୍କ ପିତା ତନ୍ମୟ ମହାପାତ୍ର ଓ ମାତା ପ୍ରଜ୍ଞା ମହାପାତ୍ର ସନ୍ତାନଙ୍କ ଏହି ସଫଳତାରେ ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି । ପରିବାରର ସମର୍ଥନ ସହିତ ତାଙ୍କ ଦାଦା ପ୍ରଣୟ ମହାପାତ୍ର, ଯିଏ ଜଣେ ଶିକ୍ଷକ, ଓ ଖୁଡି ଦେବିସ୍ମିତା ସାମଲଙ୍କ ପ୍ରେରଣା ମଧ୍ୟ ଏହି ସଫଳତାରେ ମୂଳ ଭୂମିକା ନେଇଛି ।ଏହି ସଫଳତା ଅବସରରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଶୋକ କୁମାର ଦାସ ସହିତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ହିମାଂଶୁ ଓ ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ହିମାଂଶୁଙ୍କ ଏହି ସଫଳତା ଅଂଚଳର ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି ।

ଭଦ୍ରକ ମୃର୍ତ୍ତିକାର ଗୁଣବତା ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିଛି ଭଦ୍ରକ ବୈଶାଖୀ ମେଳାର ଅଷ୍ଟମ ସନ୍ଧ୍ୟା

ଭଦ୍ରକ, ୦୫/୦୫(ଆ.ପ୍ର) : ଭଦ୍ରକର ମୃର୍ତ୍ତିକା ଓ କୃଷି ସମ୍ପଦର ସୁପରିଚାଳନା କେବଳ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାର ବିକାଶ ରଥକୁ ଆଗକୁ ନେଇଯିବାର ଶକ୍ତି ରଖେ । କୃଷି ଖାଦ୍ୟ ଯୋଗାଏ, ମୃତ୍ତିକା ଉତ୍ପାଦନର ଆଧାର ସାଜେ ଏବଂ ମତ୍ସ୍ୟ ସମ୍ପଦ ରପ୍ତାନି ଓ ବାଣିଜ୍ୟକୁ ସୁଦୃଢ଼ କରେ । ଏହି ତିନୋଟି ସ୍ତମ୍ଭର ସମନ୍ୱିତ ବିକାଶ ହିଁ ଓଡ଼ିଶାକୁ ଏକ ଅର୍ଥନୈତିକ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବାରେ ସକ୍ଷମ ହୋଇଛି । ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ପରିସରରେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଚାଲିଥିବା 'ବୈଶାଖୀ ମେଳା-୨୦୨୬'ର ଅଷ୍ଟମ ସନ୍ଧ୍ୟାରେ ମାଟି ଓ ମଣିଷର ସମ୍ପର୍କକୁ 'ଭଦ୍ରକର କୃଷି, ମୃତିକା ଓ ମତ୍ସ୍ୟଜୀବୀ' ବିଷୟରେ ଭାବଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ୍ ଡ. ଗୋଲକ ବିହାରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଭଦ୍ରକର ଚାଷୀ ଓ ମତ୍ସ୍ୟଜୀବୀମାନେ ହେଉଛନ୍ତି ଆମର ପ୍ରକୃତ ସମ୍ପଦ । ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି, ଯାହାର ସୁଫଳ ପ୍ରତିଟି ପରିବାର ପାଖରେ ପହଂଚିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ବୈଶାଖ ମେଳା ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ଭଦ୍ରକ ମୃର୍ତ୍ତିକାର ବିବିଧତା ହିଁ ଏ ଅଂଚଳର ଉତ୍ଥାନ ଓ କୃଷିର ବିକାଶ ଘଟିଛି ଏବଂ ଏହା ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିଛି ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ କୃଷିକବି ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ ଓ କୃଷିକବି ଇଂ. ଅରୁଣ କୁମାର ପାତ୍ର ଯୋଗଦେଇ ମାଟିର ସ୍ୱାସ୍ଥ୍ୟ ରକ୍ଷା କଲେ ହିଁ ସୁସ୍ଥ ଶସ୍ୟ ଉତ୍ପାଦନ ସମ୍ଭବ । କୃଷିକୁ କେବଳ ଜୀବିକା ନୁହେଁ, ବରଂ ଏକ ସେବା ଭାବେ ଗ୍ରହଣ କରିବା ବାଞ୍ଛନୀୟ ବୋଲି କହିଥିଲେ । ବିଧାୟକ ଶ୍ରୀ ମହାପାତ୍ର ଓ ଜିଲ୍ଲାପାଳଙ୍କୁ ଏହି ଅବସରରେ ସଭାପତି ଅଜୟ ନାୟକ, ବୈଶାଖୀମେଳାର ସମ୍ପାଦକ ରୂପକ ରାୟ, ତ୍ୟାଗଭୂମି ସମ୍ପାଦକ ଗଦାଧର ବାଳ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ ଅଖିଳ କୁମାର ପାଢ଼ୀ, ପଦ୍ମାନ ରାୟ, ସୁଧାକର ରାଉତ, ରବିନାରାୟଣ ପଣ୍ଡା, କବି ରମେଶ ଦାସ, ବାବୁଲାଲ ଦାସ, ବରିଷ୍ଠ ନାଗରିକ ସଙ୍ଘର ଜିଲ୍ଲା ସଭାପତି କୈଳାସ ପଣ୍ଡା, ନାରାୟଣ ପାଢ଼ୀ, ମନୋରଞ୍ଜନ ଦାସ, ମଦନ ନାୟକ, ଉମାକାନ୍ତ ପାଳ, ଗୌରଙ୍ଗ ବାରିକ, ଲକ୍ଷ୍ମୀକାନ୍ତ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମେଳା କମିଟି ସଭାପତି ଅଜୟ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ ମଂଚ ଆହ୍ୱାନ କରିଥିଲେ ଓ ସମ୍ପାଦକ ରୂପକ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନ ଅଧିବେଶନ କବି ଗୌରାଙ୍ଗ ବାରିକ, ସଭାପତିତ୍ୱରେ ମା' ଓ ମାଟିକୁ ନେଇ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ କବି ଯୋଗଦେଇଥିଲେ । ଶେଷରେ 'ଉତ୍ସବ ନୃତ୍ୟ ଏକାଡେମୀ' ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା ।

ଫଟା କଥାରେ ରଙ୍ଗ ମାରି ମାଲେ ମାଲ ବଡ ସରପଂଚ

ହାଟଡିହି, ୦୫/୦୫(ଆ.ପ୍ର) : ହାଟଡିହି ଏହି ବ୍ଲକରେ ଏବେ ବିଭିନ୍ନ ସରକାରୀ ଗୃହକୁ ରାଜ୍ୟ ସରକାର ନିଜ ସରକାରଙ୍କ ରଙ୍ଗରେ ରଙ୍ଗାଯିବ କରିବାକୁ ନିଷ୍ପତି ନେଇଛନ୍ତି । ବଡ ରମ୍ପାସ ସରପଂଚ ନିଜ ପଂଚାୟତ ଡାଇଣ୍ଡରିକୁ ମରାମତି ଓ ରଙ୍ଗ କରିବା ପାଇଁ ଆସିଥିବା ଟଙ୍କାକୁ ଭଙ୍ଗା ପାଚେରୀ ରେ ମାରି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ବଡ ରମ୍ପାସ ସରପଂଚ ରବୀନ୍ଦ୍ର ଯେନା । ବିଜୁ ଜନତା ଦଳ ସରକାରରେ ସର୍ବାଧିକ ପ୍ରକଳ୍ପ କାର୍ଯ୍ୟ ହାତେଇବା ଲକ୍ଷ୍ୟ ଦଳରେ ସାମିଲ ହୋଇଥିଲେ । କିନ୍ତୁ ରାଜ୍ୟ ସରକାର ବଦଳିବା ପରେ ଏବେ ସରକାରୀ କାମକୁ ବାଟବେଣା କରି ସରକାରଙ୍କୁ ବଦନାମ କରି ଟଙ୍କା ହଡ଼ପ ଉଦ୍ଦେଶ୍ୟରେ ଅଛନ୍ତି । ଯାହାର ନଗ୍ନ ଚିତ୍ର ନିଜ ପଂଚାୟତ ଡାଇଣ୍ଡରୀରେ ଜିଲ୍ଲା ପରିଷଦ ପାଣ୍ଠିରୁ ଦୁଇ ଲକ୍ଷ ଟଙ୍କାର ଅନୁଦାନ ଆଣି ଫଟା କାନ୍ଥରେ ଲଗାଇ ନେଇଥିବା ଘାଟଣା ଏବେ ଜଳ ଜଳ କରି ସରକାରୀ ଯୋଜନାରେ କିପରି ବିଫଳତାକୁ ପଦାରେ ପକାଉଛି ।

ନୂଆପଡାରେ ପୁଲିସର ବଡ କାର୍ଯ୍ୟାନୁଷ୍ଠାନ: କଫ ସିରପ ଡିଲ ବେଳେ ଚଢ଼ାଉ, ୩ ଗିରଫ

ନୂଆପଡା, ୦୫/୦୫(ଆ.ପ୍ର) : ନୂଆପଡା ସହରର ସିରଡୋଲ ପୋଖରୀ ହିଡ଼ରେ ବେଆଇନ କଫ ସିରପ ଡିଲ ଚାଲୁଥିବା ବେଳେ ପୁଲିସ ହଠାତ୍ ଚଢ଼ାଉ କରି ବଡ ସଫଳତା ପାଇଛେ । ଏଇ ଅଭିଯାନରେ ୧୪୩ ବୋତଲ କଫ ସିରପ ଜବତ କରାଯାଇଥିବା ବେଳେ ୩ ଜଣକୁ ଗିରଫ କରାଯାଇଛେ । ଗିରଫ ଲୋକମାନେ ହେଲେ ସିରଡୋଲର ରଂଜନ ଦାଶ (ଟିଟୁ), ଅରବିନ୍ଦ ନାଏକ ଆଉ ସୁଧୀର ନାଗ (ଡଲୁ) । ଏହି କଥା ନୂଆପଡା ଥାନାରେ ହୋଇଥିବା ପ୍ରେସ୍ ମିଟ୍‌ରେ ଏସଡିପିଓ ଷେଶ୍ୱର ସାହୁ କହିଛନ୍ତି । ବିଶ୍ୱସ୍ତ ଖବର ପାଇ ପୁଲିସ ଆଇଆଇସି ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଟିମ୍ ଚଢ଼ାଉ କରିଥିଲା । ସେଠାରୁ ୧୪୩ ବୋତଲ ବେଆଇନ କଫ ସିରପ, ୧୦୫୦ ଟଙ୍କା ଆଉ ଗୋଟେ ମୋବାଇଲ ଫୋନ ଜବତ କରାଯାଇଛେ । ବେଆଇନ ନିଶା କାରବାର ଅଭିଯୋଗରେ ତିନୋଜଣଙ୍କୁ ଗିରଫ କରି କେସ୍ ରୁଜୁ କରାଯାଇଛେ ଆଉ କୋର୍ଟକୁ ଚାଲାଣ କରାଯାଇଛେ । ଜାମିନ ନାମଞ୍ଜୁର ହେବା ପରେ ସବୁକୁ ଜେଲ୍‌କୁ ପଠାଇ ଦିଆଯାଇଛେ । ପୁଲିସ କହୁଛି ଯେ, ନୂଆପଡା ସହରରେ ବେଆଇନ କଫ ସିରପ ବେପାରକୁ ପୁରା ବନ୍ଦ କରିବା ପାଇଁ ଏଭଳି ଅଭିଯାନ ଚାଲି ରହିବ । ଗିରଫ ଲୋକମାନେ ଦୀର୍ଘ ଦିନ ଧରି ଏଇ ନିଶା ବେପାର କରୁଥିବା ସନ୍ଦେହ ହେଉଛି । ଏଇ ଘଟଣା ପରେ ଅଂଚଳର ଅନ୍ୟ ନିଶା ବେପାରୀମାନଙ୍କ ମଧ୍ୟରେ ଭୟର ପରିବେଶ ଦେଖାଯାଉଛେ ।

ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଂକୀର୍ତନ ଅନୁଷ୍ଠିତ

ପାତ୍ରପୁର, ୦୫/୦୫(ଆ.ପ୍ର) : ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ବଣସୋଲା ଗ୍ରାମରେ ଗତ ସୋମବାର ଠାରୁ ଉତ୍କଳେଶ୍ୱର ମହାଦେବଙ୍କ ପୀଠରେ ପଂଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ଓ ଚବିଶି ପ୍ରହର ଗୋବିନ୍ଦ ନାମ ସଂକୀର୍ତନ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ବିଶ୍ୱଶାନ୍ତି ମହାଯଜ୍ଞ ପ୍ରାୟ ପାଂଚ ଦିନ ବ୍ୟାପି ଲାଗି ରହିବ । ପ୍ରଥମ ଦିନରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମାନେ ବାହୁଦା ନଦୀରୁ ପାଣି ଆଣି ଗ୍ରାମରେ କଳସଯାତ୍ରା କରି ହୋମ ମଣ୍ଡପ ଠାରେ ପହଂଚିଥିଲେ । ପରବର୍ତୀ ସମୟରେ ଦୀକ୍ଷାଭିଷେକ, ଅଧିବାସ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିନରେ ବ୍ରହ୍ମଣବରଣ, ସାଧୁସନ୍ଥବରଣ, ଶାଳାପୂଜା, ସୂର୍ଯ୍ୟପୂଜା ଗୋପୂଜା ମଣ୍ଡଳ ପୂଜା ବୈଦିକାଗ୍ନି ସଂସ୍କାର ଓ ନାମ ସଂକୀର୍ତନ ଆରମ୍ଭ ହୋଇଥିଲା । ତୃତୀୟ ଦିନରେ ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଓ ଗୋପୂଜା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅନ୍ୟ ପକ୍ଷରେ ପଂଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଗ୍ରାମର ସମସ୍ତ ଘର ସାମ୍ନାରେ କୁମ୍ଭ ସ୍ଥାପନ କରିଥିବା ଦେଖିବାକୁ ମିଳିଛି । ଗ୍ରାମରେ ୨୪ ଘଂଟା ଧରି ଗୋବିନ୍ଦ ନାମ ସଂକୀର୍ତନ ଲାଗି ରହିଥିବା ବେଳେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ପଡ଼ୋଶୀ ରାଜ୍ୟ ଅନ୍ଧ୍ରପ୍ରଦେଶ ଓ ଆଖ ପାଖ ଅଂଚଳ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । କାର୍ଯ୍ୟକ୍ରମରେ ଗ୍ରାମର ଭଦ୍ରବ୍ୟକ୍ତି ତଥା ପେଦାରେଡି କେ ନୁକାୟା,କେ ଜ୍ୟୋତି ରେଡ୍ଡୀଙ୍କ ଦ୍ୱାରା ବିଭିନ୍ନ କମିଟି ଗଠନ କରି ପରିଚାଳନା କରୁଥିବା ବେଳେ ଗ୍ରାମର ସମସ୍ତ ଭଦ୍ରବ୍ୟକ୍ତି ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିବା ଜଣାପଡିଛି । ଏହି ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ଗୁରୁବାର ଦିନ ପୂର୍ଣ୍ଣାହୁତି ହେବ ବୋଲି ଗ୍ରାମର ଭଦ୍ରବ୍ୟକ୍ତି କେ କୁରେଶ ରେଡ୍ଡି ସୂଚନା ଦେଇଛନ୍ତି ।

କଲମପୁର ବ୍ଲକର ବିଭିନ୍ନ ଅଂଚଳର ସମସ୍ୟା ନେଇ ଅଭିଯୋଗ

କଲମପୁର, ୦୫/୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ପଣ୍ଡିଗାଁ ପଂଚାୟତର ପୂର୍ବତନ ସରପଂଚ ବନଜାବାସିନୀ ମହାପାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ବିଭିନ୍ନ ଅଂଚଳର ସମସ୍ୟା ପଚାରି ବୁଝୁଥିବା ବେଳେ ଏକ ସ୍ୱର୍ଣ୍ଣକାତର ଅଭିଯୋଗ କରିଥିଲେ । ଶ୍ରୀମତୀ ମହାପାତ୍ର କହିଥିଲେ ଯେ ଅଯୋଗ୍ୟ ମାନେ ଭତା ହାତେଇବାରେ ସକ୍ଷମ ହେଉଥିବା ବେଳେ ଯୋଗ୍ୟ ହିତାଧିକାରୀ ମାନେ ଏଥିରୁ ବଂଚିତ ହେବାରେ ଲାଗିଛନ୍ତି । ଅନେକ ଏମିତି ଦୟନୀୟ ଅବସ୍ଥାରେ ବ୍ଲକ ଅଫିସକୁ ଦୌଡୁଛନ୍ତି ହେଲେ ଜୀବନ ଚାଲି ଯାଉଛି ସିନା ଭତା ଖଣ୍ଡିଏ ସେମାନେ ପାଇ ପାରୁ ନାହାଁନ୍ତି, ଏପରି କି ଭେଣ୍ଡିଆ ବୟସରେ ମଧ୍ୟ କିଛି ଲୋକ ଭତା ପାଉଛନ୍ତି । ଏପ୍ରସଙ୍ଗକୁ ସେତେବେଳେ ମୁଖ୍ୟମନ୍ତ୍ରୀ ଗମ୍ଭୀରତା ସହିତ ଗ୍ରହଣ କରିଥିଲେ । ଯାହାକି ସାରା ଜିଲ୍ଲାରେ ହଟଚମଟ ସୃଷ୍ଟି କରିଥିଲା । ପୁଣି ସେହି ପଣ୍ଡିଗାଁ ପଂଚାୟତରେ ସଦ୍ୟ ଅନୁରୂପ ଘଟଣା ପୁନରାବୃତି ଘଟି ସେହି ସ୍ମୃତିକୁ ଉଜ୍ଜୀବିତ କରିଛି, ସୂଚନା ଅନୁସାରେ ପଣ୍ଡିଗାଁ ପଂଚାୟତ ଅନ୍ତର୍ଗତ ପାତ୍ରବସା ଗ୍ରାମର ଜନୈକା ମହିଳା ବିବାହ କରି ସ୍ୱାମୀ ଘରକୁ ଗଲେ ସେଠାରେ ଦୁଇ ସନ୍ତାନର ଜନନୀ ହେଲେ । କୌଣସି କାରଣ ବଶତଃ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଲା, ସଂପୃକ୍ତ ମହିଳା ଆସି ବାପ ଘରେ ରହିଲେ । ମାମଲା କୋର୍ଟରେ ବିଚାରାଧୀନ ରହିଥିବା ବେଳେ ଷ୍ଟାମ୍ପ କାଗଜରେ ଉଭୟ ପକ୍ଷଙ୍କ ମଧ୍ୟରେ ଲେଖାପଢା ସଂପାଦନ ହୋଇଥିବା ଜଣାଯାଏ, ସଂପୃକ୍ତ ମହିଳା ସ୍ୱାମୀ ପରିତ୍ୟକ୍ତା ବୋଲି ଏଥିରେ କିପରି ପ୍ରମାଣିତ ହେଲା । ପ୍ରମାଣ ପତ୍ର ଯାଂଚ ନ କରି ତାଙ୍କୁ ଗତ ମାସରେ କଲମପୁର ବ୍ଲକ ପ୍ରଶାସନ ସ୍ୱାମୀ ପରିତ୍ୟକ୍ତା ଭତା ପ୍ରଦାନ କଲେ । ଏହାର କାରଣ କଣ ହୋଇପାରେ । ଏଥିପାଇଁ ଦାୟୀ କିଏ ଏହାହିଁ ତଦନ୍ତ ସାପେକ୍ଷ, ସେହିଭଳି ସଂପୃକ୍ତ ମହିଳା ଜଣକ ସଦ୍ୟ ଶିଶୁ ସେବିକା ପଦବୀ ମଧ୍ୟ ହାତେଇବାରେ ସକ୍ଷମ ହୋଇଛନ୍ତି । ଏଥିରେ ମଧ୍ୟ ସେହି ଉପାୟ ଅବଲମ୍ବନ କରିଥିବା ଅନୁମାନ ହେଉଛି । କାରଣ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରକାଶିତ ବିଜ୍ଞାପନରେ ଯାଂଚିତ ପ୍ରମାଣପତ୍ର ଦାଖଲ କରିବାକୁ ସୂଚନା ରହିଥିଲା । ଏଠାରେ ସେଭଳି ନୀୟମ ପାଳନ ହୋଇନାହିଁ, ଯେଉଁ ପ୍ରମାଣପତ୍ରରେ ସେ ଭତା ପାଇବାରେ ସକ୍ଷମ ହେଲେ ସେହି ପ୍ରମାଣପତ୍ର ହିଁ ଦାଖଲ ହୋଇଛି ଓ ସେଥିରେ ହିଁ ସେ ଶିଶୁ ସେବିକା ପଦବୀ ପାଇ ଯାଇଛନ୍ତି । ଫଳରେ ଅନ୍ୟଜଣେ ଶିଶୁ ସେବିକା ଆବେଦନ କାରିଣୀ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଛନ୍ତି । ଆଇଟିଆଇ ତଥ୍ୟ ଅନୁସାରେ ପଦବୀ ହାତେଇ ଥିବା ମହିଳାଙ୍କ ସାଙ୍ଗିଆ ଭିନ୍ନ ଭିନ୍ନ ରହିଛି । ଏହି ପଦବୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ପ୍ରାଥମିକତା ରହିଛି । ହେଲେ ସେ ପଛୁଆବର୍ଗରୁ ଆସିଥିବା ବେଳେ ପ୍ରମାଣପତ୍ର ଦାଖଲ ହୋଇନାହିଁ । ପାଂଚ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମରେ ସେ କିଭଳି ଜଣେ ମାତ୍ର ପ୍ରାର୍ଥିନୀ ଆବେଦନ ପତ୍ର ଦାଖଲ କରିବାରେ ସକ୍ଷମ ହେଲେ ତାହା ରହସ୍ୟମୟ ହୋଇ ଉଠିଛି । ପ୍ରଧାନଶିକ୍ଷକ ଦାବି କରିଛନ୍ତି ଯେ ଜଣେ ମାତ୍ର ପ୍ରାର୍ଥିନୀ ଆବେଦନ କରିଥିଲେ ଓ ଅନ୍ୟଜଣେ ବିଳମ୍ବରେ ଆବେଦନ ପତ୍ର ଦାଖଲ କରିଥିଲେ । ଏଣୁ ଜଣକୁ କମିଟି ଚୟନ କଲା, କିନ୍ତୁ ଏତେ ସଂଖ୍ୟକ ଜନସଂଖ୍ୟା ଗ୍ରାମରେ ଆଉ କେହି ନ ଥିଲେ କି, ବିଜ୍ଞାପନ ପ୍ରକାଶିତ ହୋଇଥିଲା କି ନାହିଁ । ଏହାର ପ୍ରଥମ ତଦନ୍ତ ସମୟରେ ପ୍ରଧାନଶିକ୍ଷକ କହିଥିଲେ । ବିଜ୍ଞାପନ ପ୍ରକାଶିତ ହୋଇଥିଲା ସ୍କୁଲ କମିଟି ଗ୍ରାମରେ ସୂଚନା ଦେବାରେ ଅବହେଳା କରିଛନ୍ତି, ଏମିତି ଅନେକ ପ୍ରାର୍ଥୀନୀ ଅଛନ୍ତି ସେମାନେ ଆବେଦନ କରିବାରେ ବିଳମ୍ବ କଲେ ବୋଲି ଉତର ରଖିଥିଲେ । କିନ୍ତୁ ଅନ୍ୟଜଣେ ପାର୍ଥିନୀ ଠିକ ସମୟରେ ଆବେଦନ କରିଥିବା ଅଭିଯୋଗ କରିଛନ୍ତି । ସେଥିରେ ସ୍କୁଲର ଜଣେ ସହଶିକ୍ଷକ ଓ ଜନୈକା ୱାର୍ଡ ସଦସ୍ୟା ସାକ୍ଷ୍ୟ ରହିଛନ୍ତି ବୋଲି କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସହକାରୀ ଗୋଷ୍ଠୀ ଅଧିକାରୀ ଓ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶ୍ନ କରିବାରୁ ସଂପୃକ୍ତ ପ୍ରଧାନଶିକ୍ଷକ ସନ୍ତୋଷଜନକ ଉତର ଦେଇ ପାରି ନ ଥିବା ବେଳେ ଯଦି ଅନ୍ୟ ଜଣେ ବିଳମ୍ବରେ ଆବେଦନ କରିଥିଲେ ତେବେ ପ୍ରାର୍ଥନୀଙ୍କ ଆବେଦନ ପତ୍ର କାହିଁକି ଗ୍ରହଣ କଲ ବୋଲି ପଚାରିବାରୁ ସଂପୃକ୍ତ ପ୍ରଧାନଶିକ୍ଷକ ନୀରବି ଯାଇଥିଲେ । ଏନେଇ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲିପ କୁମାର ବେହେରା ଓ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ କୁଳମଣି ମାଝୀ ଆମକୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ଠାରୁ ତଦନ୍ତ କରିବାକୁ ପତ୍ର ଆସି ପହଂଚିଛି । ଆମେ ଦିନେ ଦୁଇ ଦିନ ମଧ୍ୟରେ ସଂପୃକ୍ତ ଗ୍ରାମକୁ ଯାଇ ତଦନ୍ତ କରି ରିପୋର୍ଟ ଦାଖଲ କରିବୁ । ଉପରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଜଣେ ପ୍ରାର୍ଥୀନୀଙ୍କ ଶଙ୍କାସେ ଶିକ୍ଷା ଓ ବ୍ଲକ ପ୍ରଶାସନ ଦୋଷ ମୁଣ୍ଡାଇଲା, ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଂଚଳବାସୀଙ୍କ ମହଲରେ ଦାବି ହେଉଛି ।

ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ହେଲେ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ

ପାରାଦ୍ୱୀପ, ୦୫/୦୫(ଆ.ପ୍ର) : ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ହେଲେ ପାରାଦୀପ ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ । ବିଜେଡି ଦଳ ସଭାପତି ନବୀନ ପଟ୍ଟନାୟକ ତାଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ଦେଇ ଥିବାରୁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀଯୁକ୍ତ ପଟ୍ଟନାୟକ କୁଜଙ୍ଗ ପାରାଦ୍ୱୀପ ଅଂଚଳରେ ବିଜେଡିର ଜଣେ ଛାମୁଆ ସଙ୍ଗଠକ ଭାବେ ବେଶ ପରିଚିତ । ବିଜେଡି ପକ୍ଷରୁ ରାଜ୍ୟର ରକ୍ତ ସଙ୍କଟ ଦୂର କରିବା ପାଇଁ ସାରା ରାଜ୍ୟରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇ ଥିଲା ବେଳେ ସନ୍ତୋଷ କୁମାର ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୫ହଜାର ୟୁନିଟରୁ ଅଧିକ ରକ୍ତ ସଂଗ୍ରହ କରି ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେହି ପରି ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରି ଦଳୀୟ ସଂଗଠନ ଦୃଢ଼ କରିଥିଲେ । ସେ ଏକାଧିକ ସଂଗଠନର ମୁଖ୍ୟ ଭାବେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳର ନେତା ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ କାର୍ଯ୍ୟ କରନ୍ତି ।

ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ୱାସ୍ଥ୍ୟ ସେବା ସମସ୍ୟା ନେଇ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବୀ ପତ୍ର ପ୍ରଦାନ

ଜି.ଉଦୟଗିରି, ୦୫/୦୫(ଆ.ପ୍ର) : ଜି.ଉଦୟଗିରି ବ୍ଲକର ୮ଟି ପଂଚାୟତ ସମେତ ବିଜ୍ଞାପିତ ଅଂଚଳ ପରିଷଦର ପଚାଶ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଲିଖିତ ଦାବି ପତ୍ର ପ୍ରଦାନ କରାଯାଇଛି । କମିଟିର ଦାବୀ ମୁତାବକ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସପ୍ତାହକୁ ମାତ୍ର ୨ ଦିନ ଜି.ଉଦୟଗିରି ରେ ରୁହନ୍ତି । କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ଆଦିବାସୀ ଅଧ୍ୟୁଷିତ ଅଂଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ସୂଚନା ଅଧିକାର ଆଇନ ମାଧ୍ୟମରେ ଗତ ୨୦୨୫ ମସିହା ନଭେମ୍ବର ୧୩ ତାରିଖରେ ମିଳିଥିବା ତଥ୍ୟ ଅନୁସାରେ ଜି.ଉଦୟଗିରି ବ୍ଲକ ର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିମନ୍ତେ ଆୟୁଷ ଡାକ୍ତରଙ୍କୁ ମିଶେଇ ସମୁଦାୟ ୩୯ ଜଣ ଡାକ୍ତର ନିଯୁକ୍ତି ହୋଇଥିବା ବେଳେ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ସ୍ଥାନୀୟ ବ୍ଲକ ରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଥିବା ବେଳେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି ମୁଣ୍ଡ ଗଣତି ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଚାଲିଥିବା ଅଭିଯୋଗ ହୋଇଛି । ଯାହା ଫଳରେ ଅଧିକାଂଶ ସମୟରେ ସାଧାରଣ ରୋଗ ପାଇଁ ମଧ୍ୟ ରୋଗୀଙ୍କୁ ଫୁଲବାଣୀ କିମ୍ବା ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଉଥିବା ନଜିର ରହିଛି । ଅନ୍ୟ ପକ୍ଷରେ ଜନସାଧାରଣ ଏହି ଅବ୍ୟବସ୍ଥା ଯୋଗୁଁ ଜି.ଉଦୟଗିରି ଅଂଚଳରୁ ଟିକାବାଲି କିମ୍ବା ଭଞ୍ଜନଗର ନଚେତ ବେସରକାରୀ କ୍ୱାକ କ୍ଲିନିକ ଉପରେ ଭରଷା ଖର୍ଚ୍ଚାନ୍ତ ହୋଇ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ, ଆମ୍ବୁଲାନ୍ସ ସେବା ନଥିବା ହେତୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମିଳିତ କ୍ରିୟାନୁଷ୍ଠାନ କମିଟି ସହ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ସହ ଆଲୋଚନା ବେଳେ ବର୍ତ୍ତମାନ ଡେପୁଟେସନ ରେ ଯାଇଥିବା ୨ ଜଣ ଡାକ୍ତରଙ୍କୁ ଛାଡ଼ି ସମୁଦାୟ ବ୍ଲକ ନିମନ୍ତେ ୨୦ଜଣ ଡାକ୍ତର ନିଯୁକ୍ତି ପାଇଥିବା କହିଛନ୍ତି ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ରତିକାନ୍ତ ସାହୁ । ଆମ୍ବୁଲାନ୍ସ ସେବା ନିମନ୍ତେ କୌଣସି ପାଣ୍ଠି ନଥିବା ଯୋଗୁଁ ଆମ୍ବୁଲାନ୍ସ ମରାମତି ହୋଇପାରୁ ନଥିବା ବେଳେ ଅଲଟ୍ରାସାଉଣ୍ଡ ପାଇଁ ସମସ୍ତ ସରଞ୍ଜାମ ଆସିବା ଏବଂ ଯଥା ଶୀଘ୍ର ଏହି ସୁବିଧା ମିଳିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଅଧିକାରୀ । କମିଟିର ଦାବି ପତ୍ରକୁ ଆଧାର କରି ତୁରନ୍ତ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ କହିଛନ୍ତି ଅଧିକାରୀ । ମିଳିତ କ୍ରିୟା ଅନୁଷ୍ଠାନ ପକ୍ଷରୁ ଆସନ୍ତା ସପ୍ତାହ ମଧ୍ୟରେ ସ୍ୱାସ୍ଥ୍ୟ ସେବା ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଅଂଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ସହିତ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିରୋଧରେ ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାବି ପତ୍ରରେ ଦର୍ଶାଯାଇଛି । ମିଳିତ କ୍ରିୟା ଅନୁଷ୍ଠାନ କମିଟି ସଭାପତି ସାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆବାହକ ଆମନ ଚନ୍ଦ୍ର ନାୟକ, ମିଡ଼ିଆ କ୍ଲବ୍ ସଭାପତି ଅରୁଣ ଷଡଙ୍ଗୀ, ଗ୍ରେସିଙ୍ଗିଆ ସରପଂଚ ତ୍ରିସିକା ପ୍ରଧାନ, କାଉନସିଲର ଯାକେସ ପ୍ରଧାନ, କାଉନସିଲର ଦୀପକ କୁମାର ନାୟକ, କାଉନସିଲର ସଙ୍ଗୀତା ନାୟକ, ଉଦେଶନ ପ୍ରଧାନ, ମହମ୍ମଦ ହୁସେନ, ସ୍ୱାକ ସଂଗଠନ ସମ୍ପାଦକ ହୃଷିକେଶ ପ୍ରଧାନ, ସନ୍ତେ ପ୍ରଧାନ, ଭୁବନ ମଲ୍ଲିକ, କାହ୍ନୁ ଚରଣ ବେହେରା, ହନକ ନାୟକ, ସଞ୍ଜୀବ ଦିଗାଲ ଓ ଅମରେନ୍ଦ୍ର ନାୟକଙ୍କ ସମେତ ଅଂଚଳବାସୀ ଯୋଗ ଦେଇ ସ୍ଥାନୀୟ ବିଧାୟକ, କନ୍ଧମାଳ ସାଂସଦ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ ।

ଏନଆଇସି ଓଡ଼ିଶାରେ ଶରୀର ଓ ଅଙ୍ଗଦାନ ପାଇଁ ସଂକଳ୍ପ

ଭୁବନେଶ୍ୱର, ୦୫/୦୫(ଆ.ପ୍ର) : ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନଆଇସି) ଓଡ଼ିଶାର ଏକ ଅଭିନବ ପ୍ରୟାସ ହେଉଛି 'ଇନ୍‌ସପାୟାର ଲେକ୍‌ଚର ସିରିଜ୍' । ଏହା ଅଧିକାରୀମାନଙ୍କ ମଧ୍ୟରେ ସୃଜନଶୀଳତା ଜାଗ୍ରତ କରିବାଏବଂ ସକାରାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ । ଏହି କ୍ରମରେ, ମେ ୪ ତାରିଖ ଦିନ ଭୁବନେଶ୍ୱରସ୍ଥିତ ଏନଆଇସି କାର୍ଯ୍ୟାଳୟଠାରେ ବିଶିଷ୍ଟ ସାମ୍ବାଦିକ, ଲେଖକ ତଥା ସମାଜ ସଂସ୍କାରକ ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ଶରୀର ଓ ଅଙ୍ଗଦାନ ଉପରେ ଏକ ଶିକ୍ଷଣୀୟ କର୍ମଶାଳା ଆୟୋଜିତ ହୋଇ ଯାଇଅଛି । ଡଃ ଆଚାର୍ଯ୍ୟ, ଯିଏ କି ଶରୀର ଏବଂ ଅଙ୍ଗ ଦାନ ସମାଜ, ଭାରତ, ର ପ୍ରତିଷ୍ଠାତା ଅଧ୍ୟକ୍ଷ, ଅଙ୍ଗଦାନ ସମ୍ବନ୍ଧରେ ସମାଜରେ ପ୍ରଚଳିତ ବିଭିନ୍ନ ଭ୍ରାନ୍ତ ଧାରଣା, ଭୟ ଏବଂ ଅନ୍ଧବିଶ୍ୱାସ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିସହ ସର୍ବସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ଏବଂ ସମ୍ବେଦନଶୀଳତାର ଜରୁରୀ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜୀବିତ ଏବଂ ମୃତ ଦାତାଙ୍କ ପାଇଁ ଅଙ୍ଗଦାନ ସହ ଜଡ଼ିତ ପ୍ରକ୍ରିୟା, ପଦ୍ଧତି ଏବଂ ଆଇନଗତ ଦିଗଗୁଡ଼ିକ ସମ୍ପର୍କରେ ମଧ୍ୟ ସେ ସବିଶେଷ ସୂଚନା ଦେଇଥିଲେ । ଏହି ଅଧିବେଶନରେ ଏନଆଇସି ଓଡ଼ିଶାର ଶତାଧିକ କର୍ମଚାରୀ ପ୍ରତ୍ୟକ୍ଷ ଭାବେ ଏବଂ ଅନଲାଇନ ମାଧ୍ୟମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣକାରୀମାନେ ଅଙ୍ଗଦାନ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଥିଲେ । ଉଦ୍‌ଘାଟନୀ ଅଭିଭାଷଣରେ ଉପ-ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ, ଡଃ ଅଶୋକ କୁମାର ହୋତା, ଅଙ୍ଗଦାନ ପ୍ରତି ନିଜ ପରିବାରର ପ୍ରତିବଦ୍ଧତା ବିଷୟରେ ସୂଚନା ଦେବା ସହ ଏହି ମହତ କାର୍ଯ୍ୟରେ ଯୋଗଦେବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଭାରତୀୟ ରକ୍ତଦାତା ସଂଗଠନ ମହାସଂଘର ଉପ-ସଭାପତି ପ୍ରଦୀପ୍ତ କୁମାର ତ୍ରିପାଠୀ ମଧ୍ୟ ଉପସ୍ଥିତ ରହି ଅଙ୍ଗ ଦାନ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ବିଶେଷ ଭାବରେ, ଏହି କାର୍ଯ୍ୟକ୍ରମର ଏକ ସଫଳ ପରିଣତି ସ୍ୱରୂପ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ଶରୀର ଓ ଅଙ୍ଗଦାନ ପାଇଁ ସଂକଳ୍ପ ନେଇଥିଲେ ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ, ୦୫/୦୫(ଆ.ପ୍ର) : ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରେ ଆଜି ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୧୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୮୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୨୬ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ ଜଣ ଅଭିଯୋଗକାରୀଙ୍କୁ ମୋଟ ୨୨,୫୦୦/- ଟଙ୍କା ମଞ୍ଜୁର କରାଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ଓ ରବି ନାରାୟଣ ସାହୁ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁରେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

ଯାଜପୁର ପୌରାଂଚଳରେ ଚାଲିଛି ଜବରଦଖଲ ଉଚ୍ଛେଦ

ଯାଜପୁର, ୦୫/୦୫(ଆ.ପ୍ର) : ବାରମ୍ବାର ସୂର୍ଯ୍ୟ ପ୍ରଭା ଖବର କାଗଜ ରେ ଖବର ପ୍ରସାରଣ ପରେ ତତ୍ପରତା ପ୍ରକାଶ କରିଛି ଯାଜପୁର ପୌରପାଳିକା । ସହର ମଧ୍ୟରେ ଥିବା ବିଭିନ୍ନ ସ୍ଥାନରେ ଉଠା ଦୋକାନୀ ମାନେ ପ୍ରଶାସନକୁ ଖାତିର ନକରି ଯୋରଜବରଦସ୍ତ ରାସ୍ତା ଉପରେ ଉଠା ଦୋକାନ କରିବା ଦ୍ୱାରା ସହର ର ସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା ଜନସାଧାରଣ ମୁଖ୍ୟତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ବିଭିନ୍ନ ରୋଗର ଚିକିତ୍ସା ନିମନ୍ତେ ରୋଗୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା । ଆଜି ଯାଜପୁର ପୌରାଂଚଳରେ ଚାଲିଛି ଜବରଦଖଲ ଉଚ୍ଛେଦ । ଯାଜପୁର ମୁଖ୍ୟଚିକିତ୍ସାଳୟ ସମ୍ମୁଖରେ ଥିବାଉଠା ଦୋକାନୀ, ବଡ଼ବଡ଼ କେବିନ୍‌ଙ୍କୁ କରାଯାଉଛି ଉଚ୍ଛେଦ । ଯାଜପୁର ପୌରପାଳିକା ପକ୍ଷରୁ କରାଯାଉଛିଏହି ଜବରଦଖଲ ଉଚ୍ଛେଦ । ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ଆମ୍ବୁଲାନ୍ସ ଓ ରୋଗୀମାନେ ଯିବାଆସିବା ପାଇଁ ଏହି ଉଠାଦୋକାନୀ ଜବରଦଖଲ ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଏହି ଉଚ୍ଛେଦ କାର୍ଯ୍ୟ ରେ ଯାଜପୁର ଅତିରିକ୍ତ ତହସିଲଦାର, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଟାଉନ୍ ଥାନା ପୁଲିସ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଅଜଣା ଗାଡ଼ି ଧକ୍କାରେ ସ୍ୱାସ୍ଥ୍ୟକର୍ମୀ ଗରୁତର

ଜି.ଉଦୟଗିରି, ୦୫/୦୫(ଆ.ପ୍ର) : ଗ୍ରେସିଙ୍ଗିଆ ନିକଟ ଦିଣ୍ଡାବାଲି ଶଙ୍ଖ ପାଖରେ ଅଜଣା ଗାଡି ଧକ୍କାରେ ମେଡିକାଲ କର୍ମଚାରୀ ଗୁରୁତର ହୋଇ ଜି.ଉଦୟଗିରି ମେଡିକାଲରେ ଚିକିତ୍ସା ହେଉଥିବା ସୂଚନା ମିଳିଛି । ଜି.ଉଦୟଗିରି ମେଡିକାଲର ଚତୁର୍ଥଶ୍ରେଣୀ କର୍ମଚାରୀ ମନୋଜ କୁମାର ପ୍ରଧାନ ଗ୍ରେସିଙ୍ଗିଆ କୁ ସାଇକେଲ ରେ ଯାଉଥିବା ବେଳେ ଏକ କାର ଆସି ତାଙ୍କୁ ଦିଣ୍ଡାବାଲି ଶଙ୍ଖ ପାଖରେ ପଛ ପଟୁ ଧକ୍କା ଦେଇ ଘଟଣା ସ୍ଥଳରୁ କାଟ୍‌ଟି ଚମ୍ପଟ୍ ମାରିଥିଲା । ମନୋଜ ସେଠାରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ । ଅଗ୍ନିଶମ ବିଭାଗ ଘଟଣା ବିଷୟରେ ଖବର ପାଇ ଆହତଙ୍କୁ ଜି.ଉଦୟଗିରି ମେଡିକାଲ ଆଣି ଭର୍ତ୍ତି କରିଥିଲେ । କାର୍ଯ୍ୟରତ ଡାକ୍ତର ତାଙ୍କୁ ଚିକିତ୍ସା କରୁଥିବା ସହ ଆହତ ଗୁରୁତର ଥିବା ସୂଚନା ମିଳିଛି ।

ବରିଷ୍ଠ ନାଗରିକ ନ୍ୟାୟ ପାଇଁ ପୁଣି ଥାନା ବାରଣ୍ଡାରେ ବସିଲେ

ଟାଙ୍ଗୀ-ଚୌଦ୍ୱାର, ୦୫/୦୫(ଆ.ପ୍ର) : ବରିଷ୍ଠ ନାଗରିକ ପାଇଁ ପୁଲିସ ପ୍ରଶାସନର ସମୟ ନାହିଁକି ଦରଦ ନାହିଁ । ସରକାର ମହିଳା ବିକାଶ କଥା ନେତୃତ୍ୱ ପାଇଁ ଜନ ଆକ୍ରୋଶ ଆନ୍ଦୋଳନ କରୁଥିବା ବେଳେ ପଚିଶ ବର୍ଷ ଧରି ଗୋଟିଏ ସ୍ଥାନରେ ଘର କରି ଏହାର ଛପର କରି ରହିଆସୁଥିଲା ବେଳେ ଏବେ ଏହି ଏକୁଟିଆ ରହୁଥିବା ବରିଷ୍ଠ ନାଗରିକ ମହିଳା ଜବର ଦଖଲ କରି ଘର କରି ରହୁଛନ୍ତି ବୋଲି କହି ଅଭିଯୋଗ କରିବା ସହ ଛପର କରୁଥିବା ଲୋକଙ୍କୁ ଧମକ ସହ ଚାଳରୁ କାଢି ଆଣିବା ସହ ମହିଳାଙ୍କୁ ମାଡ଼ ମରାଯାଇଥିଲେ ମଧ୍ୟ ପୁଲିସ ଘଟଣାଟିକୁ ହାଲୁକା ଭାବେ ନେଉଥିବାର ଜଣାପଡିଛି । ସୁଦୂର କରଞ୍ଜି ପଂଚାୟତର ମାନସୀ ସ୍ୱାଇଁ (୭୦) ବାରମ୍ବାର ନ୍ୟାୟ ନପାଇ ଆଜି ଥାନା ସାମ୍ନା ରେ ଥିବା ବାରଣ୍ଡାରେ ନ୍ୟାୟ ପାଇଁ ବସିଥିବା ବେଳେ ପୁଲିସ ତାଙ୍କୁ ଜୋର ଜବରଦସ୍ତ କରି ଉଠାଇନେଇଥିଲା । ଅନ୍ୟ ପକ୍ଷରେ ମହିଳାଙ୍କୁ ହଇରାଣ କରୁଥିବା ବ୍ୟକ୍ତି ପୂର୍ବରୁ ଥାନାକୁ ଆସୁନଥିଲା ବେଳେ ନିଜର ସୁରକ୍ଷା ପାଇଁ ଆଜି ସେ ମଧ୍ୟ ବରିଷ୍ଠ ନାଗରିକଙ୍କ ବିରୁଦ୍ଧରେ ପାଲଟା ଅଭିଯୋଗ କରିଥିବାର ଜଣାପଡିଛି ।

୩ ପିଏମଶ୍ରୀ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ ଏ-୧ ଗ୍ରେଡ଼ରେ ନାହାଁନ୍ତି କେହି ଛାତ୍ରଛାତ୍ରୀ

ଖଣ୍ଡପଡା, ୦୫/୦୫(ଆ.ପ୍ର) : ଶିକ୍ଷାଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ ସରକାରଙ୍କ ପକ୍ଷରୁ ସର୍ବଦା ପ୍ରୟାସ ଜାରି ରହିଛି ।ଖଣ୍ଡପଡା ବ୍ଲକ ଅଂଚଳର ୩ ଟି ବିଦ୍ୟାଳୟକୁ ପିଏମଶ୍ରୀ ବିଦ୍ୟାଳୟର ମାନ୍ୟତା ପ୍ରଦାନ ସହ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ବିଦ୍ୟାଳୟ ଗୁଡିକର ଭିତିଭୂମି ସୁଦୃଢ କରାଯାଇଛି । ମାତ୍ର ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଉପରୋକ୍ତ ୩ ଟି ବିଦ୍ୟାଳୟ ବହୁ ପଛରେ ପଡି ଯାଇଥିବା ନେଇ ଚଳିତ ବର୍ଷ ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳାଫଳରୁ ସ୍ପଷ୍ଟ ବାରି ହୋଇପଡୁଛି । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପିଏମଶ୍ରୀ ବିଦ୍ୟାଳୟର ଜଣେ ହେଲେ ଛାତ୍ରଛାତ୍ରୀ ଏ-୧ ଗ୍ରେଡରେ ପାସ କରି ନଥିବା ବେଳେ ବ୍ଲକ ଅଂଚଳରେ ଅବସ୍ଥିତ ବ୍ଲକ ଗ୍ରାଂଟ ଉଚ୍ଚ ବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟର ୫ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ଼ରେ ପାସ କରିଥିବା ଜଣାପଡିଛି । ତେବେ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡ଼ା, ପିଏମଶ୍ରୀ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ, ବେଣାଗାଡିଆ ଓ ପିଏମଶ୍ରୀ ନୀଳମାଧବ ବିଦ୍ୟାପୀଠ କଂଟିଲୋ ରେ ଶିକ୍ଷାଦାନ ଶୈଳୀକୁ ନେଇ ସାଧାରଣରେ ଓ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉଚ୍ଚ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ପିଏମଶ୍ରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷାଦାନ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ କାର୍ଯ୍ୟାଳୟ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ଧର୍ମଗଡ଼ ବ୍ଲକ ଟପ୍ପର ଛାତ୍ରୀଙ୍କୁ ବିଜେଡିର ସମ୍ବର୍ଦ୍ଧନା

ଧର୍ମଗଡ୍, ୦୫/୦୫(ଆ.ପ୍ର) : ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷାରେ ଧର୍ମଗଡ଼ର ରାଜକିଶୋର ରୋଲଙ୍କ ସୁକନ୍ୟା ଧର୍ମଗଡ଼ ଶିଶୁମନ୍ଦିରର ଛାତ୍ରୀ ସ୍ନେହାସିନୀ ରୋଲ ୫୬୨ ମାର୍କ ରଖି ଧର୍ମଗଡ ବ୍ଲକ ଟପ୍ପର ହୋଇଥିବାରୁ ଆଜି ଧର୍ମଗଡ ବ୍ଲକ ବିଜୁ ଜନତା ଦଳ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ବ୍ଲକ ବିଜେଡି ସଭାପତି ତାଳେ ଜଇଜଲ, ମହିଳା ସଭାନେତ୍ରୀ ମମତା ରାଣୀ ଗୋପାଳ, ଧର୍ମଗଡ ନଗର ସଭାନେତ୍ରୀ ସନ୍ତୋଷୀନୀ ନାଏକ, ବରିଷ୍ଠ ଆଇନଜୀବି ରାଜେନ୍ଦ୍ର ମୁନି, ବରିଷ୍ଠ କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ରୋଲ, ଯୁବ ନେତା ରତନ ନାଏକ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ବିଦ୍ୟାଳୟ ତରଫରୁ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନିଆଳୀ, ୦୫/୦୫(ଆ.ପ୍ର) : ନିଆଳୀ ବ୍ଲକ ଅନ୍ତର୍ଗତ ଜଲ୍ଲାରପୁର ସ୍ଥିତ ରାମେଶ୍ୱର ବିଦ୍ୟାପୀଠର ଛାତ୍ରୀ ମନସ୍ୱିନୀ ମୃଦୁଳି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ରେ ୯୦ ପ୍ରତିଶତ ରଖି ଏ ୱାନରେ ଉତୀର୍ଣ୍ଣ ହେବା ସହିତ ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ଅଂଚଳପାଇଁ ଗୌରବ ଆଣିଛନ୍ତି । ଏଥି ସହିତ ଅନ୍ୟ ଛାତ୍ରଛାତ୍ରୀ ମାନେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । କୃତି ଛାତ୍ରଛାତ୍ରୀ ଦୋଯା ଅର୍ପିନ୍, ଶ୍ୱେତଲୀନା ମିଶ୍ର, ଶୁଭଶ୍ରୀ ପ୍ରିୟ ଦର୍ଶିନୀ ବେହେରା, ସୌର ଶୁଭେନ୍ଦୁ ମିଶ୍ର, ପଲ୍ଲବୀ ପ୍ରିୟ ଦର୍ଶିନୀ ସେଠୀ, ଏ ୨ରେ ଉତୀର୍ଣ୍ଣ ହୋଇଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ସହ ପାଠୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦ୍ୱାରା ମନସ୍ୱିନୀ ମୃଦୁଳି ୯୦ % ଏବଂ ଏ ୨ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଉଭୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ନିଶଙ୍କ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ,ଏସ ଏମ ସି ର ସଭ୍ୟମାନେ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦେଇ ଥିଲେ । ସି ଆର୍ ସିସି ମାନସୀ ନାୟକ, ମାନସୀ ସ୍ୱାଇଁ, ସନ୍ଦୀପ ପ୍ରଧାନ, ଶଶାଙ୍କ ଶେଖର ସ୍ୱାଇଁ, ଦେବବ୍ରତ ସାହୁ, କମଳା କୁମାରୀ ଦେଇ, ପବିତ୍ର କୁମାର ବେହୁରା ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଥି ସହିତ ଅନେକ ବୁଦ୍ଧିଜୀବି ତଥା ଶିକ୍ଷାବିତ୍ ଯୋଗ ଦେଇଥିଲେ । ଉକ୍ତ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆଗକୁ ଯିବା ସହିତ ମେଧାବୀ ଛାତ୍ର ଛାତ୍ରୀ ଏ ୱାନ ପାଇବେ ସେଥି ପାଇଁ ଶିକ୍ଷକ ଶିକ୍ଷୟତ୍ରୀମାନେ ଚେଷ୍ଟା ଜାରି ରଖିବାକୁ ଉପସ୍ଥିତ ଅତିଥି ମାନେ ପରାମର୍ଶ ଦେଇଥିଲେ ।

ମହାଦେବଙ୍କ ଶୈବ ପ୍ରାସାଦ ଓ ସତ୍ୟସାଇ ମନ୍ଦିର ପ୍ରତିଷ୍ଠା ଆରମ୍ଭ

ପାତ୍ରପୁର, ୦୫/୦୫(ଆ.ପ୍ର) : ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମରେ ଥିବା ଚନ୍ଦ୍ରଶେଖର ମହାଦେବଙ୍କ ଶୈବ ପ୍ରାସାଦ ଓ ସତ୍ୟସାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଠାରୁ ଆରମ୍ଭ ହୋଇଛି । ଏହି ଉତ୍ସବ ପାଂଚ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଥମ ଦିବସରେ ଗ୍ରାମର ମହିଳାଙ୍କ ସମେତ ଆଖପାଖ ଗ୍ରାମର ମହିଳା ମାନେ ପଦ୍ମତୋଳା ନଦୀରୁ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା ପରେ ନୂତନ ମନ୍ଦିରରେ ପହଂଚିଥିଲେ । ପରେ ମଣ୍ଡନ, ଦୀକ୍ଷାଗ୍ରହଣ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ଗ୍ରାମର ଜଗବନ୍ଧୁ ମହାପାତ୍ର ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ମହାପାତ୍ର ଥିବା ବେଳେ ମୁଖ୍ୟ ପୁରୋହିତ ଅଶୋକ କୁମାର ପାତ୍ରୀଙ୍କ ସହ ୨୫ ଜଣ ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ଦୁଇଟି ମନ୍ଦିରର ପ୍ରତିଷ୍ଠା ପାଇଁ ଗ୍ରାମର ଏକ କମିଟି ତଦାରଖ କରୁଥିବା ବେଳେ ଗ୍ରାମର ଯୁବଗୋଷ୍ଠି ସହଯୋଗ କରୁଛନ୍ତି । ପ୍ରତିଦିନ ନାମଯଜ୍ଞ, ଅର୍ଣ୍ଣଯଜ୍ଞ ଓ ଘୃତଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ଏହି ଉତ୍ସବ ଆସନ୍ତା ଶୁକ୍ରବାର ଦିନ ପୂର୍ଣ୍ଣାହୁତି ହେବାକୁ ନିଷ୍ପତି ହୋଇଛି ।

ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ଧାମନଗର, ୦୫/୦୫(ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ଅଧିନ କୋଳୁଆ ପାଟଣା ସାହିରେ ନୂତନ ଭାବେ ନିର୍ମିତ ହୋଇଥିବା ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆଜି ଭବ୍ୟ ଭାବେ ଆରମ୍ଭ ହୋଇଛି । ଦୀର୍ଘ ୪ ବର୍ଷର ପ୍ରୟାସ ପରେ ଗ୍ରାମବାସୀଙ୍କ ସାମୁହିକ ଉଦ୍ୟମରେ ଏହି ପବିତ୍ର କାର୍ଯ୍ୟ ସଫଳ ହୋଇଥିବାରୁ ସମଗ୍ର ଅଂଚଳ ଉତ୍ସବ ମୁଖର ହୋଇଉଠିଥିଲା । ଉତ୍ସବର ପ୍ରଥମ ଦିନରେ ୧୦୮ କଳସ ଶୋଭାଯାତ୍ରା ଏକ ଭବ୍ୟ ଆୟୋଜିତ ହୋଇଥିଲା । ଗ୍ରାମର ମାଆ ଓ ମାଉସୀମାନେ କଳସ ବୋହି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ଆସନ୍ତା ୪ ଦିନ ଧରି ହୋମ, ପୂଜା ଓ ଯଜ୍ଞାନୁଷ୍ଠାନ ଚାଲିବ । ଏହି ମହୋତ୍ସବକୁ ସଫଳ କରିବାରେ କମିଟି ସଦସ୍ୟ ଅରୁଣ ଆଳ ବେହେରା, ଜିତେନ୍ଦ୍ର ବେହେରା, ଅନିଲ ବେହେରା, କାଳନ୍ଦୀ ବେହେରା (କୁନା), ବାପି ନାୟକ, ଭକ୍ତ ବନ୍ଧୁ ନାଥ, ଗଧୁଲି ଗାୟା, ସୁଶାନ୍ତ ମହାକୁଡ, ଗଣେଶ ବେହେରା, ଦିନେଶ ବେହେରା, ଧନେଶ୍ୱର ବେହେରା, ରବୀନ୍ଦ୍ର ନାଥ, ରୀଙ୍କୁ ନାଥ, ଅଜିତ ବେହେରା ଓ ସୁଶିଲ ବେହେରା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏଥିରେ ଉପଦେଷ୍ଟା ମଣ୍ଡଳୀ ଭାବେ ଅର୍ଜୁନ ବେହେରା,ଦିବାକର ବେହେରା, ପୁରୁଷୋତମ ବେହେରା,ସୁରିଆ ବେହେରା,ମଧୁସୂଦନ ନାଥ, ନିମାଇଁ ନାଥ, ଶ୍ରୀଧର ନାଥ ଓ ଶିବ ପ୍ରସାଦ ବେହେରାଙ୍କ ସହ ସାମ୍ବାଦିକ କାଳନ୍ଦୀ ବେହେରା ମଧ୍ୟ ସହଯୋଗ କରିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ଏକତା ଓ ଭକ୍ତିଭାବ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଅଧିକ ଗୌରବମୟ କରିଥିବା ସୂଚନା ଦିଆଯାଇଛି ।

ଆରମ୍ଭ
SEITHO ARAMBHA

ନୂଆପଡ଼ାରେ ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା, ସଫଳତାର ନୂଆ ଅଧ୍ୟାୟ

ନୂଆପଡ଼ା, ୦୫/୦୫(ଆ.ପ୍ର) : ନୂଆପଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ନେସନାଲ ମହାବିଦ୍ୟାଳୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା–୨୦୨୬ରେ ଏ-୧ ଓ ଏ-୨ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ନୂଆପଡ଼ା ବିଧାୟକ ଜୟ ଭାଇ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ଖରିଆର ରୋଡ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ଡ଼ଃ ସୋନିଆ ଜୈନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ଡ଼ଃ ରେଣମଲାଲ ନାଏକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନୂଆପଡ଼ା ଶାଖାର ଜେନେରାଲ ମ୍ୟାନେଜର ଲିଙ୍କନ ଦାଶ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ହିତେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରହି ପୁସ୍ତକ ପଠନରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ । ଉପଜିଲ୍ଲାପାଳ ସୂର୍ମୀ ସୋରେନ ବଡ଼ ସ୍ୱପ୍ନ ଦେଖି ସେଗୁଡ଼ିକୁ ସାକାର କରିବା ପାଇଁ ଆହ୍ୱାନ ଜଣାଇଥିଲେ । ବିଧାୟକ ଜୟ ଭାଇ ଢୋଲକିଆ ସଂଘର୍ଷମୟ ଜୀବନରେ ଅଡିଗ ରହି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଜିଲ୍ଲାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀଙ୍କୁ ଯଥାକ୍ରମେ ୩୧ ହଜାର, ୨୧ ହଜାର ଓ ୧୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଜୀବନରେ ସରଳ ଓ ସଦାଚାରୀ ମଣିଷ ହେବା ସବୁଠୁ ବଡ଼ ସଫଳତା । ସେ ନୂଆପଡ଼ାକୁ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଶୀର୍ଷସ୍ଥାନକୁ ନେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଉଲ୍ଲେଖନୀୟ ଯେ, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା–୨୦୨୬ ରେ ନୂଆପଡ଼ା ଜିଲ୍ଲା ୯୭.୮୭ ପ୍ରତିଶତ ପାସ୍‌ହାର ସହ ରାଜ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛି । ୧୩ ଜଣ ଏ-୧ ଓ ୨୨୬ ଜଣ ଏ-୨ ଗ୍ରେଡ୍ ପାଇ ସଫଳତାର ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଫଳକ, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶ ଯେ, ୨୦୨୪ ମସିହାରେ ୩୦ତମ ସ୍ଥାନରେ ଥିବା ନୂଆପଡ଼ା ଜିଲ୍ଲା ୨୦୨୫ରେ ୧୪ତମ ଏବଂ ୨୦୨୬ରେ ଷଷ୍ଠ ସ୍ଥାନକୁ ଉନ୍ନତ ହୋଇଛି । ଏହି ସଫଳତାର ପଛରେ ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଚାଲୁଥିବା "ସମ୍ଭାବନା କାର୍ଯ୍ୟକ୍ରମ"ର ମୁଖ୍ୟ ଭୂମିକା ରହିଛି । ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଧନ୍ୟବାଦ ଜ୍ଞାପନ କରିଥିଲେ । ଶିକ୍ଷକ ଗୋରାଙ୍ଗ ସାହୁ କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକସ୍ତରର ବିଭିନ୍ନ ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସମଗ୍ର ଶିକ୍ଷା ନୂଆପଡ଼ାର କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ଭଦ୍ରକ, ୦୫/୦୫(ଆ.ପ୍ର) : ଜୀବନବ୍ୟାପୀ ଶିକ୍ଷା ଦାନ କରି ଦୁଇ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋତ୍ସ୍ନାମୟୀ ପଣ୍ଡା ଏକକାଳୀନ ଗୋଟିଏ ବିଦ୍ୟାଳୟରୁ ଅବସର ନେବା ଦିବସରେ ସ୍ଥାନୀୟ ଅଂଚଳରେ ସ୍ୱତନ୍ତ୍ର ଭାବାବେଗ ସୃଷ୍ଟି ହୋଇଛି । ଭଦ୍ରକ ମିର୍ଜାପୁର ନାଥ ସାହିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଂଚଳିକ ସାଧନା କେନ୍ଦ୍ର ସଂଯୋଜିକା ତଥା ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ କରଙ୍କ ସଂଯୋଜନାରେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସଭାପତିତ୍ୱରେ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜୀବନାଦର୍ଶ ଉପରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିବା ବେଳେ ଶିଶୁ ସାହିତ୍ୟିକ ଡଂ ଅଭୟ ସୂତାର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖିଲାର ବରେଣ୍ୟ ଅତିଥି, ଶିକ୍ଷାବିତ୍ ଗୀତାରାଣୀ ଆଇଚ, ହରେକୃଷ୍ଣ ଜେନା, ପୂର୍ବତନ ଅଧ୍ୟକ୍ଷ ଶିବ ଚରଣ ଖାମ୍ରାଇ ସ୍ୱତନ୍ତ୍ର ଅତିଥି, ଭାସ୍କର ଚନ୍ଦ୍ର ପଣ୍ଡା, ଦ୍ରୌପଦୀ ସାହୁ, କୈଳାସ ଚନ୍ଦ୍ର ଜେନା, ମହେଶ୍ୱର ନାଥ, ଅରୁଣ କୁମାର ମଲ୍ଲିକ, ରଶ୍ମିତା ଦାଶ, ରତ୍ନାକର ପଣ୍ଡା, ସମୀର କୁମାର ଜେନା, ମୀନା କୁମାରୀ ଦାସ, ମଧୁମିତା ପାଣି, ସନ୍ତୋଷ କୁମାର ବେହେରା, ଗୀତାଞ୍ଜଳି ବେହେରା, ମଧୁମିତା ମାଝୀ, ଲକ୍ଷ୍ମୀପ୍ରିୟା ମୁର୍ମୁ, ମଧୁସ୍ମିତା ମହାନ୍ତି, ଗୌରୀ ଶତପଥୀ, ଗୀତାଞ୍ଜଳି ମହାନ୍ତି, ଜାନକୀ ପାତ୍ର, ମନୋରମା ରାୟ, ପ୍ରଣତୀ ମଲ୍ଲିକ, ଗୋପୀନାଥ ଦାଶ, ଦେବସ୍ମିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କର ପ୍ରିୟ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ଜୀବନାଦର୍ଶ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିକ୍ଷଣୀୟ ପାଳା ପରିବେଷଣ କରି କିଛି ସମୟ ପାଇଁ ସଭାକୁ ମନ୍ତ୍ରମୁଗ୍ଧ କଲା ପରି ଉପସ୍ଥିତ ସମସ୍ତଙ୍କୁ ମୋହିତ କରିଥିଲେ । ଏହି ଅବସରରେ ଜୀବନବ୍ୟାପୀ ଶିକ୍ଷା ପ୍ରଦାନ କରି ସମସ୍ତଙ୍କ ନିକଟରେ ପ୍ରିୟ ହୋଇଥିବା ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କୃତି ଓ କୃତିତ୍ୱ ପାଇଁ ଓଡ଼ିଶା ରାଜ୍ୟ ପୂଜ୍ୟ ପୂଜା ପରିଷଦ ପକ୍ଷରୁ ଶ୍ରୀମତୀ ଦ୍ରୌପଦୀ ସାହୁ ଏବଂ ଅରୁଣ କୁମାର ମଲ୍ଲିକଙ୍କୁ ଶିକ୍ଷା ରତ୍ନ ସମ୍ମାନ , ବିଜୟଲକ୍ଷ୍ମୀ ପଣ୍ଡା, ଜ୍ୟୋତ୍ସ୍ନାମୟୀ ପଣ୍ଡା ଏବଂ ରଶ୍ମିତା ଦାଶଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ଓ ରମାପଦ ରଣାଙ୍କୁ ଆଦର୍ଶ ଗୁରୁଜୀ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା, ଗ୍ରାମବାସୀ, ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମିର୍ଜାପୁର ନାଥ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପ୍ରିୟ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଭାବମୟ ବକ୍ତବ୍ୟ ପ୍ରଦାନ କରିଥିଲେ ।

ହାଟଡିହିରେ ବେପାରରେ ବୃତିକୁ ଢାଲ

ହାଟଡିହି, ୦୫/୦୫(ଆ.ପ୍ର) : ହାଟଡିହି ଗତ ଦୁଇ ଦିନ ପୂର୍ବରୁ କିଛି ବେୟା ଜନି ଚୋରା ବାଲି ପରିବହନ ବେଳେ କେନ୍ଦୁଝର ଖଣି ବିଭାଗ ପାଖା ପାଖି ପାଂଚଟି ଚୋରା ବାଲି ବୋଝେଇ ହାଇୱା ଧରି ବାଲି ଚୋରି ଅଭିଯୋଗରେ ଭିନ୍ନ ଭିନ୍ନ ଗାଡ଼ି ନାମରେ ମାମଲା ରୁଜୁ କରିଥିଲା । ଯାହାକୁ ନେଇ ହାଟଡିହି ଅଂଚଳରେ ଏହି ଗାଡ଼ି ଧରା ପଡ଼ିବାର ମୁଖ୍ୟ କାରଣ ସାମ୍ନାକୁ ଆସିଥିଲା । ଗାଡ଼ି ଗୁଡ଼ିକ ଧାରା ପଡ଼ିବାର ପୂର୍ବ ଦିନ କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଏସପି ଏକ ଜରୁରୀ କାମରେ ଏହି ଅଂଚଳ ରାସ୍ତାରେ ଯାଉଥିବା ଦେଖି କିଛି ହାଇୱା ମାଲିକ ତାଙ୍କୁ ଛାଡି ନଥିଲେ । ଯାହାକୁ ନେଇ ଅଧିକାରୀ ସିଧା ଖଣି ବିଭାଗ ଅଧିକାରୀଙ୍କୁ ଏହି ଘଟଣା ଜଣାଇବା ପରେ ତେୟାଇଜନି ଖଣି ଭାବେ ଉତୋଳନ ଗିରିଗାଁ ବାଲି ଘାଟରୁ ଆସୁଥିବା ଗାଡ଼ି ଗୁଡ଼ିକ ଅଟକ ରଖା ଯାଇଥିଲା । ପରେ ଜଣେ ହାଟଡିହି ଅଂଚଳର ଖବର ଦାତାଙ୍କର ମଧ୍ୟ ଗାଡ଼ି ଚୋରା ବାଲି ପରିବହନରେ ନିୟୋଜିତ ଥିବା ଜାଣିବାକୁ ମିଳିଥିଲା । ଏହାକୁ ନେଇ ଆସିଥିବା ଅଧିକାରୀ ମାନଙ୍କୁ ଅନ୍ୟ ଗାଡ଼ି ନେଇ ମୋ ଗାଡ଼ି ଛାଡ଼ି ଦିଅନ୍ତୁ ବୋଲି କହି ଖବର ଦାତା ଅଧିକାରୀଙ୍କ ରାସ୍ତା ଅବରୋଧ କରିଥିଲେ । ତୁମକୁ ଜିଲ୍ଲା ପୋଲିସ ମୁଖ୍ୟ, ଜିଲ୍ଲା ଖଣି ଅଧିକାରୀଙ୍କ ଠାରୁ ସବୁ ବଡ ବଡ ଅଧିକାରୀ ଫୋନ୍ କରି କହିବେ ଛାଡ଼ି ଦେବା ପାଇଁ, ହେଲେ ସବୁ ଗାଡ଼ି ଧରିବ ଯିଏ ଚୋରି ହେବା ବେଳେ ଆମକୁ ସାହାଯ୍ୟ କରୁଛି ତାକୁ ଛାଡ଼ିଦେବ । ଏହି କଥା ଅବିଳମ୍ବେ ଧରା ପଡିଥିବା ଅନ୍ୟ ଗାଡ଼ି ମାଲିକଙ୍କ କାନକୁ ଗଲା ଆଉ ପରେ ସବୁ ଗାଡ଼ି ଏବେ ନନ୍ଦିପଡା ପୋଲିସ ଖୁଆଡରେ ପସି ଦିନ ଗଣୁଛନ୍ତି । ହେଲେ ଏଠାରେ ପ୍ରଶ୍ନ ଉଠେ ଜଣେ ଖବର ଦାତା ହୋଇ ରାତିରେ ଚୋରା ବାଲି ପିଉଠି ରଖି ଅଧିକାରୀ ଯିବା ଆସିବା ସୂଚନା ସମସ୍ତଙ୍କୁ ସେ ପ୍ରଦାନ କରନ୍ତି । କିଛି ଦିନ ପୂର୍ବରୁ ଜଣେ ଶିକ୍ଷକଙ୍କ ତ୍ରୁଟିକୁ ନଜର କରି ସେହି ଖବର ଦାତା ଟଙ୍କା ଆଣି ଧାରା ପଡ଼ିବା ପରେ ଫେରାଇ ଥିଲେ । ହେଲେ ଗଣତନ୍ତ୍ର ସାମ୍ବାଦିକତାକୁ ପାଥେୟ କରି ବାଲି ଚୋରି କରୁଥିବା ଏବଂ ଚୋରା ବାଲି ବୋଝେଇ ଟ୍ରକ ମାନଙ୍କୁ ପାଖରୁ ରାସ୍ତାରେ ଛିଡ଼ା ହୋଇ ମନ୍ଦିର ସମ୍ମୁଖରେ ଚାନ୍ଦା ଆଦାୟ କରୁଥିବା କିଛି ହିନ ମାନସିକତା ବ୍ୟକ୍ତିଙ୍କ ପାଇଁ ଲୋକଙ୍କର ଏହି ବୃତିକୁ ଦୁର୍ନାମରେ ଓ ସମ୍ମାନ ଦେବା ହ୍ରାସ ପାଉଛି ବୋଲି ତା ଖଟିରେ ଚର୍ଚ୍ଚା ହେଉଛି ।

କର୍ମୀ ସମ୍ମିଳନୀ ଆଳରେ ଶକ୍ତି ପଦର୍ଶନ କଲେ ପ୍ରାକ୍ତନ ବିଧାୟକ ପ୍ରଭାତ ବିଶ୍ୱାଳ

ଟାଙ୍ଗୀ ଚୌଦ୍ୱାର, ୦୫/୦୫(ଆ.ପ୍ର) : ଦଳ ସପକ୍ଷରେ ଭୋଟ ନଦେଇ ଦଳରୁ ନିଲମ୍ବିତ ହୋଇଥିବା ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ପିତା ତଥା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପକ୍ଷରୁ ରବିବାର କଟକ ଚାଉଳିଆଗଞ୍ଜ ଖେଳ ପଡିଆରେ ଶକ୍ତି ପଦର୍ଶନ ପୂର୍ବକ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି, ।କଟକ ଠାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ବେଳେ (ଓଏମପି)ଛକ ଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଯାଇଥିଲା ବେଳେ ବିଭିନ୍ନ ପ୍ରକାର ବାଜା, ନୃତ୍ୟ କଳା ପଦର୍ଶନ କରି ହଜାର ହଜାର ସଂଖ୍ୟାରେ ଜନସାଧାରଣ ସଭା ସ୍ଥଳକୁ ପ୍ରଭାତ ବିଶ୍ୱାଳ ଜିନ୍ଦାବାଦ କହି ପହଞ୍ଚୋଟି ନେଉଥିବାର ଦେଖିବାକୁ ମିଳିଛି ।

ଧାମନଗରରୁ ମ୍ୟାଟ୍ରିକ ପରୀକ୍ଷାରେ ୧୨ଜଣ ଟପ୍ପର

ଧାମନଗର, ୦୫/୦୫(ଆ.ପ୍ର) : ଧାମନଗର ବ୍ଲକ ଓ ଏନ ଏ ସି ଅଂଚଳରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ ପାଇ ଟପ୍ପର ହୋଇ ଧାମନଗର ଅଂଚଳକୁ ଗୌରବ ଆଣିଛନ୍ତି । ଧାମନଗର ପି.ଏମ୍.ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ତଥା ମହ୍ରାସା ତାହେରିଆ ହନିଫିଆର ପ୍ରାକ୍ତନ ଛାତ୍ରୀ ସହର ଅଧିନ ମୁନିସିପାଟଣା ନିବାସୀ ଅଧାପକ ଏମ ଡି ଅନୱାର ଅହେମ୍ମଦ ଓ ମାତା ମୁନ୍ ଜରିନ ଖାତୁନଙ୍କ କନିଷ୍ଠା କନ୍ୟା ହିବା ଅହେମ୍ମଦ ପ୍ରକାଶିତ ମ୍ୟାଟ୍ରିକ ପରୀକ୍ଷାରେ ୬୦୦ରୁ ସର୍ବାଧିକ(୫୪୦) ନମ୍ବର ରଖି କୃତକାର୍ଯ୍ୟ ଓ ଟପ୍ପର ହୋଇ ଆମ ଅଂଚଳର ଗୌରବ ବୃଦ୍ଧି କରିଛନ୍ତି । ପ୍ରକାଶ ଥାଉକି ହ୍ଵି ଜଣେ ଉର୍ଦ୍ଦୁ ଭାଷାଭାଷୀ ମୁସଲିମ ଛାତ୍ରୀ ହୋଇଥିଲେ ମଧ୍ୟ ବିନା ଟିଉସନ୍ ରେ ଓଡିଆ ମାତୃଭାଷାରେ ପରୀକ୍ଷା ଦେଇ ୯୬ ନମ୍ବର ରଖିବା ସମସ୍ତଙ୍କୁ ହତଚକିତ କରିଛି । ତେବେ ଫଳାଫଳ ଘୋଷଣା ପରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି,ମହ୍ରାସା ତାହେରିଆ ହନିଫିଆର ପ୍ରଧାନ ଶିକ୍ଷକ ଏମଡି ନାସିରୁଦ୍ଦିନ(ରାଜାସାର)ଙ୍କ ସହିତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ବୁଦ୍ଧିଜୀବୀ ରବିବାର ସକାଳ ସମୟରେ ତାଙ୍କ ବାସଭବନରେ ପହଂଚି ହିବା ଅହେମ୍ମଦଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ସହ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଛାତ୍ରୀଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏଥିସହ ଧାମନଗର ବ୍ଲକ ଓ ଏନ ଏ ସି ଅଂଚଳରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୧୨ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ ପାଇ ଟପ୍ପର ହୋଇଛନ୍ତି । ସେଥିମଧ୍ୟରୁ ପି ଏମ ଶ୍ରୀ ସହିଦ ନଗର ନୋଡାଲ ହାଇସ୍କୁଲରୁ ତିନି ଜଣ ଏ-୧ ଗ୍ରେଡ ପାଇ ଟପ୍ପର ଛାତ୍ରଛାତ୍ରୀ ହେଲେ ଶାଇ ସାର୍ଥକ ନାୟକ(୫୬୦)ନମ୍ବର ରଖି ଏ-୧ ଗ୍ରେଡ ପାଇଥିବା ବେଳେ ଭାଗ୍ୟଲକ୍ଷ୍ମୀ ସୁତାର(୫୫୭)ନମ୍ବର ରଖି ଏ-୧ ଗ୍ରେଡ ହୋଇଥିବା ବେଳେ ସୁଭଲକ୍ଷ୍ମୀ ପଣ୍ଡା (୫୪୦)ନମ୍ବର ରଖି ଏ-୧ ଗ୍ରେଡ ପାଇଛନ୍ତି । ସେହିପରି ଧାମନଗର ସରକାରୀ ହାଇସ୍କୁଲର ହିବା ଅହେମ୍ମଦ ୬୦୦ରୁ(୫୪୦)ତଥା ଶତକଡ଼ା ୯୦ରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ ପାଇ ସହପାଂଚନକୁ ଗୌରବ ଆଣିଥିବା ବେଳେ କୋରୁଆ-ଗୋବିନ୍ଦପୁର ନୋଡାଲ ହାଇସ୍କୁଲର ତମନା ନାୟକ (୫୫୪) ନମ୍ବର ରଖି ଟପ୍ପର ହୋଇଛନ୍ତି । ଅସୁରାଳି ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୁ ଦୁଇ ଜଣ ଆୟୁଷ କୁମାର ମହାପାତ୍ର (୫୫୪)ନମ୍ବର ରଖି ଟପ୍ପର ହୋଇଥିବା ବେଳେ ରଘୁନାଥ ନାୟକ (୫୪୦) ଏ-୧ ଗ୍ରେଡ ପାଇଛନ୍ତି । ସେହିପରି ବ୍ଲକ ବାସୁଳୀ ନୋଡାଲ ହାଇସ୍କୁଲ ମହତାବନଗର ରୁ ତିନି ଜଣ ଏ-୧ ଗ୍ରେଡ ପାଇ ଟପ୍ପର ହେଲେ ହିମାଂଶୁ ଶେଖର ସାହୁ (୫୪୬)ଶମ୍ଭୁନାଥ ରାଉତ (୫୪୧) ଏବଂ ସ୍ୱତିରଞ୍ଜନ ଦାସ (୫୪୦)ନମ୍ବର ରଖି ଟପ୍ପର ହୋଇ ଉକ୍ତ ବିଦ୍ୟାଳୟକୁ ଚର୍ଚ୍ଚାକୁ ଆଣି ଦେଇଛନ୍ତି । ବ୍ଲକ ଅନ୍ତର୍ଗତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ଜାହାଙ୍ଗୀରରୁ ଜ୍ୟୋତିରଞ୍ଜନ ପଣ୍ଡା (୫୪୦) ରଖି ଏ-୧ ଗ୍ରେଡ ପାଇଥିବା ବେଳେ ନାରାୟଣୀ ହାଇସ୍କୁଲ ପଙ୍ଗଟାରୁ ପ୍ରାର୍ଥନା ରାଣୀ ନାୟକ(୫୪୦)ନମ୍ବର ରଖି ଟପ୍ପର ହୋଇ ଧାମନଗର ମାଟିର ଗୌରବ ଆଣିଛନ୍ତି । ଯାହାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି । ଧାମନଗର ଅଂଚଳରୁ ୧୨ ଜଣ ଛାତ୍ରଛାତ୍ରୀ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇ ଆମ ମାଟିର ଗୌରବ ଆଣିଥିବାରୁ ଶିକ୍ଷକ ସଂଘ,ଶିକ୍ଷକ ଶିକ୍ଷୟିତ୍ରୀ ଓ ରାଜନେତାଙ୍କ ସହିତ ବିଭିନ୍ନ ମହଲରୁ ଶୁଭେଚ୍ଛାର ଛୁଅ ଛୁଟିଛି ।

ସାମ୍ବାଦିକଙ୍କ ସୁରକ୍ଷା ଓ ଆର୍ଥିକ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ଉତ୍କଳ ସାମ୍ବାଦିକ ସଂଘ

ଭଦ୍ରକ, ୦୫/୦୫(ଆ.ପ୍ର) : ସାମ୍ବାଦିକଙ୍କ ସୁରକ୍ଷା ଓ ଆର୍ଥିକ ସ୍ଥିତିକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କୁ ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପତ୍ରଟି ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ସାମଲ, ଆବାହକ ଅବିନାଶ ପଣ୍ଡା, ସାମ୍ବାଦିକ ରାମ ନାରାୟଣ ମହାନ୍ତି, ସଞ୍ଜିବ କୁମାର ନାଏକ, କୋଷାଧ୍ୟକ୍ଷ ସୂର୍ଯ୍ୟ କୁମାର ପାଲଲ, ଅମର କୁମାର ନାଏକ,, ରଞ୍ଜନ କୁମାର ମଲ୍ଲିକ, ଅଜୟ କୁମାର ମଲ୍ଲିକ, କାହ୍ନୁ ଚରଣ ଯେନା, ଅଭିଳାଷ ପଣ୍ଡା, ଶିତାକାନ୍ତ ବିଶ୍ୱାଳ, ଅଶୋକ କୁମାର ସାହୁ,ଅକ୍ଷୟ କୁମାର ନାଏକ, ସୁଶାନ୍ତ ରାଉତ, ସେକ ଜାଫର ଅଲ୍ଲୀ,ସନ୍ତୋଷ କୁମାର ସାହୁ, ମାନସ କୁମାର ପରିଡ଼ା, ସିଦ୍ଧାର୍ଥ ଶଙ୍କର ମିଶ୍ର,କାଳନ୍ଦୀ ବେହେରା, ରାଜେନ୍ଦ୍ର ଶତପଥି, ଦୁର୍ଯ୍ୟୋଧନ ଲେଙ୍କା, ବିରଂଚି ବେହେରା, ଆକାଶ ଆଦିତ୍ୟ ବେହେରା,ସୌଜନ୍ୟ ପ୍ରକାଶ ପାଣି, ମନୋରଞ୍ଜନ ମହାନ୍ତି, ଭଗବାନ ସାମଲ, ଦୀପ୍ତି ରଞ୍ଜନ ନାୟକ, ସନ୍ତୋଷ ଦାସ, ରତିକାନ୍ତ ନାୟକ, ରମେଶ ଚନ୍ଦ୍ର ପାଗଳ, ସାଧନ କୁମାର ଧର, ଆଶିଷ କୁମାର ମହାନ୍ତି, ଅଶ୍ୱିନୀ ପାଢ଼ୀ, ଜଗନ୍ନାଥ ବେହେରା, ପ୍ରଦୀପ ବଳ, ଶୁଭାଶିଷ ଦ୍ୱିବେଦୀ ପ୍ରମୁଖଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଦୁର୍ବଳ । ଆମ ଦେଶର ଅଧିକାଂଶ ରାଜ୍ୟରେ ସାମ୍ବାଦିକ ମାନଙ୍କୁ ଅଧିସ୍ୱୀକୃତି ଦିଆଯାଉଥିଲାବେଳେ, ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ ରେ ସୀମିତ । ଉତରପ୍ରଦେଶ, ବିହାର, ହରିୟଣା, ଆନ୍ଧ୍ରପ୍ରଦେଶ,ତେଲେଙ୍ଗାନା ଓ ଅରୁଣାଚଳ ପ୍ରଦେଶ ସମେତ ଦେଶରେ ୨୦ ରୁ ଅଧିକ ରାଜ୍ୟରେ ୧୦,୦୦୦ ରୁ ୨୫,୦୦୦ ପର୍ଯ୍ୟନ୍ତ ପେନସନ୍, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମାଜିକ ସୁରକ୍ଷା ଆଇନ ମାଧ୍ୟମରେ ବୃତିଗତ ଆୟଭତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ପ୍ରଦାନ କରୁଛନ୍ତି । ମାତ୍ର ଓଡ଼ିଶା ସରକାର ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକୀୟ ମୌଳିକ ସୁବିଧାରୁ ସାମ୍ବାଦିକ ବର୍ଗଙ୍କୁ ବଂଚିତ କରାଯାଇଛି ଏବଂ ରାଜ୍ୟ ସରକାର ସାମ୍ବାଦିକଙ୍କ ଦାବି ପ୍ରତି ଆବଶ୍ୟକ ସମ୍ବେଦନଶୀଳ ତା ପ୍ରଦର୍ଶନ କରୁନାହାଁନ୍ତି ।

ଭାରତୀୟ ଜନତା ପାର୍ଟିର ଐତିହାସିକ ବିଜୟକୁ ପାଳିଲେ ଭଦ୍ରକ ବିଧାୟକ

ଭଦ୍ରକ, ୦୫/୦୫(ଆ.ପ୍ର) : ଭାରତୀୟ ଜନତା ପାର୍ଟି ର ଐତିହାସିକ ବିଜୟକୁ ନେଇ ଭଦ୍ରକ ବିଜେପି ରେ ବିଜୟ ମାହୋଲ । ସୋମବାର ଦିନ ନିର୍ବାଚନ ଗଣତି ଶେଷ ହେଉ ହେଉ ଭଦ୍ରକ ବିଜେପି ବିଧାନ ସଭା କାର୍ଯ୍ୟାଳୟ ସହିତ ଭଦ୍ରକ ବ୍ଲକ ଅଫିସରେ ବିଜୟ ଦିବସ ପାଳନ କରାଯାଇଛି । ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ରଙ୍କ ନେତୃତ୍ୱରେ ସମର୍ଥକ ମାନେ ବାଣ ଫୁଟାଇ, ବାଜା ବଜାଇ, ନାଚଗୀତ କରି ପରସ୍ପରଙ୍କୁ ମିଠା ଏବଂ ଝାଲମୁଢି ଖୁଆଇ ବିଜୟ ଦିବସ ପାଳନ କରିଛନ୍ତି । ସେହିଭଳି ବିଜେପି ଦଖଲରେ ଥିବା ଭଦ୍ରକ ବ୍ଲକ ଅଫିସରେ ସମର୍ଥକ ମାନେ ବ୍ଲକ ଅଫିସ କର୍ମଚାରୀ ଏବଂ ଅଫିସରଙ୍କୁ ମିଠା ଏବଂ ଝାଲ ମୁଢି ଖୁଆଇ ବିଜୟ ଦିବସ ପାଳନ କରିଛନ୍ତି ।

ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ପତିଙ୍କୁ ନାରଦ ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୦୫/୦୫(ଆ.ପ୍ର) : ଉତମ ସାମ୍ବାଦିକତା, ନିରପେକ୍ଷ ରିପୋର୍ଟିଂ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପ୍ରତି ନ୍ୟାୟ ତଥା ରାଷ୍ଟ୍ର ଓ ସମାଜ ଗଠନ କ୍ଷେତ୍ରରେ କଲମ ଚଳାଉଥିବାରୁ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ପତିଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ୨୦୨୬ ବର୍ଷର ମର୍ଯ୍ୟାଦାଜନକ 'ନାରଦ ସମ୍ମାନ'ରେ ବିଭୂଷିତ କରାଯାଇଛି । ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ରାଜ୍ୟସ୍ତରୀୟ '୨୨ତମ ନାରଦ ସମ୍ମାନ'ସମାରୋହ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶାର ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ ସମ୍ମାନୀତ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସହ ପ୍ରଚାର ପ୍ରମୁଖ ଶ୍ରୀମାନ୍ ପ୍ରଦୀପ ଜୋଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଶା ଗଣମାଧ୍ୟମ ଜଗତର ଜଣେ ଲୋକପ୍ରିୟ କର୍ତବ୍ୟନିଷ୍ଠ ସାମ୍ବାଦିକ ପ୍ରସନ୍ନ ପତିଙ୍କୁ ନାରଦ ସମ୍ମାନ ପ୍ରଦାନ କରିଛନ୍ତି । ଶ୍ରୀ ପତିଙ୍କୁ ନାରିକେଳ, ଉତ୍ତରୀୟ, ମାନପତ୍ର ସହିତ ଏକୋଇଶ ହଜାର ଟଙ୍କାର ଏକ ଚେକ ମଧ୍ୟ ପ୍ରଦାନ କରାଯାଇଛି । ଶ୍ରୀ ପତି ଅଧ୍ୟାପନା ଛାଡ଼ି ସାମ୍ବାଦିକତା ଭଳି ଏକ ଆହ୍ୱାନପୂର୍ଣ୍ଣ ଓ ଅସ୍ଥିର ବୃତିକୁ ଆଦରି ନେଇଥିଲେ । ଦୈନିକ 'ଧରିତ୍ରୀ'ରୁ ଆରମ୍ଭ ହୁଏ ତାଙ୍କର ପେସାଦାର ସାମ୍ବାଦିକତା ଜଣେ ସହସମ୍ପାଦକ ଭାବେ । ତା'ପରେ ସେ ଯୋଗଦିଅନ୍ତି 'ସମ୍ବାଦ'ରେ । ସେଠାରେ ସହ-ସମ୍ପାଦକ ଭାବେ କିଛିଦିନ କାମ କରିବା ପରେ ଏକାଧିକ ସହରର ପ୍ରତିନିଧି ଭାବେ କାମ କରିଛନ୍ତି । କିଛି ଦିନପରେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ କାଗଜ 'ସମାଜ'ରେ ଯୋଗଦେଇଥିଲେ ଜଣେ ସହ-ସମ୍ପାଦକ ଭାବେ । ତାପରେ କର୍ତୃପକ୍ଷ ପ୍ରଥମେ ତାଙ୍କୁ ରାଉରକେଲା ଓ ପରବର୍ତୀ ସମୟରେ ଭୁବନେଶ୍ୱର ବ୍ୟୁରୋ ଦାୟିତ୍ୱ ଅର୍ପଣ କରିଥିଲେ । ତାଙ୍କର ସମର୍ପିତ ବୃତିଗତ କାର୍ଯ୍ୟ, ନିରପେକ୍ଷତା, ନିଷ୍ଠାପରତା ଓ ଉତମ ବ୍ୟବହାରରେ ମୁଗ୍ଧ ହୋଇ କର୍ତୃପକ୍ଷ ତାଙ୍କୁ 'ସମାଜ'ର ବାର୍ତା ସମ୍ପାଦକ ଦାୟିତ୍ୱ ପ୍ରଦାନ କରିଥିଲେ । ସେ ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ଦ୍ୱାରା ସମ୍ମାନିତ । ଅଧ୍ୟାପକ ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସଂପାଦକ ସାଇପ୍ରସାଦ ଦାଶ ବିବରଣୀ ପାଠ କରିଥିଲେ । ସିନ୍ଧୁ ସାଗର ମହାନ୍ତି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଦୁଷ୍ମନ୍ତ କୁମାର ଡାରିକ ପରିଚୟ ପ୍ରଦାନ, ଶିବ ପ୍ରସାଦ ନାୟକ ମାନପତ୍ର ପାଠ, ଜଗଦାନନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ୟୁନିଟ-୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାର୍ଥୀମାନେ ଦେଶାତ୍ମକ ସଂଗୀତ ଗାନ କରିଥିଲେ । ଜ୍ଞାନେନ୍ଦ୍ର କୁମାର ନାୟକ,ଡଂ ପ୍ରଭାକର ବେହେରା, ବିପିନ ବେହେରା, ସୌମେନ୍ଦ୍ର ଜେନା,ତପେଶ ଦାସ,ଭଦ୍ରସେନ ସ୍ୱାଇଁ, ଅଚ୍ୟୁତ ବିଶ୍ୱାଳ, ନାରାୟଣଦାସ ମାଡ୍‌ଡ୍ୱାଲେ,ନିହାର ରଞ୍ଜନ ପତି,ସୂର୍ଯ୍ୟକାନ୍ତ ସାହୁ, ଅଂଶୁମାନ ମାର୍ଥା, ସୁମନ୍ତ କୁମାର ପଣ୍ଡା, ମନିନ୍ଦ୍ର ସୁନ୍ଦର ଦାଶ,ନିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗଣମାଧ୍ୟମରେ ସ୍ୱାଧୀନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଥିବା, ଜନସାଧାରଣଙ୍କୁ ନିରପେକ୍ଷ,ମୁକ୍ତ ଓ ଦାୟିତ୍ୱ ସମ୍ପନ୍ନ ସମ୍ବାଦ ପରିବେଷଣ ସହ ରାଷ୍ଟ୍ରୀୟ ବିଚାରଧାରାର ପ୍ରସାର ପାଇଁ ଲେଖନୀ ଚାଳନା କରୁଥିବା ଗଣମାଧ୍ୟମର ବ୍ୟକ୍ତିତ୍ୱଙ୍କୁ ପ୍ରତି ବର୍ଷ ବିଶ୍ୱ ସମ୍ବାଦ କେନ୍ଦ୍ର,ଓଡିଶା ତରଫରୁ ନାରଦ ଜୟନ୍ତୀରେ ରାଜ୍ୟ ସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଥାଏ । ୨୨ବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ତରଫରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ କରାଯିବା ସହ ରାଜ୍ୟର ଜଣେ ବରିଷ୍ଠ ତଥା ବିଶିଷ୍ଟ ସାମ୍ବାଦିକ ଓ ସ୍ତମ୍ଭଲେଖକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଭଗବାନ ନାୟକବର୍ମା,ସ୍ୱର୍ଗତ ଗୋପାଳ ମିଶ୍ର,ରାଜାରାମ ଶତପଥି, ଗୋପାଳକୃଷ୍ଣ ମହାପାତ୍ର, ଭାସ୍କର ପରିଚ୍ଛା, ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳ, ସୁଧୀର କୁମାର ଦାଶ, ଭାଗିରଥି ମହାସୁଆର, ଜଗବନ୍ଧୁ ମିଶ୍ର, ସ୍ୱର୍ଗତ ଅରୁଣ କୁମାର ପଣ୍ଡା, ପ୍ରତାପ ମହାନ୍ତି, ସିଦ୍ଧାର୍ଥ କାନୁନ୍‌ଗୋ, ପ୍ରଭୁ କଲ୍ୟାଣ ମହାପାତ୍ର, ଶିବନାରାୟଣ ସିଂହ, ତପନ ମିଶ୍ର, ସୁବ୍ରତ ଦାସ, ଆର୍ତ ମିଶ୍ର,ଅଭୟ କୁମାର ଦ୍ୱିବେଦୀ,ଡ. ଅସୀତ ମହାନ୍ତି ଓ ଉପେନ୍ଦ୍ର ପ୍ରସାଦ ମହଲା ପ୍ରମୁଖ ଏହି ନାରଦ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।

କଲେଜର ଅଧକ୍ଷ ଦିନବନ୍ଧୁ ମହାନ୍ତିଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଟିକାବାଲି, ୦୫/୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ନିକଟସ୍ଥ ପୁରୁଣା ବସ୍ ଷ୍ଟାଣ୍ଡ ମା ଗୌରୀ କଲ୍ୟାଣୀ ମଣ୍ଡପ ଠାରେ ଟିକାବାଲି ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ଲୋକ ପ୍ରିୟ, ଛାତ୍ର ଛାତ୍ରୀଙ୍କ ପ୍ରିୟ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ଏହି ବିଦାୟ ସମ୍ବର୍ଦ୍ଧନାରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଆକର୍ଷିତ ତଥା ବହୁ ଦୂରଦୂରାନ୍ତରୁ ଆସିଥିବା ସାଙ୍ଗ ସାଥୀ, ତଥା ଶଙ୍କରାଖୋଲ କଲେଜର ଅଧ୍ୟକ୍ଷ, ଲାଇନପଡ଼ା କଲେଜର ଅଧ୍ୟକ୍ଷ, କୋରାପୁଟ ମହାବିଦ୍ୟାଳୟର ଅଧ୍ୟକ୍ଷ ବନ୍ଧୁ ଯୋଗ ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିପରି ଟିକାବାଲି ବ୍ଲକର କୋଣ ଅନୁକୋଣରେ ଥିବା ବୁଦ୍ଧିଜୀବୀ ଭାଇ ଓ ଭଉଣୀ ପ୍ରତ୍ୟେକ ପ୍ରିୟ ଛାତ୍ର ଛାତ୍ରୀ, ସାମ୍ବାଦିକ ସଂଘ ଟିକାବାଲିର କର୍ମକର୍ତା,ଯୁବସାମ୍ବାଦିକ,ପ୍ରିଂଟ ମିଡିଆ , ଇଲେକ୍ଟ୍ରନିକ ମିଡିଆ ଭାଇ ମାନେ ଟିକାବାଲି ବ୍ଲକ ତଥା କନ୍ଧମାଳ ଓଡ଼ିଶା ର ସର୍ବଶ୍ରେଷ୍ଠ ଏକାଧିକ ଭାବରେ ଜଣେ ସାହିତ୍ୟିକ,ଶିକ୍ଷକ, କଳାକାର , ମାର୍ଗ ଦର୍ଶକ ସରଳ, ନମ୍ର,ମିଷ୍ଟ ଭାଷୀ, ମେଲାପି, ସୁଖ ଦୁଃଖ ର ସାଥୀ ଏହିପରି ଏକ ଅଧ୍ୟକ୍ଷ, ଗୁରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଙ୍କୁ ଲହ ଭରା ହୃଦୟରେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଏକ ନାମ ନୁହେଁ ସେହି ନାମରେ ଅନେକ ମହତ୍ ଐତିହାସିକ ବିଷବସ୍ତୁ ଲୁଚରହିଥିବା ଶିକ୍ଷା ଓ ମାର୍ଗ ଦର୍ଶକ ର ଗନ୍ତାଘର । ବାସ୍ତବ ଜୀବନରେ ଟିକାବାଲି ମହାବିଦ୍ୟାଳୟର ଏକ ଅଂଶ ତାହାର ନାମ ଦୀନବନ୍ଧୁ ।

ବୈଭବଙ୍କ ଉପରେ ମତାମତ ଦେବାକୁ ମନା କଲେ କପିଳ

ନୂଆଦିଲ୍ଲୀ, ୫/୫(ନ୍ୟୁ.ଏ): ବୈଭବ ସୂର୍ଯ୍ୟବଂଶୀ, ମାତ୍ର ୧୫ ବର୍ଷ ବୟସରେ ଅତି ନିର୍ଭୟ ଭାବେ ବିଶ୍ୱର ଆଗ ଧାଡ଼ିର ପ୍ରମୁଖ ବୋଲରମାନଙ୍କୁ ପ୍ରହାର କରୁଛନ୍ତି । ମାତ୍ର ୩୬ ବଲରେ ସେ ସନ୍ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଶତକ ହାସଲ କରିଥିଲେ । ସବୁଠି ତାଙ୍କର ଚର୍ଚ୍ଚା । କିନ୍ତୁ ବୈଭବଙ୍କ ଉପରେ କୌଣସି ମତାମତ ଦେବାକୁ ମନା କରି ଦେଇଛନ୍ତି ପୂର୍ବତନ ବିଶ୍ୱ ଚାମ୍ପିଅନ ଅଧିନାୟକ କପିଳ ଦେବ । ସେ କହିଛନ୍ତି, 'ବୈଭବଙ୍କ ଖେଳ ବିଷୟରେ ମୋତେ ବିଶେଷ କିଛି ଜଣା ନାହିଁ, କାରଣ ପ୍ରତ୍ୟକ୍ଷ ଭାବେ ତାଙ୍କ ଖେଳ ଦେଖି ନାହିଁ । ଆପଣମାନଙ୍କ ଭଳି ମୁଁ ମଧ୍ୟ ଟିଭିରେ ଯାହା ଦିଶୁଛି ତାହା ଦେଖୁଛି । ଘରେ ଟିଭିରେ ଖେଳ ଦେଖି କୌଣସି ବିଷୟରେ ମତାମତ ଦେବା ଠିକ ହେବ ନାହିଁ । ଯେଉଁମାନେ ତାଙ୍କର ଖେଳ ଦେଖୁଛନ୍ତି ଏବଂ କହୁଛନ୍ତି ସେମାନେ ଭଲ କହି ପାରିବେ । ଯେମିତି କି ସୁନୀଲ ଗାଭାସ୍କର, ରବି ଶାସ୍ତ୍ରୀ ଓ ହର୍ଷ ଭୋଗଲେ । ସେମାନେ ହିଁ ପ୍ରକୃତ କଥା କହିବେ ।' ଯଶପ୍ରୀତ ବୁମରା, ପାଟ କମିନ୍ସ ଓ ଜୋସ ହାଜେଲଉଡ୍ ?ଙ୍କ ଭଳି ବୋଲରଙ୍କ ବିରୋଧରେ ବୈଭବଙ୍କ ଆତ୍ମବିଶ୍ୱାସ ଅତି ଦୃଢ଼ ରହିଛି । ତାଙ୍କର ଫର୍ମ ହିଁ ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସକୁ ଆଗକୁ ଆଗେଇ ନେବାରେ ସହାୟକ ହେଉଛି ।

ଆଇପିଏଲରେ ଶୃଙ୍ଖଳା ବିଗାଡୁଛି 'ଗାର୍ଲଫ୍ରେଣ୍ଡ୍ କଲ୍‌ଚର'

ନୂଆଦିଲ୍ଲୀ, ୫/୫(ନ୍ୟୁ.ଏ): ଏଥର ଆଇପିଏଲରେ କିଛି ଅବିବାହିତ ଓ ବିବାହ ବିଚ୍ଛେଦ ହୋଇଥିବା ଖେଳାଳି ଅବଧିରେ ନିଜର ଗାର୍ଲଫ୍ରେଣ୍ଡ (ବାନ୍ଧବୀ) ଧରି ବୁଲୁଛନ୍ତି । ଟିମ୍ ବସରେ ସେମାନେ ଯାଉଛନ୍ତି ଏବଂ ଟିମ ହୋଟେଲରେ ମଧ୍ୟ ରହୁଛନ୍ତି । ଯାହାକୁ ନେଇ ବିସିସିଆଇ ପକ୍ଷରୁ ଘୋର ଅସନ୍ତୋଷ ପ୍ରକାଶ ପାଇଥିବା ଜାଣିବାକୁ ମିଳିଛି । ଏହାକୁ ନେଇ ବିସିସିଆଇ ଖୁସି ନାହିଁ । 'ଆଇପିଏଲରେ ଏହି 'ଗାର୍ଲଫ୍ରେଣ୍ଡ୍ କଲଚର' ଶୃଙ୍ଖଳା ଭଙ୍ଗ କରୁଛି ଏବଂ ଏହା ଭବିଷ୍ୟତ ପାଇଁ ବିପଦ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଏହି ଗର୍ଲଫ୍ରେଣ୍ଡ କଲ୍‌ଚର ରୋକିବାକୁ କଡ଼ା ନିୟମ ଆଣିବାକୁ ଯାଉଛି ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ । ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୈସ୍ୱାଲ, ଅର୍ଶଦୀପ ସିଂ ଓ ଇଶାନ କିଷନଙ୍କ ଭଳି ଖେଳାଳି ଅବଧିରେ ନିଜ ବାନ୍ଧବୀମାନଙ୍କୁ ଧରି ଏ ଭେନ୍ୟୁରୁ ସେ ଭେନ୍ୟୁକୁ ବୁଲୁଛନ୍ତି । ସେମାନଙ୍କୁ ନିଜ ଟିମ

ହୋଟେଲରେ ରଖୁଛନ୍ତି । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ବିସିସିଆଇ 'ଗାର୍ଲଫ୍ରେଣ୍ଡ କଲଚର'କୁ ନେଇ ଆଦୌ ଖୁସି ନୁହେଁ । ପୂର୍ବରୁ ସେମାନଙ୍କ ମଧ୍ୟରୁ କିଛି ସୋସିଆଲ ମିଡିଆରେ ବେଟିଂ ଆପର ପ୍ରଚାର କରୁଥିଲେ । ଏଭଳି ବିଶୃଙ୍ଖଳିତ ଆଚରଣ ବିରୋଧରେ ବିସିସିଆଇ ନୂଆ ନିୟମ ଆଣିବା ନେଇ ପ୍ରସ୍ତୁତ ହେଉଛି । ଏଭଳି ପରମ୍ପରା ଆଇପିଏଲରେ ଫିକ୍ସିଂକୁ ପ୍ରୋତ୍ସାହିତ କରିପାରେ । ଏହାଦ୍ୱାରା ଉଭୟ ବିସିସିଆଇ ଓ ଆଇପିଏଲର ଛବି ମଳିନ ହେବ । ବିସିସିଆଇର ବରିଷ୍ଠ ଅଧିକାରୀ ଜଣଙ୍କ କହିଛନ୍ତି, 'ଯଦି ଏଭଳି ପରମ୍ପରାକୁ ଏବେ ବନ୍ଦ କରାନଯାଏ, ତାହା ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିବ । ଆମେ ଦେଖୁଛୁ ଯେ ଟିମ୍ ବସ ଗୁଡ଼ିକ 'ଗାର୍ଲଫ୍ରେଣ୍ଡ'ମାନଙ୍କୁ ଅପେକ୍ଷା କରି ରହୁଛି । ସମାନ ହୋଟେଲରେ ସେମାନେ ରହୁଛନ୍ତି । ଖେଳାଳିମାନେ ନିଜର ବାନ୍ଧବୀମାନଙ୍କୁ ଅଫିସିଆଲ ଘୋଷଣା କରିବା ପରେ ଏସିୟୁ (ଦୁର୍ନୀତି ନିବାରଣ ୟୁନିଟ) ଅଧିକାରୀମାନେ ସେମାନଙ୍କୁ ରହିବାର ଅନୁମତି ଦେଉଛନ୍ତି । ମୁଁ ବୁଝି ପାରୁ ନାହିଁ ଯେ ଏ 'ଅଫିସିଆଲ ଗାର୍ଲଫ୍ରେଣ୍ଡ' ନିୟମ କେଉଁଠୁ ଆସିଲା । ବିସିସିଆଇର ଏଭଳି କିଛି ନିୟମ ନାହିଁ । ପୂର୍ବ ନିୟମ ଅନୁସାରେ, ଖେଳାଳିଙ୍କ ପତ୍ନୀ କିମ୍ବା ପରିବାର ଲୋକଙ୍କୁ ପାଖରେ ରହିବାର ଅନୁମତି ରହିଛି ।' ବିସିସିଆଇ ତା'ର ଆଗାମୀ ବୈଠକରେ ଏ ବିଷୟରେ ଆଲୋଚନା କରିବ । 'ଗାର୍ଲଫ୍ରେଣ୍ଡ କଲଚର' ପାଇଁ ନୂଆ ଗାଇଡଲାଇନ ଆସିବ । ଏହା କେବଳ ଆଇପିଏଲ ନୁହେଁ, ଭାରତୀୟ ଦଳ ପାଇଁ ମଧ୍ୟ ଲାଗୁ ହେବ । ଆଇପିଏଲରେ ଫ୍ରାଂଚାଇଜ ଗୁଡ଼ିକର ଭିନ୍ନ ଭିନ୍ନ ମାଲିକ ରହିଛନ୍ତି । ତେଣୁ ବିସିସିଆଇ ଏମିତି ନିୟମ ଆଣିବାକୁ ଯାଉଛି, ଯାହାକୁ ସମସ୍ତ ଫ୍ରାଂଚାଇଜ ପାଳନ କରିବେ ।

ନିର୍ବାଚନ ହାରିନି, ଇସ୍ତଫା ଦେବାର ପ୍ରଶ୍ନ ଉଠୁନି: ମମତା

କୋଲକାତା, ୫/୫(ନ୍ୟୁ.ଏ): ପଶ୍ଚିମବଙ୍ଗରେ ଲଗାତାର ୩ ପାଳି କ୍ଷମତାରେ ରହିବା ପରେ ଗତକାଲି ବିଜେପିଠାରୁ ନିର୍ବାଚନ ହାରିଥିବା ତୃଣମୂଳ କଂଗ୍ରେସ ମୁଖ୍ୟ ଏବଂ ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିଦେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମମତା କହିଛନ୍ତି, ମୁଁ ନିର୍ବାଚନ ହାରିନାହିଁ, ତେଣୁ ମୁଁ ରାଜଭବନ ଯିବିନାହିଁ । ମୋର ଇସ୍ତଫା ଦେବାର ପ୍ରଶ୍ନ ଉଠୁନି । ମମତା ଦାବି କରିଛନ୍ତି ଯେ, ନିର୍ବାଚନ ନିରପେକ୍ଷ ଭାବେ ପରିଚାଳନା କରାଯାଇନି । ନିର୍ବାଚନକୁ ବଳପୂର୍ବକ କବ୍‌ଜା କରିବା ପାଇଁ ବିଜେପି ଅନୁଚିତ ହସ୍ତକ୍ଷେପ କରିଛି ଏବଂ କେନ୍ଦ୍ରୀୟ ବାହିନୀ ବ୍ୟବହାର କରିଛି । ମମତା ଦୃଢ଼ୋକ୍ତି ବାଢ଼ିଛନ୍ତି ଯେ, ତାଙ୍କ ଦଳ ଫଳାଫଳକୁ ଚ୍ୟାଲେଞ୍ଜ କରିବ ଏବଂ ଏହାର ରାଜନୈତିକ ଲଢ଼େଇ ଜାରି ରଖିବ । ସେ କହିଛନ୍ତି, ଆମେ ଜନାଦେଶ ଦ୍ୱାରା ହାରିନାହୁଁ ବରଂ ଷଡ଼ଯନ୍ତ୍ର ଦ୍ୱାରା ହାରିଛୁ । ଆମେ ବାଘ ପରି ଲଢ଼ିଛୁ ଏବଂ ପୁଣିଥରେ ଫେରିବୁ । ସେ କହିଛନ୍ତି, ତାଙ୍କ ଦଳର ଲଢ଼େଇ କେବଳ ବିଜେପି ସହ ନୁହେଁ ବରଂ ନିର୍ବାଚନ କମିସନ ବାସ୍ତବ ପ୍ରତିଦ୍ୱନ୍ଦ୍ୱୀ । ମମତା କହିଛନ୍ତି, ଆମେ ଇସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ଆମେ ଲଢ଼ିବୁ । କିନ୍ତୁ ରଣନୀତି ଏବେ ଗୁପ୍ତ ରହିବ । ଏ ସମ୍ପର୍କରେ ଏବେ କିଛି କୁହାଯିବନି । ସେ କହିଛନ୍ତି, ଆମେ ସିଗ୍ର ବ୍ୟବସ୍ଥା ବିରୋଧରେ ଲଢ଼ିଛୁ । ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ମଧ୍ୟ ସମ୍ପୃକ୍ତ । ସେମାନେ ୯୦ ଲକ୍ଷ ନାଁ ଭୋଟର ତାଲିକାରୁ କାଟି ଦେଇଥିଲେ । ଆମେ କୋର୍ଟକୁ ଯିବା ପରେ ତାଲିକାରେ ପୁଣି ୩୨ ଲକ୍ଷ ନାଁ ଯୋଡ଼ିହେଲା । ଏହା ଅତ୍ୟନ୍ତ

ଦୁଃଖଦାୟକ ଯେ, ମୁଖ୍ୟ ନିର୍ବାଚନ କମିସନର ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଲୁଟ୍ କରିବା ପାଇଁ ଏବଂ ଇଭିଏମ୍ ଲୁଟ୍ କରିବା ପାଇଁ ଚଳିତ ନିର୍ବାଚନର ଭିଲିଆନ୍ ପାଲଟିଥିଲେ । ଇଭିଏମ୍‌ରେ ଭୋଟ୍ ଦେବା ପରେ ୮୦-୯୦ ପ୍ରତିଶତ ଚାର୍ଜ ରହିଲା କିପରି ? ନିର୍ବାଚନର ୨ ଦିନ ପୂର୍ବରୁ ସେମାନେ ଆମ ଲୋକଙ୍କୁ ଗିରଫ କଲେ । ସେମାନେ ସବୁଠି ଚଢ଼ଉ କଲେ । ସେମାନେ ସମସ୍ତ ଆଇପିଏସ୍ ଓ ଆଇଏଏସ୍ ଅଫିସରଙ୍କୁ ବଦଳି କଲେ । ଏହା ବିଜେପି ଓ ନିର୍ବାଚନ କମିସନ ମଧ୍ୟରେ ଏକ ସେଟିଂ ଥିଲା । ଆମେ ସମସ୍ତ ବ୍ୟବସ୍ଥା ବିରୋଧରେ ଲଢ଼ିଛୁ । ସେମାନେ ଅତି ଖରାପ ଖେଳ ଖେଳିଛନ୍ତି । ମୋ ଜୀବନରେ ମୁଁ ଏମିତି ନିର୍ବାଚନ କେବେ ଦେଖି ନାହିଁ । ନିର୍ବାଚନରେ ସିଧାସଳଖ ହସ୍ତକ୍ଷେପ ଅଭିଯୋଗ କରି ମମତା କହିଛନ୍ତି, ସେମାନେ ମହାରାଷ୍ଟ୍ର, ହରିୟାଣା, ବିହାର ଓ ଏବେ ପଶ୍ଚିମବଙ୍ଗରେ ନିର୍ବାଚନ ଚୋରାଇଛନ୍ତି । ତାଙ୍କୁ ମତଦାନ କେନ୍ଦ୍ରରେ ମାଡ଼ ମରାଯାଇଛି । ତାଙ୍କ ପେଟ ଓ ପିଠିକୁ ଗୋଇଠା ମରାଯାଇଛି । ଏହି ସମୟରେ ସିସିଟିଭି କ୍ୟାମେରା ବନ୍ଦ ଥିଲା ଏବଂ ତାଙ୍କୁ ଗଣତି କେନ୍ଦ୍ରରୁ ଠେଲି ବାହାର କରାଯାଇଥିଲା । ଜଣେ ମହିଳା ହୋଇଥିଲେ ମଧ୍ୟ ତାଙ୍କ ସହ ଏଭଳି ଦୁର୍ବ୍ୟବହାର କରାଯାଇଥିବା ସେ କହିଛନ୍ତି । ଅନ୍ୟପକ୍ଷେ ମମତା ବିଜେପିକୁ ସତର୍କ କରାଇଛନ୍ତି ଯେ କ୍ଷମତା ସ୍ଥାୟୀ ନୁହେଁ ଏବଂ ଇତିହାସର ପୁଣିଥରେ ପୁନରାବୃତ୍ତି ହେବ । ମମତା କହିଛନ୍ତି, ସେ ରାଜୀବ ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ ଓ ଡକ୍ଟର ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାର ଦେଖିଛନ୍ତି । କିନ୍ତୁ କେବେ ବି ଏଭଳି ଅତ୍ୟାଚାର ଦେଖିନାହାନ୍ତି । ଆଗାମୀ ଦିନରେ ଦଳର ରଣନୀତି କ'ଣ ରହିବ ତାହା ବାନାର୍ଜୀ ପ୍ରକାଶ କରିନାହାନ୍ତି । ଇଣ୍ଡି ମେଂଟ ନେତାମାନେ ତାଙ୍କ ସହ ଯୋଗାଯୋଗ କରିଥିବା ଏବଂ ତାଙ୍କୁ ସମର୍ଥନ ମିଳିଥିବା ସେ କହିଛନ୍ତି । ମମତା କହିଛନ୍ତି, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ହେମନ୍ତ ସୋରେନ, ତେଜସ୍ୱୀ ଯାଦବ ଓ ଅନ୍ୟ ନେତାମାନେ ମୋତେ ଫୋନ୍ କରିଛନ୍ତି । ଅଖିଳେଶ ମୋତେ ଆସନ୍ତାକାଲି ଭେଟିବାକୁ ଆସିବେ । ଏବେ ମୋର ଲକ୍ଷ୍ୟ ସ୍ପଷ୍ଟ । ମୁଁ ଏକ ମୁକ୍ତ ବିହଙ୍ଗ । ଇଣ୍ଡିମେଂଟ ନେତାମାନଙ୍କ ସହ ମୁଁ କ'ଣ ଆଲୋଚନା କରିବି ତାହା ସ୍ଥିର କରିସାରିଛି । ଟିଏମ୍‌ସି ନେତା ଓ କର୍ମୀଙ୍କ ଉପରେ ଯେଉଁଠାରେ ଆକ୍ରମଣ ହୋଇଛି ଏବଂ ଯେଉଁଠାରେ ପାର୍ଟି ଅଫିସ୍ ଭଙ୍ଗାରୁଜା କରାଯାଇଛି ସେଠାକୁ ଦଳ ୫ ସାଂସଦଙ୍କ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ପଠାଇବ ବୋଲି ମମତା କହିଛନ୍ତି ।

ଆଇସିସି ଟ୍ୱେଣ୍ଟି-୨୦ ମାନ୍ୟତା: ଶୀର୍ଷସ୍ଥାନ ବଜାୟ ରଖିଲା ଭାରତ

ମୁମ୍ବାଇ, ୫/୫(ନ୍ୟୁ.ଏ): ବିଶ୍ୱ ଟ୍ୱେଂଟି-୨୦ ମାନ୍ୟତାରେ ଶୀର୍ଷ ସ୍ଥାନ ବଜାୟ ରଖିଛି ତିନିଥରର ବିଶ୍ୱ ବିଜେତା ଭାରତ । ଆଇସିସି ପକ୍ଷରୁ ମଙ୍ଗଳବାର ପ୍ରକାଶିତ ମାନ୍ୟତାରେ ଭାରତର ୨୭୫ ପଏଂଟ୍ ସହ ପ୍ରଥମ ସ୍ଥାନରେ ଥିବାବେଳେ ୨୬୨ ପଏଂଟ୍ ସହ ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି । ୨୫୮ ପଏଂଟ୍ ସହ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ଥିବାବେଳେ ୨୪୭ ପଏଂଟ୍ ସହ ବିଶ୍ୱକପ୍ ଉପବିଜେତା ନ୍ୟୁଜିଲାଣ୍ଡ ଚତୁର୍ଥ ସ୍ଥାନରେ ରହିଛି । ପରବର୍ତ୍ତୀ ତିନୋଟି ସ୍ଥାନରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ଅଛନ୍ତି । ଗତ ଫେବ୍ରୁଆରି-ମାର୍ଚ୍ଚରେ ଅନୁଷ୍ଠିତ ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ୍ ହୋଇ ପ୍ରଥମ ଦଳ ଭାବେ ଟାଇଟେଲ୍‌କୁ ବଜାୟ ରଖିଥିଲା । ଏହା ଦଳର ଶୀର୍ଷସ୍ଥାନ ବଜାୟ ରଖିବାରେ ସହାୟକ ହୋଇଛି । ତାଲିକାର ପ୍ରଥମ ସାତଟି ସ୍ଥାନରେ ଥିବା ଦଳଗୁଡ଼ିକର ସ୍ଥାନ ଅପରିବର୍ତ୍ତିତ ଥିବାବେଳେ ଶ୍ରୀଲଙ୍କା (୨୨୧) ଛଅ ରେଟିଂ ପଏଂଟ ହରାଇ ନବମକୁ ଖସିଆସିଛି । କିନ୍ତୁ ବାଂଲାଦେଶ (୨୨୫) ଅଷ୍ଟମ ସ୍ଥାନକୁ ଉନ୍ନୀତ ହୋଇଛି । ୨୨୦ ପଏଂଟ୍ ସହ ଦଶମ ସ୍ଥାନରେ ଆଫଗାନିସ୍ତାନ ରହିଛି ।

ତାମିଲନାଡୁର ବିତୀୟ ଗଣିତକୁ ବିଗାଡ଼ିପାରେ ମାଗଣା ଘୋଷଣା

ଚେନ୍ନାଇ, ୫/୫(ନ୍ୟୁ.ଏ): ତାମିଲନାଡୁରେ ବିଜୟ ହାସଲ କରିଥିବା ବିଜୟଙ୍କ ଦଳ ଟିଭିକେ (ତାମିଲଗା ଭେଟ୍ରି କାଝାଗମ)ର ନିର୍ବାଚନୀ ଇସ୍ତାହାରରେ ଉଭୟ ବିକାଶମୂଳକ ପ୍ରକଳ୍ପ ଏବଂ ମହିଳା, ଯୁବଗୋଷ୍ଠୀ ଓ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ବିଭିନ୍ନ ମାଗଣା ପ୍ରତିଶ୍ରୁତି ରହିଛି । ଟିଭିକେ ଇସ୍ତାହାରରେ ପ୍ରତି ପରିବାରର ମହିଳା ମୁଖ୍ୟାଙ୍କୁ ମାସିକ ୨୫୦୦ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ସ୍କୁଲ୍ ଡ୍ରପଆଉଟ୍ ରୋକିବାପାଇଁ ପ୍ରତି ପିଲାଙ୍କ ମା' ଓ ଅଭିଭାବକଙ୍କୁ ବାର୍ଷିକ ୧୫ ହଜାର ଟଙ୍କା, ଗ୍ରାଜୁଏଟ୍ ଓ ଡିପ୍ଲୋମାଧାରୀଙ୍କ ପାଇଁ ବେକାରୀ ସହାୟତା, ସମବାୟ ଫସଲ ପାଇଁ ଋଣଛାଡ଼ ଏବଂ ବୁଣାକାର ପରିବାର ଆକାଉଂଟକୁ ବାର୍ଷିକ ୩୦ ହଜାର ଟଙ୍କା ପଠାଇବ ବୋଲି ଦଳ ପ୍ରତିଶ୍ରୁତି ଦେଇଛି । ଏଥିସହ ଆର୍ଥିକ ଦୁର୍ବଳ ପରିବାରର ଝିଅ ବାହାଘରରେ ବିଜୟ ୮ ଗ୍ରାମ୍ ସୁନା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଦଳ ଯଦି ଏହିସବୁ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରେ ତେବେ କରୋନା ମହାମାରୀ ପରଠାରୁ ବିତୀୟ ସ୍ଥିତି ଭଲଥିବା ତାମିଲନାଡୁରେ ଏହା ଆଗକୁ ବିଗିଡ଼ି ଯାଇପାରେ । ସଂଶୋଧିତ ଆକଳନରୁ ଜଣାଯାଇଛି ? ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ବିତୀୟ ନିଅଂଟରେ ସାମାନ୍ୟ ବୃଦ୍ଧି ଦେଖାଦେଇଛି । ୨୦୨୬-୨୭ ବଜେଟ୍‌ରେ ବିତୀୟ ନିଅଂଟ ଜିଡିପିର ୩ ପ୍ରତିଶତ ରହିବ ବୋଲି ଯଦିଓ ଆକଳନ କରାଯାଇଛି କିନ୍ତୁ ତାହା ଅସମ୍ଭବ ମନେ ହେଉଛି । ସେହିଭଳି ରାଜସ୍ୱ ନିଅଂଟରେ ମଧ୍ୟ ବୃଦ୍ଧି ଧାରା ଦେଖିବାକୁ ମିଳିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ଜିଡିପିର ୧.୪୭ ପ୍ରତିଶତ ଥିବାବେଳେ ୨୦୨୫-୨୬ରେ ଏହା ୧.୯୪ ପ୍ରତିଶତକୁ ବୃଦ୍ଧି ପାଇଛି । ଏଭଳି ସ୍ଥିତିରେ ମାଗଣା ଯୋଜନା ତାମିଲନାଡୁର ବିତୀୟ ଗଣିତକୁ ବିଗାଡ଼ିପାରେ ।

ଆରବ ସାଗରରେ ଫସି ରହିଥିବା ଭାରତୀୟ ଜାହାଜକୁ ସହାୟତାର ହାତ ବଢାଇଲା ପାକିସ୍ତାନ

ନୂଆଦିଲ୍ଲୀ, ୫/୫(ନ୍ୟୁ.ଏ): ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆରବ ସାଗରରେ ଫସି ରହିଥିବା ଭାରତୀୟ ଜାହାଜକୁ ସହାୟତା କରିବାକୁ ଆଗେଇ ଆସିଲା ପାକିସ୍ତାନ । ୭ ଜଣଙ୍କ ଜୀବନ ବଂଚାଇଲା ନୌସେନା । ଓମାନରୁ ଭାରତ ଫେରୁଥିବା ଜାହାଜଟି ସମୁଦ୍ରରେ ବିପଦରେ ଥିବା ସୂଚନା ଦେଇଥିଲା, ଯାହା ପରେ ପାକିସ୍ତାନ କର୍ତ୍ତୃପକ୍ଷ ଏକ ମାନବିକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସୂତ୍ର ଅନୁଯାୟୀ, ମୁମ୍ବାଇ ସ୍ଥିତ ସାମୁଦ୍ରିକ ଉଦ୍ଧାର ଏବଂ ସମନ୍ୱୟ କେନ୍ଦ୍ର (MRCC) ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ସହାୟତା ପାଇଁ ଅନୁରୋଧ କରିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଭାରତୀୟ ଜାହାଜ, ଗଠ ଗୌତମ, ଓମାନରୁ ଭାରତ ଅଭିମୁଖେ ଯାଉଥିବା ସମୟରେ ଏଥିରେ ଏକ ଗୁରୁତର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଜାହାଜରେ ଛଅ ଜଣ ଭାରତୀୟ ଏବଂ ଜଣେ ଇଣ୍ଡୋନେସିଆନ ନାଗରିକ ସମେତ ମୋଟ ସାତ ଜଣ କ୍ରୁ ସଦସ୍ୟ ଥିଲେ । ଏହି ଅପରେସନରେ ପାକିସ୍ତାନ ନୌସେନା

ପାକିସ୍ତାନ ସାମୁଦ୍ରିକ ସୁରକ୍ଷା ଏଜେନ୍ସି (PMSA) ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲା । ଫସି ରହିଥିବା କର୍ମଚାରୀମାନଙ୍କୁ ତୁରନ୍ତ ଖାଦ୍ୟ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜରୁରୀକାଳୀନ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜାହାଜର ଯାନ୍ତ୍ରିକ ସମସ୍ୟାକୁ ମରାମତି କରି ଏହାକୁ ସୁରକ୍ଷିତ ସ୍ଥାନକୁ ଟାଣିବା ପାଇଁ ପ୍ରୟାସ ଜାରି ରହିଛି । ସମୁଦ୍ରରେ ଏପରି ମାନବୀୟ ସହାୟତା ପ୍ରଦାନ କରାଯିବା ଏହା ପ୍ରଥମ ଥର ନୁହେଁ । ଗତ ମାସରେ, ଆରବ ସାଗରରେ ଏକ ବିପଦପୂର୍ଣ୍ଣ ଡାକ ପାଇବା ପରେ ପାକିସ୍ତାନ ନୌସେନା ଏକ ବାଣିଜ୍ୟ ଜାହାଜରୁ ବିଦେଶୀ ନାଗରିକଙ୍କ ସମେତ ୧୮ ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିଥିଲା ।

ପ୍ରିପେଡ୍ ମିଟରଗୁଡ଼ିକ ଏବେ ଅଟୋମେଟିକ୍ ହୋଇଯିବ ପୋଷ୍ଟପେଡ୍

ଲକ୍ଷ୍ନୌ, ୫/୫(ନ୍ୟୁ.ଏ): ଉତ୍ତର ପ୍ରଦେଶର ଯୋଗୀ ସରକାର ପ୍ରିପେଡ୍ ମିଟରର ବାଧ୍ୟତାମୂଳକତାକୁ ଶେଷ କରିଦେଇଛନ୍ତି । ତାଙ୍କର ଏହି ନିଷ୍ପତ୍ତି ପରେ ରାଜଧାନୀର ଦୁଇ ଲକ୍ଷରୁ ଅଧିକ ବିଜୁଳି ଉପଭୋକ୍ତାଙ୍କୁ ବଡ଼ ଆଶ୍ୱସ୍ତି ମିଳିବ । ଖାସ୍ କଥା ଏହା ଯେ, ସବୁ ପ୍ରିପେଡ୍ ମିଟର ନିଜକୁ ନିଜେ ପୋଷ୍ଟପେଡ୍‌ରେ ବଦଳିଯିବ । ଏଥିପାଇଁ ଉପଭୋକ୍ତାଙ୍କୁ କେଉଁଠାରେ ବି ଆବେଦନ କରିବାକୁ ପଡିବନି କିମ୍ବା ଅତିରିକ୍ତ ଶୁଳ୍କ ଦେବାକୁ ପଡିବନି । ଅଧିକାରୀଙ୍କ କହିବା ଅନୁସାରେ, ସ୍ମାର୍ଟ ମିଟର କମ୍ପ୍ୟୁଟରର ସଫ୍ଟୱେର ଗୋଟିଏ କ୍ଲିକ୍‌ରେ ପୋଷ୍ଟପେଡ୍ ମୋଡ୍‌ରେ ବଦଳିଯିବ । ପ୍ରତି ମାସ ୧ ରୁ ୧୦ ତାରିଖ ଭିତରେ ଉପଭୋକ୍ତାଙ୍କ ମୋବାଇଲକୁ ଲିଙ୍କ ସହିତ ବିଲର ମେସେଜ୍ ଆସିଯିବ । ଏବେ ବିଲ୍ ସ୍ଲିପ୍ ବାହାର କରିଥିବା କର୍ମଚାରୀ ଘରେ ପହଁଚିବେ ନାହିଁ । ମଇ ମାସର ବିଲ୍ ମେସେଜ୍ ଉପଭୋକ୍ତାଙ୍କ ମୋବାଇଲରେ ୧ ଜୁନ୍‌ରୁ ୧୦ ଜୁନ୍ ଭିତରେ ପହଁଚିବ । ୧୫ ଦିନ ଭିତରେ ଏହାକୁ ଜମା କରିବାକୁ ହେବ । ସ୍ମାର୍ଟ ମିଟର ପୋଷ୍ଟପେଡ୍ ମୋଡ୍‌ରେ ଯଦିଓ କାମ କରିବ, କିନ୍ତୁ ଏହାଦ୍ୱାରା ବିଲ୍ ଜମା ନକରୁଥିବା ବଡ଼ ଖିଲାପକାରୀଙ୍କ ପାଇଁ ସମସ୍ୟା ମଧ୍ୟ ହେବ । ତାଙ୍କର ବିଜୁଳି ଗୋଟିଏ କ୍ଲିକ୍‌ରେ କଟିବ ଓ ବିଲ୍ ଜମା କରିବା ଉପରେ ହିଁ ଚାଲୁ ହେବ । ଏପର୍ଯ୍ୟନ୍ତ ପୋଷ୍ଟପେଡ୍ ମୋଡ୍‌ରେ ବିଜୁଳି ଖର୍ଚ୍ଚ କରି କରିବ ବଡ଼ ଖିଲାପକାରୀ ସ୍ମାର୍ଟ ମିଟର ପୋଷ୍ଟପେଡ୍ ମୋଡ୍‌ରେ କାମ କରିପାରେ, କିନ୍ତୁ ଏହା ବଡ଼ ଡିଫଲ୍ଟରଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିବ ଯେଉଁମାନେ ସେମାନଙ୍କର ବିଲ୍ ପେଠ କରୁନାହାଁନ୍ତି । ଗୋଟିଏ କ୍ଲିକ୍‌ରେ ସେମାନଙ୍କର ବିଦ୍ୟୁତ୍ କାଟି ଦିଆଯିବ ଏବଂ ପେମେଂଟ ପରେ ହିଁ ପୁଣି ଦିଆଯିବ । ଉଲ୍ଲେଖନୀୟ ଯେ ଏପର୍ଯ୍ୟନ୍ତ ପୋଷ୍ଟପେଡ୍ ମୋଡ୍‌ରେ ବିଦ୍ୟୁତ୍ ବ୍ୟବହାର କରୁଥିବା ବଡ଼ ଡିଫଲ୍ଟରମାନେ ଦେୟ ଦେଉ ନଥିଲେ । ଯେତେବେଳେ ଲାଇନମ୍ୟାନ୍ ଏବଂ କର୍ମଚାରୀମାନେ ସଂଯୋଗ ବିଚ୍ଛିନ୍ନ କରିବାକୁ ଯାଉଥିଲେ, ସେମାନଙ୍କ ସହିତ ଅଭଦ୍ର ବ୍ୟବହାର କରାଯାଉଥିଲା । ସେମାନଙ୍କ ଉପରେ ପ୍ରାୟତଃ ଟଙ୍କା ଦାବି କରିବାର ଅଭିଯୋଗ ହେଉଥିଲା । ଏବେ, ଯଦି କର୍ମଚାରୀମାନେ ସାଇଟ୍‌କୁ ନ ଯାଆନ୍ତି, ଏଭଳି ଅଭିଯୋଗ ବି ରହିବନି । ଗ୍ରାହକମାନେ ପୂର୍ବ ମାସ ପର୍ଯ୍ୟନ୍ତ କିସ୍ତିରେ ସେମାନଙ୍କର ବିଲ୍ ପେଠ କରିପାରିବେ । ବିଲ୍ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ମେ-ଜୁନ୍ ମାସରେ ଶିବିର ଅନୁଷ୍ଠିତ ହେବ ।

୭ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବିଜୟ

ନୂଆଦିଲ୍ଲୀ, ୫/୫(ନ୍ୟୁ.ଏ): ଡେବ୍ୟୁ ନିର୍ବାଚନରେ କମାଲ କରିଥିବା ଥାଲପତି ବିଜୟ ଆସନ୍ତା ୭ ତାରିଖରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ପାରନ୍ତି । ତାଙ୍କ ଦଳ ଟିଭିକେ ପ୍ରଥମଥର ତାମିଲନାଡୁ ବିଧାନସଭା ନିର୍ବାଚନ ଲଢୁଥିବା ବେଳେ ୧୦୮ ଆସନରେ ବିଜୟ ହାସଲ କରିଛି । ତାମିଲନାଡୁରେ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ୧୧୮ ଠାରୁ ଦଳ ୧୦ଟି ଆସନ ପଛରେ ରହିଛି । ତଥାପି ବିଜୟ ଓ ଟିଭିକେ ସରକାର ଗଠନ କରିବା ମୁଡରେ ରହିଛନ୍ତି । କଂଗ୍ରେସ ସମେତ ଛୋଟ ଛୋଟ ଦଳକୁ ନେଇ ବିଜୟ ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା ରଖୁଛନ୍ତି । କିନ୍ତୁ କେଉଁ ଦଳ ବିଜୟଙ୍କ ସହ ହାତ ମିଳାଇବେ, ତା'ହା ସ୍ପଷ୍ଟ ହୋଇନାହିଁ । ଏମକେ ଷ୍ଟାଲିନଙ୍କ ଡିଏମକେ ଓ କଂଗ୍ରେସ ମେଂଟକୁ

ହରାଇ ବିଜୟ ତାମିଲନାଡୁରେ ବିଜୟ ଟୀକା ପିନ୍ଧିଛନ୍ତି । ଡିଏମକେ ସ୍ପଷ୍ଟ କରିଛି ଯେ ଦଳ ଟିଭିକେ ସହ ମେଂଟ କରିବ ନାହିଁ । ସେହିପରି ସହଯୋଗୀ ଭିସିକେ ଓ ବାମପନ୍ଥୀ ମଧ୍ୟ ମେଂଟ ସପକ୍ଷରେ ନାହାନ୍ତି । କିନ୍ତୁ କଂଗ୍ରେସ ପରୋକ୍ଷରେ ଡିଏମକେକୁ ଛାଡ଼ି ଟିଭିକେ ସହ ମେଂଟ କରିବା ଯୋଜନାରେ ରହିଛି । ଟିଭିକେ ମଧ୍ୟ ଭିସିକେ ଓ ବାମ ଦଳଗୁଡ଼ିକ ସହ ପଛ ଦ୍ୱାରରେ ଆଲୋଚନା ଜାରି ରଖିଥିବା ରିପୋର୍ଟ ପ୍ରକାଶ ପାଇଛି । ମେଂଟ ସରକାର ଗଠନ କରି ବିଜୟ ମୁଖ୍ୟମନ୍ତ୍ରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ତାଙ୍କ ଦଳ କଂଗ୍ରେସ ସମେତ ବିଦୁଥାଲାଇ ଚିରୁଥାଇଗାଲ କାଟଚି(ଭିସିକେ), ସିପିଆଇଏମ, ସିପିଏମ ଓ ଇଣ୍ଡିଆନ ୟୁନିୟନ ମୁସଲିମ ଲିଗ ସହ କଥାବାର୍ତ୍ତା ଆରମ୍ଭ କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡିଏମକେ ନେତୃତ୍ୱାଧୀନ ସେକ୍ୟୁଲାର ପ୍ରୋଗ୍ରେସିଭ ମେଂଟ ବା ଏସ୍‌ପିଏର ଅଂଶବିଶେଷ ହେଉଛନ୍ତି କଂଗ୍ରେସ, ଭିସିକେ, ସିପିଆଇ, ସିପିଆଇଏମ ଓ ଆଇୟୁଏମଏଲ । ଏହି ଦଳଗୁଡ଼ିକ ଏକାଠି ତାମିଲନାଡୁରେ ବିଧାନସଭା ନିର୍ବାଚନ ଲଢ଼ିଥିଲେ । କଂଗ୍ରେସ ରାଜ୍ୟରେ ୫ଟି ଆସନ ଜିତିଥିବା ବେଳେ ଆଇୟୁଏମଏଲ ୪ଟି, ସିପିଆଇ, ସିପିଆଇଏମ ଓ ଭିସିକେ ୨ଟି ଲେଖାଏ ଆସନ ଜିତିଛନ୍ତି । ଯଦି କଂଗ୍ରେସ ଓ ମେଂଟରେ ଥିବା ବାକି ଦଳଗୁଡ଼ିକ ବିଜୟଙ୍କ ସହ ହାତ ମିଳାନ୍ତି, ତା'ହେଲେ ଟିଭିକେ ବେଶ ସହଜରେ ତାମିଲନାଡୁରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରି ନେବ । ଅନ୍ୟପକ୍ଷରେ ବିଜୟ ଚଳିତ ବିଧାନସଭା ନିର୍ବାଚନରେ ଚେନ୍ନାଇର ପେରମ୍ବୁର ସହିତ ତିରୁଚିରାପଲ୍ଲୀ (ଇଷ୍ଟ)ରୁ ପ୍ରାର୍ଥୀ ହୋଇଥିଲେ । ଉଭୟ ଆସନରେ ତାଙ୍କୁ ଦମଦାର ବିଜୟ ମଧ୍ୟ ମିଳିଛି ।



Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das